R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୧୪
ତିଥି : ନବମୀ
୧୦ ମେ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 214
10 May 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur



ସବୁଠାରୁ ସରଳ ଓ ନିଆରା ଶବ୍ଦ ହେଲା ମା', ଯିଏ ଆମ ଜୀବନରେ ଭରିଥାଏ ଅନାବିଳ ଖୁସି । ଯାହାର କୋମଳ ସ୍ପର୍ଶ ଭୁଲାଇଦେଇଥାଏ ଜୀବନର ଝଡଝଞ୍ଜା । ଯାହାର ପରାମର୍ଶକୁ ପାଥେୟ କରି ମିଳିଥାଏ ବିଭିନ୍ନ ସମସ୍ୟାର ସମାଧାନ । ସେହି ମା'ର ସମ୍ମାନରେ ଜୀବନର ସବୁଦିନ ଉତ୍ସର୍ଗୀକୃତ ।




ପ୍ରଥମ ମାତୃତ୍ୱ ଦିବସ ୧୯୦୭ରେ ପାଳନ ହେବା ଆରମ୍ଭ ହୋଇଥିଲା । ଏହି ଦିବସକୁ ୟୁନାଇଟେଡ୍ ଷ୍ଟେଟସ୍‌ରେ ଜୁଲିଆ ଓ୍ୱାର୍ଡ ହେୱ ଓ ଆନ୍ନା ଜାର୍ଭେସ ପାଳନ କରିବା ଆରମ୍ଭ କରିଥିଲେ । ମଇ ମାସର ଦ୍ୱିତୀୟ ରବିବାରକୁ ମାତୃତ୍ୱ ଦିବସ ଭାବେ ସମଗ୍ର ବିଶ୍ୱରେ ପାଳନ କରାଯାଇଥାଏ । ଏହି ଦିନଟିକୁ ପ୍ରାୟ ୫୦ ଦେଶ ପାଳିଥାଆନ୍ତି, କେତେକ ଦେଶରେ ଭିନ୍ନଭିନ୍ନ ଦିନରେ ଏହାକୁ ପଳାଯାଇଥାଏ । ମା'ଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ଦିନଟିକୁ ପାଳନ କରାଯାଏ । ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଦିନଟିକୁ ପାଳନ କରାଯାଇଥାଏ । ଅନେକ ଅନୁଷ୍ଠାନ ସାମାଜିକ ସ୍ତରରେ ବିଭିନ୍ନ କାମରେ ଖ୍ୟାତି ଅର୍ଜନ କରିଥିବା ମା'ଙ୍କୁ ସମ୍ମାନୀତ କରିଥାଆନ୍ତି । ଏହି ଦିନଟିକୁ ପ୍ରାୟ ସମସ୍ତେ ଛୋଟଛୋଟ କାର୍ଯ୍ୟକ୍ରମ ଜରିଆରେ ନିଜ ମା'ଙ୍କ ସହିତ ବିତାଇଥାଆନ୍ତି ।

# ଖୁସିରେ ବିତାନ୍ତୁ

ଆମ ଜୀବନରେ କିଛି ବି ଖୁସି ଆସିଲେ ସର୍ବଦା ମା'ମାନେ ପ୍ରଥମେ ଖୁସି ହୋଇଥାଆନ୍ତି । ଏହି ଖୁସିକୁ ସେ ବିଭିନ୍ନ ଉପାୟରେ ପାଳନ କରିଥାଆନ୍ତି । ତେବେ ସବୁଦିନ ଆମେ ମା'ଙ୍କ ପାଇଁ ଉତ୍ସବ ପାଳିପାରିବା କିନ୍ତୁ ମଦର୍ସ ଡେ'ରେ କିଛି ନିଆରା କରି ତାଙ୍କୁ ଖୁସି ମଧ୍ୟ କରିପାରିବା । ମା'ଙ୍କ ପାଇଁ କିଛି ଛୋଟଛୋଟ କାମ କରି ଏହି ଦିନଟିକୁ ତାଙ୍କପାଇଁ ସ୍ମରଣୀୟ କରିପାରିବା ।

**ବଗିଚା କାମ -** କିଚେନ୍ ଗାର୍ଡେନରେ ଏହିଦିନ କିଛି କାମ କରନ୍ତୁ, ଏହା ତାଙ୍କୁ ଖୁସି ପ୍ରଦାନ କରିବ । ଛୋଟଛୋଟ ଗଛ ଉପହାର ଭାବେ ଦେବା ସହିତ ଏହାକୁ ଗାର୍ଡେନରେ ଲଗାଇପାରିବେ । ଆଗରୁ ଲାଗିଥିବା ଗଛର ଯତ୍ନ ମଧ୍ୟ ନେଇପାରିବେ । ମା'ଙ୍କ ସହିତ ବଗିଚାରେ କିଛି ଫଟୋ ଉଠାଇ ସମସ୍ତଙ୍କ ସହିତ ସେୟାର ମଧ୍ୟ କରିପାରିବେ ।

**ଘର କାମରେ ସାହାଯ୍ୟ -** ସାଧାରଣତଃ ମା' ମାନେ ଘର କାମ ନେଇ ପିଲାଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତି । ତେଣୁ ମା'ଙ୍କ ପାଇଁ କିଛି ସ୍ପେସାଲ କରିବାକୁ ଚାହୁଁଛନ୍ତି, ତେବେ ତାଙ୍କୁ ଘର କାମରେ ସାହାଯ୍ୟ କରନ୍ତୁ । ଘରେ ଥିବା ଛୋଟଛୋଟ କାମ ଯେପରି ଫ୍ରିଜ୍‌ରେ ପାଣି ରଖିବା, ଘର ସଫା କରିବା, ନିଜ ରୁମ ନିଜେ ସଫା କରିବା, ମା'ଙ୍କର ଆଲମିରା ସଜାଡି ଦେବା, ଅନ୍ୟାନ କୌଣସି ବି କାମ କରି ମା'ଙ୍କୁ ଟିକେ ରିଲାକ୍ସ କରିପାରିବେ ।



**ପ୍ରସ୍ତୁତ କରନ୍ତୁ ଲଞ୍ଚ -** ମା'ଙ୍କ ହାତରନ୍ଧା ସମସ୍ତଙ୍କୁ ପସନ୍ଦ । ତେବେ ସବୁଦିନ ସେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଆମକୁ ପରଷନ୍ତି । ଏହି ଗୋଟିଏ ଦିନ ତାଙ୍କ ପାଇଁ ନିଜ ହାତରେ କିଛି ଖାଦ୍ୟ ରୋଷେଇ କରନ୍ତୁ । ତାଙ୍କୁ ଘରେ ମଧ୍ୟ ରେସ୍ତୋରାଁ ଭଳି ଖାଦ୍ୟ ରାନ୍ଧି ସରପ୍ରାଇଜ୍ ଦେଇପାରିବେ ।

**ଅଧିକ ସମୟ ବିତାନ୍ତୁ -** ପ୍ରାୟ କାହା ପାଖେ ମା'ଙ୍କ ସହିତ ସମୟ ବିତାଇବାକୁ ସମୟ ହିଁ ନଥାଏ । ତେବେ ଏହା କାର୍ଯ୍ୟବ୍ୟସ୍ତତା କାରଣରୁ ଘଟିଥାଏ । ତେଣୁ ଏହି ଦିନ ସମସ୍ତ କାମକୁ ବନ୍ଦ କରି ମା'ଙ୍କ ସହ ବିତାନ୍ତୁ । ତାଙ୍କ ସହ ନିଜ ମନକଥା ବାଣ୍ଟିବା ସହିତ ତାଙ୍କ କଥା ପଚାରି ବୁଝନ୍ତୁ । ସେହିଭଳି ଯଦି ଆପଣ ବାହାରେ ରହୁଛନ୍ତି, ତେବେ ଫୋନ କିମ୍ବା ଭିଡିଓ କଲରେ ତାଙ୍କ ସହ କଥା ହଅନ୍ତୁ । ତାଙ୍କୁ ଟିକେ ସମୟ ଦିଅନ୍ତୁ, ଏହା ତାଙ୍କୁ ବିଶେଷ ଖୁସି ଦେବ ।

# ସୋସିଆଲ କୋଟ୍ସ



ରିଶିଙ୍କ ଦେହାନ୍ତ ମୋତେ ଖୁବ କଷ୍ଟ ଦେଇଥିଲା । ମୁଁ ସେହି ସମୟରେ ରାତିରେ ଶୋଇ ମଧ୍ୟ ପାରୁନଥିଲି । ମୋତେ ରାତିରେ ଶୋଇବା ପାଇଁ ମୋତେ ବିଭିନ୍ନ ଜିନିଷର ସାହାରା ନେବା ପାଇଁ ପଡୁଥିଲା ।

ନିତୁ କପୁର, ଅଭିନେତ୍ରୀ



ଏହା ଗାଦିରେ ଥିବା ଦଳର ଆଉ ଏକ ଉପଲବ୍ଧି । ସେମାନେ କେବଳ ସଂସ୍ଥା ନୁହେଁ ବରଂ ଲୋକଙ୍କ ମୁଣ୍ଡକୁ ମଧ୍ୟ ନଷ୍ଟ କରିଦେଇଛନ୍ତି ।

କୁନିକା ସଦାନନ୍ଦ, ଅଭିନେତ୍ରୀ



ଜୁଦାଇ ଫିଲ୍ମର ରେକର୍ଡିଂ ସମୟରେ ବୋନି କପୁର ଓ ଶ୍ରୀଦେବୀଙ୍କ ସମ୍ପର୍କରେ ମୋନା କପୁରଙ୍କୁ ଜଣା ପଡିଥିଲା । ଯାହା ପରେ ସେ ପୁରା ଭାଙ୍ଗି ପଡିଥିଲେ ଏବଂ ଷ୍ଟୁଡିଓ ବାହାରେ ବସି କାନ୍ଦୁଥିଲେ ।

ଜସପିନ୍ଦର ନରୁଲା, ସିଙ୍ଗର

# ଇତିହାସ

୧୫୦୩ - ଇଟାଲୀର ଆବିଷ୍କାରକ ଏବଂ ନାବିକ କଲମ୍ବସ କାୟମାନ ଦ୍ୱୀପର ଆବିଷ୍କାର କରିଥିଲେ ।
୧୬୫୫ - ବ୍ରିଟିଶ ସେନା ଜମୈକା ଉପରେ କବ୍ଜା କରିଥିଲେ ।
୧୭୪୪ - ଲୁଇ ୧୬ତମ ଫ୍ରାନ୍ସର ରାଜା ଭାବେ ଦାୟିତ୍ୱ ନେଇଥିଲେ ।
୧୭୯୬ - ନେପୋଲିୟନଙ୍କ ଦ୍ୱାରା ଅଷ୍ଟ୍ରିଆ ପରାସ୍ତ ।
୧୮୫୭ - ଇଷ୍ଟଇଣ୍ଡିଆ କମ୍ପାନୀ ବିରୋଧରେ ସିପାହୀ ବିଦ୍ରୋହର ଆରମ୍ଭ ହୋଇଥିଲା ।
୧୮୯୩ - ଲଣ୍ଡନରେ ଇମ୍ପିରିଆଲ ଅର୍ଗାନାଇଜେସନର ଆରମ୍ଭ ।



# ବଢୁଛି କ୍ୟାରମ କ୍ରେଜ

ଭାରତରେ ଯେଉଁଠି ଅନଲାଇନ୍ ଗେମି ଯୋଗୁଁ କ୍ୟାରମ୍ ଓ ଚେସ୍ ଭଳି ପାରମ୍ପରିକ ଖେଳ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ କମୁଛି, ଠିକ୍ ତାର ଓଲଟା ଚିତ୍ର ଏବେ ବ୍ରିଟେନରେ ଦେଖିବାକୁ ମିଳୁଛି । ବ୍ରିଟେନରେ ଦକ୍ଷିଣ ଏସୀୟ ପାରମ୍ପରିକ ଖେଳ 'କ୍ୟାରମ୍' ଏବେ କେବଳ ଏକ ଖେଳ ହୋଇ ରହିନାହିଁ, ବରଂ ଏହା ସାମାଜିକ ଯୋଗାଯୋଗର ଏକ ନୂତନ ମାଧ୍ୟମ ପାଲଟିଛି । ଲଣ୍ଡନ ସମେତ ବିଭିନ୍ନ ସହରରେ ଆୟୋଜିତ ହେଉଥିବା 'କ୍ୟାରମ୍ ନାଇଟ୍ସ'ରେ ଖୁବ ଅଧିକ ଭିଡ ଦେଖିବାକୁ ମିଳୁଛି । ବିଶେଷକରି ଡିଜିଟାଲ୍ ଦୁନିଆର କ୍ଳାନ୍ତିରୁ ମୁକ୍ତି ପାଇବା ଏବଂ ପରସ୍ପର ସହ ସିଧାସଳଖ ଭେଟ ହୋଇ ସମୟ କାଟିବା ପାଇଁ ଯୁବପିଢ଼ି ଏହି ଖେଳ ପ୍ରତି ଆକର୍ଷିତ ହେଉଛନ୍ତି । ବ୍ରିଟେନରେ ଏହି ଖେଳକୁ ଲୋକପ୍ରିୟ କରିବାରେ ୩୧ ବର୍ଷୀୟ ଅବ୍ଦୁସ୍ ଖାନଙ୍କ ପ୍ରମୁଖ ଅବଦାନ ରହିଛି, ଯିଏକି ଏକ ବିଶାଳ କ୍ୟାରମ୍ କମ୍ୟୁନିଟି ଗଠନ କରିଛନ୍ତି । ଏଥିରେ ଏବେ ୧୨,୦୦୦ରୁ ଅଧିକ ସଦସ୍ୟ ଯୋଡ଼ି ହୋଇଛନ୍ତି । ଯାହା ପରେ ସମଗ୍ର ଲଣ୍ଡନରେ ଏହି ଖେଳ ପ୍ରତି ବର୍ତ୍ତମାନ ଭଲପାଇବା ଦେଖିବାକୁ ମିଳୁଛି ।

# ମଇଦା ପୋଡ଼ପିଠା

ସାମଗ୍ରୀ- ମଇଦା-୨୫୦ଗ୍ରାମ୍ କ୍ଷୀର-୧ଲିଟର, କାଜୁ କିସମିସ-୨୫ଗ୍ରାମ୍ ଚିନି-୧୦୦ଗ୍ରାମ୍, ଗୁଜୁରାତି-୪ଟା, ରିଫାଇନତେଲ ୫୦ଗ୍ରାମ୍, ପେସ୍ତା, ବେକିଂ ପାଉଡ଼ର, ଚେରୀ ।

ପ୍ରଣାଳୀ- କାଜୁ, ପେସ୍ତା, ଚେରୀକୁ ଛୋଟ ଛୋଟ ଖଣ୍ଡ କରି କାଟିଦିଅନ୍ତୁ । ବର୍ତ୍ତମାନ କ୍ଷୀରକୁ ସିଝାଇ ଅଧା ପରିମାଣ କରିନିଅନ୍ତୁ । ଗାଢ଼ କ୍ଷୀରେ ମଇଦା, ଚିନି, କିସମିସ, କାଜୁ ପେସ୍ତା ଓ ଖଣ୍ଡଚେରୀକୁ ଭଲଭାବେ ମିଶାଇ ଦିଅନ୍ତୁ । ଏହି ମିଶ୍ରଣରେ ବେକିଂ ପାଉଡ଼ର ଓ ଗୁଜୁରାତି ଗୁଣ୍ଡ ମିଶାଇ ଦିଅନ୍ତୁ । ଓଭାନରେ ଏହି ମିଶ୍ରଣରୁ ପୋଡ଼ପିଠା ପ୍ରସ୍ତୁତ କରନ୍ତୁ ।



# ସିରିଜକୁ ନେଇ ଉତ୍ସାହିତ

ଲୋକପ୍ରିୟ ଶୋ' 'ଇନ୍ସପେକ୍ଟର ଅବିନାଶ'ର ଦ୍ୱିତୀୟ ସିଜନ୍‌ର ଟ୍ରେଲର୍ ରିଲିଜ୍ ହୋଇଯାଇଛି । ଏହି ସିରିଜରେ ନିର୍ଦ୍ଦେଶକ ନୀରଜ ପାଠକ ୧୯୯୦ ଦଶକର ଉତ୍ତର ପ୍ରଦେଶର ସେହି ଦୃଶ୍ୟକୁ ପୁଣି ଥରେ ପରଦାକୁ ଆଣିଛନ୍ତି । ସିରିଜରେ ପୋଲିସ, ପ୍ରଶାସନ ଓ ଗୁଣ୍ଡାରାଜ ସହ ରକ୍ତାକ୍ତ ସଂଘର୍ଷ ଦେଖିବାକୁ ମିଳୁଛି । ଏହି ନୂଆ ସିଜନ୍‌ରେ ଇନ୍ସପେକ୍ଟର ଅବିନାଶ ମିଶ୍ରଙ୍କ ଜୀବନରେ ଏକ ବଡ଼ ଧରଣର ଝଡ଼ ସୃଷ୍ଟି ହୋଇଛି ଏବଂ ସେ ଏଥର ଏଭଳି ଏକ ଲଢ଼େଇ ଲଢୁଛନ୍ତି ଯାହା ପୋଲିସର ଖାକି ବର୍ଦ୍ଦିର ସୀମାଠାରୁ ବହୁ ଉର୍ଦ୍ଧ୍ୱରେ । ଅପରାଧ, ରାଜନୀତି ଓ ଦୁର୍ନୀତିର କଳା କାରନାମାକୁ ନେଇ ପ୍ରସ୍ତୁତ ଏହି ଟ୍ରେଲର୍‌ରେ ଅପରାଧୀ ଗୋଷ୍ଠୀର ମୁଖ୍ୟ ଶେଖ୍ ଓ ତା'ର ରହସ୍ୟମୟୀ ସହଯୋଗୀ ଦେବୀଙ୍କ ଏକ ଭୟଙ୍କର ଅସ୍ତ୍ରଶସ୍ତ୍ର ଗ୍ୟାଙ୍ଗ୍ ସହ ଅବିନାଶଙ୍କ ସାମ୍ନା ହେଉଥିବା ଦେଖିବାକୁ ମିଳୁଛି । ବ୍ୟବସ୍ଥା ଭିତରେ ଷଡ଼ଯନ୍ତ୍ରର ଶିକାର ହୋଇ ନିଲମ୍ବିତ ଓ ଗିରଫ ହେବା ପରେ ଅବିନାଶଙ୍କ ସିଦ୍ଧାନ୍ତକୁ ଭାଙ୍ଗିବା ପାଇଁ କିଭଳି ଶତ୍ରୁମାନେ ଜାଲ ବିଛାଇଛନ୍ତି ତାହାକୁ ନେଇ କାହାଣୀ ଆଗକୁ ବଢୁଛି । ଉତ୍ତର ପ୍ରଦେଶର ପୋଲିସ ଅଧିକାରୀ ଅବିନାଶ ମିଶ୍ରଙ୍କ ଜୀବନର ସତ୍ୟ ଘଟଣା ଉପରେ ଆଧାରିତ ଏହି ସିରିଜ୍‌ରେ ଜବରଦସ୍ତ ଆକ୍ସନ ଦେଖିବାକୁ ମିଳିବ । ଏଥିରେ ରଣଦୀପଙ୍କ ସହ ଉର୍ବଶୀ ରୌତେଲା, ଅମିତ ସିଆଲ୍, ଅଭିମନ୍ୟୁ ସିଂ, ରଜନୀଶ ଦୁଗ୍ଗଲ, ଶାଲିନ ଭନୋଟ୍ ଏବଂ ଫ୍ରେଡି ଦାରୁୱାଲା ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ଉର୍ବଶୀ ରୌତେଲା ଏହି ସିରିଜରେ ଅଭିନୟ କରିବାକୁ ନେଇ ଖୁବ ଖୁସି ଅଛନ୍ତି । ଏଭଳି ଏକ ଭିନ୍ନ ଚରିତ୍ରରେ ଅଭିନୟ କରି ସେ ଅନେକ କଥା ଶିଖିବାକୁ ପାଇଥିବା ବିଭିନ୍ନ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।





**ମେଷ:** ଧନଲାଭ, କାର୍ଯ୍ୟରେ ସଫଳ, ସମ୍ମାନବୃଦ୍ଧି, ଶୁଭଖବର, ଭୂସମ୍ପତ୍ତି ଲାଭ, ଦୂରଯାତ୍ରା, ଶରୀର ସୁସ୍ଥ, ନୂତନ ନିଯୁକ୍ତି, ଶତ୍ରୁ ପରାଜିତ, ଅର୍ଥଲାଭ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୧, ଆରାଧନା-ମହାଲକ୍ଷ୍ମୀ ।

**ବୃଷ:** ସମ୍ମାନଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭଖବର, ଆଶାରେ ବିଳମ୍ବ, ଶରୀର ସୁସ୍ଥ, ଦେବକାର୍ଯ୍ୟରେ ସଫଳ, ଶତ୍ରୁ ସମସ୍ୟା, ସମ୍ପତ୍ତିଚିନ୍ତା, ବିଦ୍ୟାରେ ସଫଳ, କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା-ଭଗବାନ ବିଷ୍ଣୁ ।

**ମିଥୁନ:** ଗୃହେ ଉତ୍ସବ, ଅର୍ଥସମସ୍ୟା, ଶରୀର ସୁସ୍ଥ, ମାନସିକ ଅଶାନ୍ତି, ଦାମ୍ପତ୍ୟ କଳହ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦୂରଯାତ୍ରା, ବନ୍ଧୁଲାଭ, ଅତିଥି ଚର୍ଚ୍ଚା, ସମ୍ମାନହାନି, ଗୃହେ ସମସ୍ୟା, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମା' ମଙ୍ଗଳା ।

**କର୍କଟ:** ଧନବ୍ୟୟ, ମନସ୍ତାପ, ଶାରୀରିକ ସମସ୍ୟା, ଦ୍ରବ୍ୟନଷ୍ଟ, ବିଶିଷ୍ଟ କାର୍ଯ୍ୟରେ ଲାଭ, ନୂତନ କର୍ମଆରମ୍ଭ, ଜମିଜମା ଗଣ୍ଡଗୋଳ, ଗାଡ଼ିଚାଳନାରେ ସାବଧାନ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ମା' ବଗଳାମୁଖୀ ।

**ସିଂହ:** ଦ୍ରବ୍ୟଲାଭ, ଆଶା ସଫଳ, ସମ୍ମାନପ୍ରାପ୍ତି, ସମସ୍ୟାମୁକ୍ତ, ନୂତନ କାର୍ଯ୍ୟରେ ଲାଭ, ଶୁଭଖବର, କର୍ମକ୍ଷେତ୍ରେ ଲାଭ, ଶରୀର ସୁସ୍ଥ, ଶତ୍ରୁ ପରାଜିତ, ଦାମ୍ପତ୍ୟ ସୁଖ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**କନ୍ୟା:** ମାନସମ୍ମାନ ବୃଦ୍ଧି, ଆର୍ଥିକଖୁସି, ସମ୍ପତ୍ତିଲାଭ, ଦ୍ରବ୍ୟପ୍ରାପ୍ତି, ଭ୍ରାତୃଭଗ୍ନୀଙ୍କ ସମସ୍ୟା, ଶରୀର ସୁସ୍ଥ, ସନ୍ତାନଲାଭ, ଯାତ୍ରାରେ ସଫଳତା, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ଉମାମହେଶ ।

**ତୁଳା:** ବାନ୍ଧବୀକଷ୍ଟ, ଶତ୍ରୁସମସ୍ୟା, ଆଶାରେ ବାଧା, ମାନସିକ କ୍ଳେଶ, ବ୍ୟବସାୟରେ ଲାଭ, ଶୁଭକାର୍ଯ୍ୟରେ ଶାନ୍ତି, ଶରୀର ସୁସ୍ଥ, ବନ୍ଧୁସାହାଯ୍ୟ, ନୂତନ କାର୍ଯ୍ୟ ଆରମ୍ଭ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ ।

**ବିଛା:** କାର୍ଯ୍ୟରେ ଅସନ୍ତୋଷ, ଶୁଭଖବରରେ ବିଳମ୍ବ, ଶତ୍ରୁବୃଦ୍ଧି, ଯାତ୍ରାରେ କଷ୍ଟ, ଶରୀର ସୁସ୍ତ, ସମ୍ମାନବୃଦ୍ଧି, ଦ୍ରବ୍ୟନଷ୍ଟ, ବାକିଧନ ପ୍ରାପ୍ତି, ନୂତନ କାର୍ଯ୍ୟରେ ଲାଭ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗଖ-ଖଇରୀ ସଂଖ୍ୟା-୪, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ଆୟବୃଦ୍ଧି, ବନ୍ଧୁଦର୍ଶନ, ଦେବକାର୍ଯ୍ୟରେ ସନ୍ତୋଷ, ଶତ୍ରୁ ପରାଜିତ, ଦ୍ରବ୍ୟଲାଭ, ଦୂରଯାତ୍ରାରେ ଲାଭ, ଭ୍ରାତୃସ୍ନେହ, ମାମଲା ସମାଧାନ, କର୍ମକ୍ଷେତ୍ରେ ଶାନ୍ତି, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ଲୋକନାଥ ।

**ମକର:** ସୁସମ୍ବାଦ, ଅତିଥି ଚର୍ଚ୍ଚା, ସମ୍ମାନପ୍ରାପ୍ତି ଅର୍ଥସମସ୍ୟା, ପାରିବାରିକ କଳହ, ଦାମ୍ପତ୍ୟ ଖୁସି, ତୀର୍ଥଯାତ୍ରା, ଦ୍ରବ୍ୟଲାଭ, କ୍ରୟବିକ୍ରୟ, ପଦବୀଲାଭ, ପୁରାତନ ବିବାଦ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା-ମା' ଲକ୍ଷ୍ମୀ ।

**କୁମ୍ଭ:** ଆଭୂଷଣ ପ୍ରାପ୍ତି, ମାନସିକ ଲାଭ, ଶୁଭକାର୍ଯ୍ୟରେ ଆଗ୍ରହ, ପାରିବାରିକ ଶତ୍ରୁତା, ବ୍ୟକ୍ତି ସହାୟତା, ରାଜସମ୍ମାନ ଯୋଗ, ସମ୍ପତ୍ତିଲାଭ, ମାମଲାସମାଧାନ, ଉଚ୍ଚଆଶା ପୂର୍ଣ୍ଣ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୫, ଆରାଧନା-ମା' କିଚକେଶ୍ୱରୀ ।

**ମୀନ:** ମନସ୍ତାପ, କାର୍ଯ୍ୟ ବିଫଳ, ଦାମ୍ପତ୍ୟଖୁସି, ପିଲାଙ୍କ ସମସ୍ୟା, ସମ୍ପର୍କରେ ବାଧା, ଅର୍ଥଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅତିଥି ଚର୍ଚ୍ଚା, ଶରୀର ସୁସ୍ଥ, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୩, ଆରାଧନା- ମା' ଜଗଦ୍ଧାତ୍ରୀ ।

ଜ୍ୟେଷ୍ଠ କୃଷ୍ଣପକ୍ଷ, ଅଷ୍ଟମୀ
୧୦.୫.୨୦୨୬ ରବିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୧୪
ତିଥି : ନବମୀ
୧୦ ମେ' ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 214
10 May 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

ବାଲିଅନ୍ତା ଭିଡ଼ହିଂସା ଘଟଣା

## କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

### ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ ସେଥିଲାଗି ତାଗିଦ୍

ଭୁବନେଶ୍ୱର, ୯ ।୫ (ସବ୍ୟୁ) : ଶନିବାର ସନ୍ଧ୍ୟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ବାଲିଅନ୍ତା ଅଞ୍ଚଳରେ ହୋଇଥିବା ଭିଡ଼ ହତ୍ୟା ବା ମବ୍ ଲିଞ୍ଚିଙ୍ଗ ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଘଟଣା ସମ୍ପର୍କରେ ସବିସ୍ତୃତ ଆଲୋଚନା କରିବା ପରେ କ୍ରାଇମ୍‌ବ୍ରାଞ୍ଚ ଦ୍ୱାରା ଏହି ଘଟଣାର ସଠିକ୍ ଓ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।



ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ହୁଏ, ସେଥିପାଇଁ ପୋଲିସ ମହାନିର୍ଦ୍ଦେଶକ ସତର୍କ ଓ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଥିଲେ । ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ପୋଲିସ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଶ୍ରୀ ପ୍ରକାଶ ମିଶ୍ର, ମୁଖ୍ୟଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର.ପି. କୋଚ୍ଛେ, ଅତିରିକ୍ତ ମହାନିର୍ଦ୍ଦେଶକ ଆଇନ ଶୃଙ୍ଖଳା ସଞ୍ଜୟ କୁମାର, ଏ.ଡି.ଜି କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର, ପୋଲିସ କମିଶନର ଏସ. ଦେବଦତ୍ତ ସିଂହ ଏବଂ ଡ଼ି.ସି.ପି ଜଗମୋହନ ମୀନା ପ୍ରମୁଖ ଉପସ୍ଥିତ ଥିଲେ ।

## ଶୁଭେନ୍ଦୁ ପ.ବଙ୍ଗ ମୁଖ୍ୟମନ୍ତ୍ରୀ

କୋଲକାତା, ୯ ।୫ : ଦୀର୍ଘ ୧୫ ବର୍ଷ ପରେ ପଶ୍ଚିମବଙ୍ଗରେ ରାଜନୈତିକ ପଟ୍ଟ ପରିବର୍ତ୍ତନ ହୋଇଛି । ତୃଣମୂଳ କଂଗ୍ରେସ ଶାସନର ଅନ୍ତ ଘଟିଛି । ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଶୁଭେନ୍ଦୁ ଅଧିକାରୀ ଶପଥ ଗ୍ରହଣ କରିଛନ୍ତି । ଶୁଭେନ୍ଦୁଙ୍କ ସହ ୫ କ୍ୟାବିନେଟ୍ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଭାବେ ଶୁଭେନ୍ଦୁ ଅଧିକାରୀ ଶପଥ ନେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେନ୍ଦୁ, ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।



- ଶୁଭେନ୍ଦୁଙ୍କ ସହ ଶପଥ ନେଲେ ୫ ମନ୍ତ୍ରୀ
- ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ
- ଦାୟିତ୍ୱ ନେବାପରେ ଆଇନ୍ ଶୃଙ୍ଖଳା ନେଇ ପ୍ରଥମ ବୈଠକ

ପ.ବଙ୍ଗ ବିଧାନସଭା ନିର୍ବାଚନରେ ଏଥର ବିଜେପିର ବିପୁଳ ବିଜୟ ହୋଇଥିଲା । ଗତକାଲି ଅନୁଷ୍ଠିତ ବିଜେପି ବିଧାୟକ ଦଳ ବୈଠକରେ ଶୁଭେନ୍ଦୁ ଅଧିକାରୀଙ୍କୁ ନେତା ଭାବେ ନିର୍ବାଚିତ କରାଯାଇଥିଲା । କୋଲକାତାର ବ୍ରିଗେଡ୍ ପ୍ୟାରେଡ୍ ଗ୍ରାଉଣ୍ଡରେ ଆଜି ଶପଥ ଗ୍ରହଣ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ରାଜ୍ୟପାଳ (୯ ପୃଷ୍ଠାରେ)

## ପଞ୍ଜାବ ମନ୍ତ୍ରୀ ସଞ୍ଜୀବ ଆରୋରା ଗିରଫ

ନୂଆଦିଲ୍ଲୀ, ୯ ।୫ : ପଞ୍ଜାବର ଶିଳ୍ପମନ୍ତ୍ରୀ ସଞ୍ଜୀବ ଆରୋରାଙ୍କୁ ଶନିବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଗିରଫ କରାଯାଇଛି । ଶନିବାର ଇଡି ପକ୍ଷରୁ ସେଠାରେ ଚଢ଼ାଉ କରାଯାଇଥିଲା । ଆର୍ଥିକ ଲେଣଦେଣ କାରବାରରେ ତାଙ୍କର ସମ୍ପୃକ୍ତି ଥିବାନେଇ ଏହି ଚଢ଼ାଉ କରାଯାଇଥିଲା । ବର୍ତ୍ତମାନ ଇଡିର ଏହି ପଦକ୍ଷେପ ନେଇ ଆପ୍ ସରକାର ଓ କେନ୍ଦ୍ରର ବିଜେପି ସରକାର ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି ।

ଇଡିର କାର୍ଯ୍ୟାନୁଷ୍ଠାନରେ ଆର୍ଥିକ ଲେଣଦେଣ, ଫେମା ଉଲ୍ଲଂଘନ, ଜମି ସମ୍ବନ୍ଧୀୟ ମାମଲା ଓ ସନ୍ଦେହଜନକ ଆର୍ଥିକ କାରବାରର ତଦନ୍ତ ସହ ଜଡ଼ିତ । ଏ ନେଇ ଲୁଧିଆନା, ଜଲନ୍ଧର, ଗୁରୁଗାଓଁ ସମେତ ଅନେକ ସହରରେ ଚଢ଼ାଉ କରାଯାଇଛି । ଶ୍ରୀ ଆରୋରାଙ୍କ



ପରିବାର ଓ ତାଙ୍କ କମ୍ପାନୀ ସହ ଜଡ଼ିତ କିଛି କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ବୋଲି ସୂଚନା ମିଳିଛି । ଆପ୍ ମନ୍ତ୍ରୀଙ୍କୁ ଗିରଫ କଲାପରେ ଆପ୍ ମୁଖ୍ୟ ଅରବିନ୍ଦ କେଜରିୱାଲ ବିଜେପି ଉପରେ ବର୍ଷିଛନ୍ତି । ସେ କହିଛନ୍ତି ଯେ ଏବେ ପଞ୍ଜାବର ପ୍ରତି ପରିବାର ଉପରେ ଇଡି ଚଢ଼ାଉ କରାଯିବ । କେନ୍ଦ୍ର ସରକାରଙ୍କର ରାଜ୍ୟ ପ୍ରତି ଏଭଳି ଆଭିମୁଖ୍ୟ ଆଦୌ ଗ୍ରହଣୀୟ ନୁହେଁ । ଯେଉଁମାନଙ୍କୁ ଗିରଫ କରାଯାଇଛି ସେମାନେ ୪ ଦିନ ମଧ୍ୟରେ ଜାମିନରେ ଆସିଯିବେ । ଦୀର୍ଘ ୨୦ ବର୍ଷ ମଧ୍ୟରେ ପଞ୍ଜାବରେ ବିଜେପି ପଶିପାରିବ ନାହିଁ । ଇଡି ଟିମ୍ ଆରୋରାଙ୍କ ସରକାରୀ ବାସଭବନରେ ସକାଳ ୭ଟାରେ ପହଞ୍ଚି ୭.୨୫ରେ ଚଢ଼ାଉ ଆରମ୍ଭ କରିଥିଲା । ପ୍ରାୟ ୨୦ଟି ଗାଡ଼ିରେ ଅଧିକାରୀମାନେ ଆସିଥିଲେ । ୧୨ରୁ ଅଧିକ ସିଆଇଏ ଓ ସ୍ୱତନ୍ତ୍ର ପୋଲିସ ଅଧିକାରୀ ସୁରକ୍ଷା ପାଇଁ ମୁତୟନ ହୋଇଥିଲେ । ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇଥିଲା । ତେବେ ସୂଚନା ଅନୁଯାୟୀ ପିଏମ୍‌ଏଲ୍‌ଏ ଧାରାରେ ମାମଲା ରୁଜୁ ହୋଇଛି । ଇଡି ଅଭିଯୋଗ କରିଛି ଯେ ଜାଲ୍ ଜିଏସ୍‌ଟି ଦେଇ ମୋବାଇଲ କିଣାରେ ୧୦୦ କୋଟି ଟଙ୍କାର ଆର୍ଥିକ (୯ ପୃଷ୍ଠାରେ)

## ବିଜୟ ହେବେ ତାମିଲନାଡୁ ମୁଖ୍ୟମନ୍ତ୍ରୀ

ଚେନ୍ନାଇ, ୯ ।୫ : ତାମିଲନାଡୁରେ ଦେଖାଦେଇଥିବା ରାଜନୈତିକ ଅନିଶ୍ଚିତତାର ଅନ୍ତ ଘଟିଛି । ଅଭିନେତାରୁ ନେତା ବନିଥିବା ଥଲପତି ବିଜୟଙ୍କୁ ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ସ୍ୱୀକୃତି ମିଳିଛି ।

- ଆଜି ପୂର୍ବାହ୍ଣ ୧୦ଟାରେ ଶପଥ ଗ୍ରହଣ
- ୧୨୧ ବିଧାୟକଙ୍କ ସମର୍ଥନ ପତ୍ର ଦେଲେ
- ରାଜନୈତିକ ଅନିଶ୍ଚିତତାର ଅନ୍ତ ଘଟିଲା



ତାଙ୍କ ନେତୃତ୍ୱାଧୀନ ପାର୍ଟି ତାମିଲଗା ଭେଟ୍ରି କାଜାଗମ୍ (ଟିଭିକେ) ସରକାର ଗଠନ ଲାଗି ଆବଶ୍ୟକୀୟ ସଂଖ୍ୟା ଗଣିତକୁ ପାର କରିଛି । ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ସଂଖ୍ୟାଗରିଷ୍ଠତା ଲାଗି ୧୧୮ ବିଧାୟକଙ୍କର ସମର୍ଥନ ଆବଶ୍ୟକ । ବିଜୟଙ୍କ ଦଳ ୧୨୧ ସମର୍ଥନ ଯୋଗାଡ଼ କରିବାରେ ସଫଳ ହୋଇଛି ।

ସରକାର ଗଠନ ଲାଗି ବିଜୟ ଆଜି ପୁଣିଥରେ ରାଜ୍ୟପାଳ ରାଜେନ୍ଦ୍ର ଆରଲେକରଙ୍କୁ ସାକ୍ଷାତ କରିଥିଲେ । ବିଧାନସଭା ନିର୍ବାଚନ ପରେ ଆଜିକୁ ମିଶାଇ ସେ ରାଜ୍ୟପାଳଙ୍କୁ ୪ ଥର ଭେଟିଲେଣି । ଏକକ ସଂଖ୍ୟା ଗରିଷ୍ଠ ଦଳ ହୋଇଥିଲେ ବି ରାଜ୍ୟପାଳ ତାଙ୍କୁ ସଂଖ୍ୟା ଗଣିତ ଅନୁଯାୟୀ ୧୧୮ ବିଧାୟକଙ୍କ ସମର୍ଥନ ଆଣିବାକୁ କହିଥିଲେ । ଫଳରେ ତାମିଲନାଡୁରେ ରାଜନୈତିକ ଅନିଶ୍ଚିତତା ଦେଖାଦେଇଥିଲା । ଆଜି ବିଜୟ ୧୨୧ (୯ ପୃଷ୍ଠାରେ)

### ନ୍ୟାୟରୁ ବଞ୍ଚିତ ରୁଦ୍ରଙ୍କ ଶେଷ ପ୍ରୟାସ

## ଟାୱାରରେ ଚଢ଼ି ଆତ୍ମାହୁତି ଧମକ

ଢେଙ୍କାନାଳ, ୯ ।୫ (ସବ୍ୟୁ) : ଢେଙ୍କାନାଳ ଟାଉନ ଥାନା ସମ୍ମୁଖରେ ବିଭିନ୍ନ ସମୟରେ ଚାକିରୀପାଇଁ ନ୍ୟାୟରୁ ବଞ୍ଚିତ ହୋଇ ଏକ ମୋବାଇଲ ଟାଓ୍ୱାରରେ ଚଢ଼ି ଆତ୍ମାହୂତୀ ଦେବା ଘଟଣା ଆଜି ଜିଲ୍ଲାରେଚର୍ଚ୍ଚାର ବିଷୟ ପାଲଟିଛି । ସକାଳ ସମୟରୁ ପ୍ରଶାସନ, ପୋଲିସ, ଓଡ୍ରାଫଟିମ, ଅଗ୍ନିଶମ ବାହିନୀ ତାଙ୍କୁ ମନାଇବାରେ ବିଫଳ ହୋଇଛନ୍ତି ।

କାମାକ୍ଷାନଗର ଉପଖଣ୍ଡ ସୋଗରଗ୍ରାମର ରୁଦ୍ର ନାରାୟଣ ଦାସ ଓଡିଶା ସରକାରଙ୍କ ପ୍ରଥମ ବାଟାଲିୟନରେ ତାଙ୍କୁ ଢେଙ୍କାନାଳ ଠାରେ ଗତ ୨୦୧୮ ସେପେଟମ୍ବର ମାସରେ ଝାରସୁଗୁଡାରେ ନିଯୁକ୍ତି ମିଳିଥିଲା । କିନ୍ତୁ ସେଠାରେ କୋଭିଡ ଟେଷ୍ଟ କରାଯିବା ପରେ କୋଭିଡ ପଜେଟିଭ ଥିବାରୁ ସେଠାରେ ଏକ ଇଞ୍ଜେକେସନ ଦିଆଯାଇଥିଲା । ରୁଦ୍ରଙ୍କ କହିବା ଅନୁସାରେ ଏହି ଇଞ୍ଜେକସନ ପରେ ତାଙ୍କ ଶରୀର ଅଧିକ ଅସୁସ୍ଥ ହୋଇପଡିଥିଲା । ସେ ସେଠାରେ ବୁର୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେବା ସମୟରେ ତାଙ୍କୁ ପୁଣି ଥରେ ବାଟାଲିୟନକୁଫେରାଇ ଅଣାଯାଇଥିଲା । ପରେ ଏକ୍ ମିଥ୍ୟା (୯ ପୃଷ୍ଠାରେ)

## ବାଲିପାଟଣା ହତ୍ୟାକାଣ୍ଡ: ନିଶା ବେପାରୀଙ୍କ ଦୋକାନ ଜାଳିଦେଲେ

ଭୁବନେଶ୍ୱର/ବାଲିପାଟଣା, ୯ ।୫ (ସବ୍ୟୁ) : ବାଲିପାଟଣା ଅଠାନ୍ତର ଗ୍ରାମର ରାକେଶ ଦାସ ହତ୍ୟାକାଣ୍ଡ ମାମଲାରେ ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଦୁଇଜଣ ହେଲେ ଜାକିର ସା (୨୭) ଓ ସଲମନ ଖାନ ଓରଫ ପିଣ୍ଟୁ (୨୪) । ଜାକିର ଘର ବେଙ୍ଗବତୀ ଗାଁରେ ହୋଇଥିବା ବେଳେ ପିଣ୍ଟୁ ଘର ଧନହରା ଗ୍ରାମରେ । ଦୁଇଜଣଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ।

ମୃତ ରାକେଶଙ୍କୁ ନ୍ୟାୟ ଦାବିରେ ଶନିବାର ଅଠାନ୍ତର ଛକରେ ରାସ୍ତାରୋକ ହୋଇଥିଲା । ଉତ୍ୟକ୍ତ ଲୋକେ ନିଆଁ



ମୃତ ରାକେଶଙ୍କୁ ନ୍ୟାୟ ଦାବିରେ ୫ ଘଣ୍ଟା ରାସ୍ତାରୋକ

ଜାଳି ୫ ଘଣ୍ଟା ରାସ୍ତାରୋକ କରିଥିଲେ । କେବଳ ରାସ୍ତାରୋକ ନୁହେଁ ନିଶା କାରବାର କରୁଥିବା ଜାକିରର ଦୋକାନକୁ ଉତ୍ୟକ୍ତ ଲୋକେ ପୋଡି ଦେଇଛନ୍ତି । ରାସ୍ତାରୋକରେ ମା' ପ୍ରଭାଶିନୀ, ଦାଦା (୯ ପୃଷ୍ଠାରେ)

## ଡାବୁଗାଁ ହାଜତ ମୃତ୍ୟୁ ମାମଲା : ଆଇଆଇସି ନିଲମ୍ବିତ

ନବରଙ୍ଗପୁର, ୯ ।୫ (ସବ୍ୟୁ) : ଗତ ୨୮ ତାରିଖ ରାତ୍ରରେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ହାଜତ ମଧ୍ୟରେ ଥିବା ଶୌଚାଳୟରେ ବେକରେ ଚାଦର ଲଗାଇ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ଅଭିଯୁକ୍ତ ଡାବୁଗାଁ ଥାନା ଅଞ୍ଚଳା ଗ୍ରାମର ପୂର୍ଣ୍ଣ କଲାର (୨୩) ଆତ୍ମହତ୍ୟା କରିଥିଲେ । ଘଟଣାକୁ ନେଇ ରାସ୍ତାରୋକ ସହ ଥାନା ଉପରକୁ ପଥର ମାଡ଼ ହୋଇଥିଲା । ଏହି ମାମଲାକୁ ନେଇ ଏସପି ମଡକର ସନ୍ଦୀପ ସମ୍ପତ ପୂର୍ବରୁ ଡିସିଓ ବିକ୍ରମ ସାହୁ, ଓଏପିଏଫ୍ ବୁଧୁରାମ ମାଝୀ, କର୍ଣ୍ଣ ପୂଜାରୀଙ୍କୁ ନିଲମ୍ବିତ କରିଥିଲେ । ଏହି ମାମଲାରେ ଏବେ ପୁଲିସ ଡିଜି ୱାଇବି



ଖୁରାନିଆ ଥାନା ଅଧିକାରୀ ରଘୁନାଥ ମାଝୀଙ୍କୁ ନିଲମ୍ବିତ କରିଛନ୍ତି । ଶ୍ରୀ ମାଝୀ କର୍ତ୍ତବ୍ୟରେ ଅବହେଳା ପାଇଁ ଏବଂ ଅଧିକ ତଦନ୍ତ ପାଇଁ ଏକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ (୯ ପୃଷ୍ଠାରେ)

### କନଷ୍ଟେବଲ ହତ୍ୟା ମାମଲାରେ ଆଉ ୬ ଗିରଫ

## ଅସଦାଚରଣ ମିଛ, ପଲିଗ୍ରାଫ ଟେଷ୍ଟ ହେଉ

ଭୁବନେଶ୍ୱର, ୯ ।୫ (ସବ୍ୟୁ) : ବାଲିଅନ୍ତା ଥାନା ଅଞ୍ଚଳରେ ଜିଆର୍‌ପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟାକାଣ୍ଡ ମାମଲାରେ ଆଉ ୬ ଜଣଙ୍କୁ ଗିରଫ କରିଛି ପୋଲିସ । ପୂର୍ବରୁ ୫ ଜଣ ଗିରଫ ହୋଇଥିଲେ । ଗିରଫ ସଂଖ୍ୟା ୧୧ରେ ପହଞ୍ଚି ଥିଲେ ମଧ୍ୟ ଆହୁରି ୪୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଫେରାର ଅଛନ୍ତି ।

ମୃତ ସୌମ୍ୟ ସହ ବାଇକ୍‌ରେ ଥିବା ଓମ୍ ପ୍ରକାଶ ମହାନ୍ତି ଯୁବତୀଙ୍କ ଅସଦାଚରଣ ଅଭିଯୋଗକୁ ସମ୍ପୂର୍ଣ୍ଣ ମିଛ ବୋଲି କହିଛନ୍ତି । ତାଙ୍କ କହିବା ଅନୁଯାୟୀ ବାଲିଅନ୍ତା ଅଞ୍ଚଳରେ ଥିବା ଏକ ଜିମ୍ ସେଣ୍ଟରରୁ ଦୁହେଁ ସତ୍ୟବିହାର ଆସୁଥିଲେ । କିଛିବାଟ ଆସିବା ପରେ ସୌମ୍ୟ ତାଙ୍କ ମନିପର୍ସ ଛାଡ଼ି ଆସିଥିବା



ମୃତ ସୌମ୍ୟଙ୍କ ଫାଇଲ ଫଟୋ

କହିଥିଲେ । ତେଣୁ ଉଭୟ ପୁଣି ଫେରି ମନିପର୍ସ ପାଇଁ ଯାଉଥିଲେ । ହଠାତ ସାଇଫନ ନିକଟରେ ସୌମ୍ୟଙ୍କର କ'ଣ ହେଲା କେଜାଣି ସେ ଓମ୍‌ଙ୍କ ବେକକୁ ଚିପି ଧରିବାରୁ ଦୁହେଁ ବାଇକ୍‌ରୁ ଅଣେଇ ହୋଇପଡ଼ିଥିଲେ । ଏହି ସମୟରେ ଡାହାଣ ପାର୍ଶ୍ୱରେ ଯାଉଥିବା ଦୁଇ ଯୁବତୀଙ୍କ ସ୍କୁଟର ଉପରେ ପଡ଼ିଯାଇଥିଲେ । ତାଙ୍କ ସ୍କୁଟର ସହ ସେ ଦୁହେଁ ମଧ୍ୟ ତଳେ ପଡ଼ିଯାଇଥିଲେ । ଓମ୍ ବାଇକ୍ ଉଠାଉଥିବାବେଳେ ସୌମ୍ୟ ସ୍କୁଟରରେ ଯାଉଥିବା ଜଣେ ଯୁବତୀଙ୍କୁ ମାର୍‌ଧର କରିଥିଲେ । ଏହା ଦେଖି ଓମ୍ ସୌମ୍ୟଙ୍କୁ ଅଟକାଇବାରୁ ସେ ତାଙ୍କୁ ମଧ୍ୟ ମାଡ଼ ମାରିଥିଲା । ଏହି ସମୟରେ ଜଣେ ଯୁବତୀଙ୍କ ପୋଷାକୁ ସୌମ୍ୟ ଟଣାଭିଡ଼ା କରି ଚିରି ଦେଇଥିଲା । ଉଭୟ ଧରାପରା ହେଉଥିବାବେଳେ କିଛି ଲୋକ ଆସି ପହଞ୍ଚି ଯାଇଥିଲେ । ଦୁଇ ଯୁବକଙ୍କୁ କାବୁ କରିନେଇଥିବାବେଳେ ଓମ୍‌କୁ ଛାଡ଼ି ସୌମ୍ୟକୁ ମାଡ଼ ମାରିଥିଲେ । କାରଣ ସୌମ୍ୟ ସେ ଲୋକମାନଙ୍କୁ ଓ ଦୁଇ ଯୁବତୀଙ୍କୁ ଗାଳିଗୁଲଜ କରିଥିଲା । ସୌମ୍ୟକୁ ଫିଟ୍ସ ମାରିଲା ନା କ'ଣ ହେଲା ତାହା ଓମ୍ ଜାଣିପାରି ନଥିବା କହିଛନ୍ତି । ସେ ନିଶାଡ଼ିଙ୍କ ପରି ଆଚରଣ କରି ସମସ୍ତଙ୍କୁ ମାରଧର କରିବାକୁ ଚେଷ୍ଟା କରିଥିଲା । ଘଟଣାସ୍ଥଳରେ ସମୟକ୍ରମେ ଅଧିକ ଲୋକ ପହଞ୍ଚି ସୌମ୍ୟକୁ ମାଡ଼ ମାରିଥିଲେ । କିଛି ଯୁବକ ଓମ୍‌କୁ ମାଡ଼ ମାରିବାକୁ ଯିବା ସମୟରେ ସେମାନଙ୍କ ମଧ୍ୟରୁ କେତେଜଣ ତାକୁ ମାର ନାହିଁ ବୋଲି କହିଥିଲେ । ଦିନ ୧୦ଟା ୫୦ମିନିଟ୍‌ରୁ ୧୨ଟା୨୦ ପର୍ଯ୍ୟନ୍ତ ସୌମ୍ୟକୁ ମିଳିତ ଭାବେ ୫୦/୬୦ ଲୋକ ମାଡ଼ (୯ ପୃଷ୍ଠାରେ)

## ୩ ବାଇକ୍ ଆରୋହୀଙ୍କୁ ଚାପିଦେଲା ଟ୍ରକ୍

### ଦେଢ଼ଘଣ୍ଟା ଗାଡ଼ି ଚଳାଚଳ ବ୍ୟାହତ

ଭୁବନେଶ୍ୱର, ୯ ।୫ (ସବ୍ୟୁ) : ମର୍ମନ୍ତୁଦ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ମୃତ ୩ ଜଣଙ୍କ ସଠିକ୍ ପରିଚୟ ମିଳିନଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ମହିଳା ଥିବା ଜଣାପଡ଼ିଛି । ତିନୋଟି ବାଇକ୍ ଭାଙ୍ଗିରୁଜି ଛାରଖାର ହୋଇଯାଇଛି । ଆହତ ହୋଇଥିବା ଜଣେ ବାଇକ୍ ଆରୋହୀଙ୍କୁ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି । ଏହି ଦୁର୍ଘଟଣା ପାଇଁ ଜାତୀୟ ରାଜପଥରେ ଦେଢ଼ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା ।

ଜୟଦେବ ବିହାର ଆଡୁ ବରମୁଣ୍ଡା ଅଭିମୁଖେ ଯାଉଥିବା ଦୁଇଟି ସ୍କୁଟର ଓ ଗୋଟିଏ ବାଇକ୍‌କୁ ଫାୟାର ଷ୍ଟେସନ ନିକଟ ଓଭରବ୍ରିଜ୍ (୯ ପୃଷ୍ଠାରେ)

## ସଡ଼କ ଦୁର୍ଘଟଣାରେ ଦମ୍ପତି ମୃତ

ରାୟଗଡା, ୯ ।୫ (ସବ୍ୟୁ): ରାୟଗଡ଼ାରେ ଦୁଇଟି ପୃଥକ ସଡ଼କ ଦୁର୍ଘଟଣା ୪୬ ନମ୍ବର ରାଜ୍ୟ ରାଜପଥ କଡ଼ରେ ଥିବା କୃଷ୍ଣନଗର ନିକଟରେ ଘଟିଛି । ଫଳରେ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି । ରାୟଗଡ଼ା ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ କାର ଓଡି ୦୨ ଜି- ୫୯୫୭ ଏକ ବାଇକ୍ ଓଡ଼ି ୧୮ ଏଲ୍ ୭୦୬୮କୁ ଶକ୍ତ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ସ୍ୱାମୀ- ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା । ମୃତକ ଦମ୍ପତ୍ତି ହେଲେ ତାଣ୍ଡିପୁର ନଦୀସାହିର ଦେବ ଭତ୍ରା ଓ ଶକୁନ୍ତଳା ଭତ୍ରା । ଦୁର୍ଘଟଣା ପରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ପ୍ରାୟ ୪ ଘଣ୍ଟା ଧରି ଘଟଣାସ୍ଥଳରେ ଗଛ ପକାଇ ରାସ୍ତା ଅବରୋଧ କରିଥିଲେ । ଖବର ପାଇ ଅଗ୍ନିଶମ ସେବା କର୍ମଚାରୀମାନେ ମୃତଦେହ ଉଦ୍ଧାର କରି କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ପରେ ଦୁର୍ଘଟଣା ଘଟାଇଥିବା କାରକୁ ପୁଲିସ ଘଟଣାସ୍ଥଳରୁ ଖସେଇ ଦେଇଥିବାକୁ କେନ୍ଦ୍ର କରି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ପରେ ଏସଡ଼ିପିଓ ଗୌରହରି ସାହୁ, (୯ ପୃଷ୍ଠାରେ)

### ପଶ୍ଚିମବଙ୍ଗରେ ବିଜେପିର ଐତିହାସିକ ବିଜୟ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ପ୍ରତିକ୍ରିୟା

## ବଙ୍ଗଭଙ୍ଗ ସମୟରୁ ଜନମାନସରେ ଥିବା ଅସନ୍ତୋଷର ଦୃଢ଼ ପ୍ରତିଜବାବ

ଭୁବନେଶ୍ୱର (ସବ୍ୟୁ): ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ବିଜୟ କେବଳ ଏକ ରାଜନୈତିକ ସଫଳତା ନୁହେଁ, ବରଂ ଏହା ୧୯୦୫ ମସିହାର ବଙ୍ଗଭଙ୍ଗ ସମୟରୁ ଜନମାନସରେ ଥିବା ବେଦନା ଓ ଅସନ୍ତୋଷର ଏକ ଦୃଢ଼ ପ୍ରତିଜବାବ ବୋଲି ଗଣମାଧ୍ୟମକୁ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ବିଗତ ପ୍ରାୟ ୧୨୦ ବର୍ଷ ଧରି ବହୁସଂଖ୍ୟକ ସମାଜ ଯେଉଁ ଅଣଦେଖାର ଶିକାର ହୋଇଥିଲା, ଆଜି ସେହି ସମାଜ ନିଜର ମନକଥା ପ୍ରକାଶ କରିଛି । ପଶ୍ଚିମବଙ୍ଗର ଜନସାଧାରଣ ଅନୁପ୍ରବେଶକାରୀ, ବେରୋଜଗାରୀ ଏବଂ ମହିଳା ଅସୁରକ୍ଷିତତା ବିରୁଦ୍ଧରେ ମତ ଦେବା ସହ ସ୍ୱାବଲମ୍ବନ ଓ ବିକାଶ ସପକ୍ଷରେ ନିଷ୍ପତ୍ତି ନେଇଛନ୍ତି । ଭାରତୀୟ ଜନତା ପାର୍ଟିର ମୂଳ ବିଚାରକ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବିଚାରଧାରା ଆଜି ତାଙ୍କ ନିଜ ମାତୃଭୂମିରେ ସେବା କରିବାର



ସୁଯୋଗ ପାଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ 'ଡବଲ ଇଞ୍ଜିନ' ସରକାର ଏବେ ବଙ୍ଗଳାରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବ । ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ଜୟନ୍ତୀ ଭଳି ଏକ ପବିତ୍ର ସାଂସ୍କୃତିକ ଅବସରରେ ଏହି ନୂତନ ସରକାରର ଗଠନ ବଙ୍ଗଳା ପାଇଁ ଏକ ଶୁଭ ସଂକେତ । ଶୁଭେନ୍ଦୁ ଅଧିକାରୀଙ୍କୁ ଜଣେ ତୃଣମୂଳ ସ୍ତରର ଜନନେତା ଭାବେ ବର୍ଣ୍ଣନା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ତାଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ପୁନର୍ବାର ବୌଦ୍ଧିକ ଓ ସାଂସ୍କୃତିକ କେନ୍ଦ୍ର ଭାବେ ବିଶ୍ୱ ଦରବାରରେ ପ୍ରତିଷ୍ଠିତ ହେବ । ଶିକ୍ଷା, ନବସୃଜନ ଏବଂ ଯୁବ ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ନୂତନ କୀର୍ତ୍ତିମାନ ସ୍ଥାପନ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। କୋଲକାତା ଠାରେ ଅନୁଷ୍ଠିତ ଏହି ଭବ୍ୟ ଶପଥ ଗ୍ରହଣ ସମାରୋହରେ ଧର୍ମେନ୍ଦ୍ର ପ୍ରଧାନ ନିଜେ ସାମିଲ ହୋଇଥିଲେ ।

## ପେଟାନାଳ ସଫେଇ କାର୍ଯ୍ୟ ତଦାରଖ କଲେ ବିଧାୟିକା ସୋଫିଆ

କଟକ, (ସ୍ୱପ୍ର): ବିଧାୟିକା ସୋଫିଆ ଫିରଦୋସ ଶନିବାର ପେଟାନାଳ ଗ୍ରାଉଣ୍ଡ ଜିରୋ ପରିଦର୍ଶନ କରି ସେଠାରେ ଚାଲିଥିବା ସଫେଇ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେ ୱାଟକୋ ଡ୍ରେନେଜ ବିଭାଗର ଅଧିକାରୀ ମାନଙ୍କ ସହିତ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ । ପେଟାନାଳ ପୁନରୁଦ୍ଧାର ପାଇଁ ଆବଶ୍ୟକୀୟ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଯଥାଶୀଘ୍ର ବାକିଥିବା ସମସ୍ତ କାର୍ଯ୍ୟ ଆରମ୍ଭ କରାଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରାଯିବ ବୋଲି ବିଧାୟିକା ସୂଚନା ଦେଇଛନ୍ତି । ଏହା ସିଡିଏ ଏବଂ ବିଡାନାସୀ ଅଞ୍ଚଳର ବାସିନ୍ଦାଙ୍କ ପାଇଁ ଏକ ନୂତନ ଜୀବନଧାରା ସଦୃଶ ହେବ ।



ଏହା ଦ୍ୱାରା ଅଞ୍ଚଳର ପରିବେଶରେ ଉନ୍ନତି ଆସିବା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରରେ ନୂତନ ସୁଯୋଗ ମଧ୍ୟ ସୃଷ୍ଟି ହେବ ବୋଲି ସେ ମତପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, ଶୈଳବାଳା ଜେନା, ନିତ୍ୟାନନ୍ଦ ରାଉତରାୟ, ଜିତେନ୍ଦ୍ର ନାୟକ, ସତ୍ୟଶ୍ରୀ ବେହେରା, ଦିଲ୍ଲୀପ ମହାନ୍ତି, ସୁରଜିତ ସାହୁ, ଶୋନୁ ସ୍ୱାଇଁ, ସେକ ବାବାୟାନୀ, ଅନିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପିଏନ୍‌ବି ପକ୍ଷରୁ କୁଲୁଣ୍ଡିଠାରେ ମେଗା ଏଗ୍ରିକଲ୍‌ଚର୍ ଏକ୍ସପୋ



ଭୁବନେଶ୍ୱର (ସବ୍ୟୁ): ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ତରଫରୁ ଏକ ମେଗା କୃଷି ଏକ୍ସପୋ କୁଲୁଣ୍ଡି, ସର୍କଲ କାର୍ଯ୍ୟାଳୟ, ସମ୍ବଲପୁରଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ପୃଷ୍ଟି, ମହାପ୍ରବନ୍ଧକ, କର୍ପୋରେଟ୍ କ୍ରେଡିଟ୍ ମୁଖ୍ୟ କାର୍ଯ୍ୟାଳୟ ଏବଂ ଶ୍ରୀ ଜନ୍‌ସନ୍ , ସହାୟକ ମହାପ୍ରବନ୍ଧକ, ଜୋନାଲ କାର୍ଯ୍ୟାଳୟ, ଭୁବନେଶ୍ୱର ଉପସ୍ଥିତ ଥିଲେ। ଏହି ଅବସରରେ ୧୫ ଜଣ ମୂଲ୍ୟବାନ ଗ୍ରାହକଙ୍କୁ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଏହି ଏକ୍ସପୋରେ ମୋଟ୍ ୧୮୫ଟି ଋଣ ଲିଡ୍ ସୃଷ୍ଟି ହୋଇଥିଲା ଯାହାର ପରିମାଣ ପ୍ରାୟ ୬୮କୋଟି ଟଙ୍କା ଥିଲା। ଏହା ଗ୍ରାହକଙ୍କ ଦୃଢ ସମ୍ପର୍କ ଓ ବ୍ୟବସାୟିକ ସମ୍ଭାବନାକୁ ପ୍ରତିଫଳିତ କରିଥିଲା। ସନ୍ଧ୍ୟାରେ ମହାପ୍ରବନ୍ଧକ ଶ୍ରୀ ପୃଷ୍ଟି ସର୍କଲ କାର୍ଯ୍ୟାଳୟର କର୍ମଚାରୀ, ସ୍ଥାନୀୟ ଶାଖାର କର୍ମଚାରୀ ଓ ସର୍କଲର ଅନ୍ୟାନ୍ୟ ଶାଖାଗୁଡିକୁ ଉଦ୍‌ବୋଧନ ଦେଇ ଡରଭରଙ୍ଘ ମାଧ୍ୟମରେ ସଂଯୁକ୍ତ କରିଥିଲେ।

### ୱାଟ୍‌କୋର ଐତିହାସିକ ସଫଳତା

## ସମସ୍ତ ୨୯ ସହରାଞ୍ଚଳରେ ୧୦୦% ଜଳ ଯୋଗାଣ ସୁନିଶ୍ଚିତ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଜଳ ନିଗମ (ୱାଟ୍‌କୋ) ସହରାଞ୍ଚଳ ନାଗରିକ ସେବା କ୍ଷେତ୍ରରେ ଏକ ଐତିହାସିକ ମାଇଲଷ୍ଟୋନ୍ ଅର୍ଜନ କରିଛି। ନିଗମ ନିଜ ଅଧୀନରେ ଥିବା ସମସ୍ତ ୨୯ଟି ସହରାଞ୍ଚଳରେ ଶତପ୍ରତିଶତ ଘରୋଇ ପାଇପ୍ ଜଳ ସଂଯୋଗ ସୁନିଶ୍ଚିତ କରି ସାର୍ବଜନୀନ ଜଳ ଯୋଗାଣ ଲକ୍ଷ୍ୟ ପୂରଣ କରିଛି। ଏହି ସଫଳତା ସହ ରାଜ୍ୟର ସହରାଞ୍ଚଳ ଜଳ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନ ସୁଦୃଢ଼ କରିଛି। ନିକଟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ୱାଟ୍‌କୋର ଏହି ସଫଳତା ସହିତ ଆଗାମୀ ଜଳ ଓ ସ୍ୱେରେଜ୍ ଭିତ୍ତିଭୂମି ବିକାଶ ରୋଡମ୍ୟାପ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ୱାଟ୍‌କୋ ପ୍ରାୟ



୭,୬୩,୦୮୨ଟି ଘରୋଇ ସଂଯୋଗ ମାଧ୍ୟମରେ ୪.୯୧ ନିୟୁତରୁ ଅଧିକ ସହରବାସୀଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଆସୁଛି। "ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍" ଅଭିଯାନ ଏହି ପ୍ରୟାସକୁ ଅଧିକ ଗତିଶୀଳ କରିଛି। ବର୍ତ୍ତମାନ ୧୧ଟି ସହରାଞ୍ଚଳରେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସଫଳତାର ସହ ଚାଲିଥିବାବେଳେ, ଅନ୍ୟ ୧୭ଟି ସହରରେ ଏହାର ସମ୍ପ୍ରସାରଣ କାର୍ଯ୍ୟ ଜୋରଦାର ଭାବେ ଅଗ୍ରସର ହେଉଛି। ୱାଟ୍‌କୋର ବର୍ତ୍ତମାନ ମୋଟ ଜଳ ଯୋଗାଣ କ୍ଷମତା ୯୮୮.୮୯ ଏମ୍ ଏଲ୍ ଡିରେ ପହଞ୍ଚିଥିବାବେଳେ ସହରାଞ୍ଚଳର ବର୍ତ୍ତମାନ ଚାହିଦା ୭୦୦.୬୭ ଏମ୍ ଏଲ୍ ଡି ରହିଛି। ଏହି ଅତିରିକ୍ତ କ୍ଷମତା ଆଗାମୀ ଦିନରେ ରାଜ୍ୟର ଦୀର୍ଘମିଆଦି ଜଳ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ। ୨୦୨୫-୨୬ ଆର୍ଥିକ ବର୍ଷରେ ୱାଟ୍‌କୋ ନିଜର ୯୧୨ କୋଟି ଟଙ୍କାର ବଜେଟକୁ ଶତପ୍ରତିଶତ ବ୍ୟୟ କରିଥିବା ସହିତ ଅମୃତ ଏବଂ ଓଏମବିଏଡିସି ପରି ଯୋଜନା ମାଧ୍ୟମରେ ଅତିରିକ୍ତ ୫୦୦ କୋଟି ଟଙ୍କାରୁ ଅଧିକ

### ୨୦୨୬-୨୭ରେ ଜଳ ଓ ସ୍ୱେରେଜ୍ ଭିତ୍ତିଭୂମି ପାଇଁ ବୃହତ୍ ପୁଞ୍ଜିନିବେଶ

ପୁଞ୍ଜିନିବେଶ କରି ଜଳ ଭିତ୍ତିଭୂମିକୁ ସୁଦୃଢ଼ କରିଛି। ଏହି ଧାରାକୁ ଜାରି ରଖି ୨୦୨୬-୨୭ ପାଇଁ ୯୨୦ କୋଟି ଟଙ୍କାର ଏକ ମହତ୍ୱାକାଂକ୍ଷୀ କାର୍ଯ୍ୟଯୋଜନା ପ୍ରସ୍ତୁତ ହୋଇଛି, ଯେଉଁଥିରେ ସ୍ୱେରେଜ୍ ଭିତ୍ତିଭୂମି ବିକାଶ ପାଇଁ ୨୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଗତ ଏକ ବର୍ଷ ମଧ୍ୟରେ ୱାଟ୍‌କୋ ୩ଟି ନୂତନ ଜଳ ବିଶୋଧନ ପ୍ଲାଣ୍ଟ ଓ ୫୮ଟି ଉଚ୍ଚକ୍ଷମତାସମ୍ପନ୍ନ ଜଳାଶୟ ନିର୍ମାଣ କରିଛି। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୨,୬୫୮.୪୭ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଅବସ୍ଥାରେ ରହିଛି। ଏଥିରେ ଭୁବନେଶ୍ୱର ପାଇଁ ୧୩୦ ଏମ୍ ଏଲ୍ ଡି କ୍ଷମତା ବିଶିଷ୍ଟ ବୃହତ୍ ଜଳ ବିଶୋଧନ ପ୍ଲାଣ୍ଟ ଏବଂ ସହରର ବସ୍ତି ଓ ଅଣ-ବସ୍ତି ଅଞ୍ଚଳରେ ସ୍ୱେରେଜ୍ ନେଟୱାର୍କ ସମ୍ପ୍ରସାରଣ ପରି ପ୍ରକଳ୍ପ ଅନ୍ତର୍ଭୁକ୍ତ ଅଛି।

## କଟକ ଜିଲ୍ଲା ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ହେଲେ ମଧୁସ୍ମିତା ପ୍ରଧାନ

କଟକ,( ସବ୍ୟୁ):ବିଜେପି ଓଡିଶା ପକ୍ଷରୁ ରାଜ୍ୟର ୩୭ଟି ସାଙ୍ଗଠନିକ ଜିଲ୍ଲା ପାଇଁ ମହିଳା ମୋର୍ଚ୍ଚା ସଭାନେତ୍ରୀଙ୍କ ନାମ ଘୋଷଣା କରାଯାଇଛି । କଟକ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାବେ ମଧୁସ୍ମିତା ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।ମଧୁସ୍ମିତା ଜଣେ ପ୍ରକାଶିକା ଓ ବିଜେପିର ସଂଗଠନମୁଖୀ କାର୍ଯ୍ୟକର୍ତ୍ତା ଅଟନ୍ତି । ଛାତ୍ରୀ ଜୀବନରୁ ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବିଭିନ୍ନ ଦାୟିତ୍ୱ ସଫଳତାର ସହିତ ତୁଲାଇ ଆସିଛନ୍ତି । ସେ ଇମର୍ତ୍ତି ଦେବୀ ମହାବିଦ୍ୟାଳୟରେ ଦୁଇଥର ସଭାନେତ୍ରୀ ଭାବେ ନିର୍ବାଚିତ ହୋଇଥିଲେ ।ମଧୁସ୍ମିତା ପ୍ରଧାନ କଟକ ନଗର ବିଜେପିର ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ୱର୍ଗତା ନୟନା ପ୍ରଧାନଙ୍କ ସୁପୁତ୍ରୀ ତଥା ବରିଷ୍ଠ ବିଜେପି ନେତା ସ୍ୱର୍ଗତ ଚନ୍ଦ୍ରଶେଖର ପାତ୍ରଙ୍କ ବୋହୂ ଅଟନ୍ତି । ମଧୁସ୍ମିତାଙ୍କୁ ଏହି ନୂତନ ଦାୟିତ୍ୱ ମିଳିବା ପରେ ଜିଲ୍ଲା ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଖୁସିର ବାତାବରଣ ସୃଷ୍ଟି ହୋଇଛି । ନିଜର ଏହି ଗୁରୁଦାୟିତ୍ୱ ପାଇଁ ସେ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶର୍ଯ୍ୟା ବିଶ୍ୱାଳ, ରାଜ୍ୟ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ଭର୍ତ୍ତୃହରି ମହତାବ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ ଛବି ମଲ୍ଲିକ, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ତୁଷାର ଚକ୍ରବର୍ତ୍ତୀଙ୍କ ସମେତ ଜିଲ୍ଲାର ସମସ୍ତ ବରିଷ୍ଠ ନେତୃତ୍ୱ ଓ କାର୍ଯ୍ୟକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ପ୍ରାଥମିକ ଶିକ୍ଷକ ମହାସଂଘ ଓଡ଼ିଶା ଷ୍ଟିୟରିଂ କମିଟିର ଗଣଧାରଣା ୩୨ ଦିନରେ



ଭୁବନେଶ୍ୱର, (ସବ୍ୟୁ): ଦୁଇ ଦଫା ଦାବି ନେଇ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ସ୍ଥାନୀୟ ଲୋୟର ପିଏମ୍‌ଜି ଠାରେ ଦିଆଯାଇଥିବା ଗଣଧାରଣା ୩୨ ଦିନରେ ପହଞ୍ଚିଛି । ଏହି ଧାରଣାରେ ପ୍ରାଥମିକ ଶିକ୍ଷକ ମହାସଂଘ ଓଡ଼ିଶାର ଆବାହକ ରାମଲାଲ୍ ପଟେଲଙ୍କ ସମେତ କ୍ଲିୟରିଂ କମିଟିର ସଦସ୍ୟ, ରାଜ୍ୟର ବିଭିନ୍ନ ଜିଲ୍ଲା ଓ ବ୍ଲକ କର୍ମକର୍ତ୍ତାମାନେ ଗଣଧାରଣାରେ ସାମିଲ ହୋଇଛନ୍ତି । ସମସ୍ତ ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ମୂଳ ପଦବୀକୁ ଉର୍ଣ୍ଣିତ କରି ରାଜ୍ୟ ସରକାରଙ୍କ ସପ୍ତମ ବେତନ କମିଶନର ପେ ଲେଭୁଲ-୦୯ ଅନୁସାରେ ପ୍ରବେଶ ସ୍ତର ବେତନ ୩୫,୪୦୦ ଟଙ୍କା ପ୍ରଦାନ କରିବା, ପ୍ରାଥମିକ ଶିକ୍ଷା ବିଭାଗରେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥାକୁ ରଦ୍ଦ କରାଯାଇ ୨୦୦୧ ମସିହାରୁ ଏପର୍ଯ୍ୟନ୍ତ ଏସ୍‌ଏସ୍‌ଏସ୍/ ଏସ୍‌ଏସ୍/ ଜେଟି ଭାବରେ କାର୍ଯ୍ୟରତ ସମସ୍ତ ସମୟକୁ ନିୟମିତ ସେବା ଭାବେ ଗଣନା କରି ନୋଶନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି । ଦାବି ପୂରଣ ହେବା ପର୍ଯ୍ୟନ୍ତ ଗଣଧାରଣା ଅବ୍ୟାହତ ରହିବ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

### ଟଙ୍କା ଠକେଇକୁ ନେଇ ଅପହରଣ

## ଅପହୃତ ଉଦ୍ଧାର, ୨ ମହିଳାଙ୍କ ସମେତ ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଟଙ୍କା ଠକେଇକୁ ନେଇ ଧନଞ୍ଜୟ ରାଓଙ୍କୁ ଅପହରଣ କରାଯାଇଥିଲା । ଏୟାରଫିଲ୍ଡ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅପହୃତ ଧନଞ୍ଜୟଙ୍କୁ ଉଦ୍ଧାର କରିବା ସହ ଦୁଇ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି । ଅପହରଣରେ ବ୍ୟବହାର ହୋଇଥିବା କାର ଓ ସେମାନଙ୍କ ୪ ଟି ମୋବାଇଲ ଫୋନ ପୋଲିସ ଜବତ କରିଛି । ଶୁକ୍ରବାର ରାତି ୯ଟା ବେଳେ ଅଭିଯୋଗକାରିଣୀ କେ ଲିଲି ଏକ ଫୋନ କଲରୁ ଜାଣିବାକୁ ପାଇଥିଲେ ଯେ, ବିଜୟ କୁମାର ସାହୁ, ରାଜେଶ୍ରୀ ଧଳ, ସତ୍ୟନାରାୟଣ ଦାସ ଓ ମାମାଲି ପଣ୍ଡା ଲାଲ ରଙ୍ଗର ଏକ ମାରୁତି କାରରେ ତାଙ୍କ ସ୍ୱାମୀଙ୍କୁ ସୁନ୍ଦରପଦା ସ୍ଥିତ ଏକ ଭଡା ଘରରୁ ଜୋର ଜବରଦସ୍ତ ଅପହରଣ କରିନେଇ କେଉଁଠି ଅଟକ ରଖିଛନ୍ତି । ସ୍ୱାମୀଙ୍କୁ ଖୋଜ ଖବର କରି ସନ୍ଧାନ ନପାଇବାରୁ ଏୟାରଫିଲ୍ଡ ଥାନାରେ ଏତଲା କରିଥିଲେ ।

ଏତଲା ଆଧାରରେ ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲା ଯେ ଅଭିଯୁକ୍ତ ବିଜୟ କୁମାର ସାହୁ, ରାଜଶ୍ରୀ ଧଳ, ସତ୍ୟନାରାୟଣ ଦାସ ଓ ମାମାଲି ପଣ୍ଡାଙ୍କ ସହ କେ ଧନଞ୍ଜୟ ରାଓଙ୍କର ୨୦୨୧ ମସିହାରୁ ପରିଚୟ ଥିଲା । ଧନଞ୍ଜୟ ଜମି ପ୍ଲଟିଂ ଓ ବିଜ୍ଞାପନ ମାଧ୍ୟରେ ଜମି ବିକ୍ରି କରୁଥିଲେ । ଜମି ବେପାର ପରେ ପରେ ଅନଲାଇନରେ ଟ୍ରେଡିଙ୍ଗ ଆରମ୍ଭ କରି ଅଭିଯୁକ୍ତମାନଙ୍କୁ ସେଥିରେ ଟଙ୍କା ଲଗାଇବାକୁ ପରାମର୍ଶ ଦେଇଥିଲେ । ଲାଭ ସହ ମୂଳ ଜମା ଫେରାଇବେ ବୋଲି ସେମାନଙ୍କୁ ଧନଞ୍ଜୟ କହିଥିଲେ । ଅପହୃତାଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଇଥିଲେ ଧନଞ୍ଜୟ । ପରବର୍ତ୍ତୀ ସମୟରେ ସେ ଅଭିଯୁକ୍ତମାନଙ୍କ ସହ ଅନ୍ୟ ଲୋକଙ୍କ ଟଙ୍କା ମଧ୍ୟ ଫେରାଇ ନଥିଲେ । ଫୋନ କଲରେ ସେ ରିସିଭ୍ କରିନଥିଲେ । ବାରମ୍ବାର ସିମକାର୍ଡ ବଦଳାଉ ଥିଲେ । ଏଥିସହ କେତେକ ଲୋକଙ୍କଠାରୁ ସରକାରୀ ଓ ବେସରକାରୀ ଚାକିରି କରାଇଦେବାକୁ କହି ଅନେକ ଲୋକଙ୍କଠାରୁ ମଧ୍ୟ ଟଙ୍କା ନେଇଥିଲେ ।ବହୁ ଚେଷ୍ଟା ସତ୍ତ୍ୱେ ଅଭିଯୁକ୍ତମାନେ ତାଙ୍କ ଟଙ୍କା ଫେରସ୍ତ ପାଇନଥିଲେ । ଯାହା ଫଳରେ ଧନଞ୍ଜୟ ଅପହରଣ କରିବାରୁ ଯୋଜନା କରିଥିଲେ । ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮ ଟା ରୁ ୯ ଟା ମଧ୍ୟରେ ଧନଞ୍ଜୟ ଗାୟତ୍ରୀ ବିହାର ସ୍ଥିତ ତାଙ୍କ ଭଡା ଘରକୁ ଆସିଥିବା ଅପହର୍ତ୍ତାମାନେ ଖବର ପାଇଥିଲେ । ଲାଲ ରଙ୍ଗର ଏକ ମାରୁତି ସୁଇଟ୍ ଡିଜାୟାର୍ଡ ଗାଡିରେ ଗାୟତ୍ରିର ବିହାରକୁ ଆସିଥିଲେ । ଗାୟତ୍ରିର ବିହାରକୁ ଆସି ଧନଞ୍ଜନ ରାଓଙ୍କୁ ଜୋର ଜବରଦସ୍ତ ଅପହରଣ କରି ନେଇଯାଇଥିଲେ ।

### ଜଙ୍ଗଲ ଓ ପୋଲିସ ଅଧିକାରୀଙ୍କ ଆଖି ଆଗରେ

## ପୁଣି କୁଶୁନପୁର ଜଙ୍ଗଲରୁ ଚାଲିଲା ଆଖିବୁଜା କଳାପଥର ଚୋରି

ଚଣ୍ଡିଖୋଲ, (ସବ୍ୟୁ) କଟକ ବନଖଣ୍ଡ ଅଧିନ ଯାଜପୁର ଜିଲ୍ଲାର ଡାଳିଯୋଡା ବନାଞ୍ଚଳ ତଥା ଜେନାପୁର ଥାନା ଅନ୍ତର୍ଗତ ବଳରାମପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ କୁଶୁନପୁର ମୌଜାର ନିଷିଦ୍ଧ ପାହାଡରେ ଶକ୍ତିଶାଳୀ ବିସ୍ଫୋରଣ କରି ମାଫିଆମାନେ ପୁଣି ଆରମ୍ଭ କରିଛନ୍ତି ଆଖିବୁଜା କଳାପଥର ଚୋରି। ଏଠାରେ ବେଆଇନ ଡେନାମାଇଟ ବିସ୍ଫୋରଣ ଓ ପଥର ଚୋରି ନେଇ ବାରମ୍ବାର ଅଭିଯୋଗ ହେବାପରେ ଗତ ଫେବୃୟାରୀ ୧୮ ତାରିଖରେ ଏଠାରେ ସ୍ୱତନ୍ତ୍ର ଭିଜିଲାନ୍ସ ଟିମ ଚଢାଉ କରିଥିଲା । ଫଳରେ ଗତ କିଛିଦିନ ହେବ ଏଠାରୁ ପଥର ଚୋରି କମିଥିଲା । ହେଲେ ଭିଜିଲାନ୍ସ କାର୍ଯ୍ୟାନୁଷ୍ଠାନକୁ ଖାତିର ନକରି ଏବେ ମାଫିଆମାନେ ପୁଣି ଜଙ୍ଗଲ ଧ୍ୱଂସ କରି ପଥର ଚୋରି ଆରମ୍ଭ କରିଛନ୍ତି। ସଂରକ୍ଷିତ ଜଙ୍ଗଲ କିଶମ ଏହି ପାହାଡରୁ ଇତିମଧ୍ୟରେ ଦୁଇଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କଳାପଥର ଚୋରି ହୋଇଗଲାଣି ଓ ଶତାଧିକ ଏକର ଜଙ୍ଗଲ ନଷ୍ଟ ହୋଇସାରିଲାଣି। ତଥାପି ସ୍ଥାନୀୟ ଜଙ୍ଗଲ ବିଭାଗ ଅଧିକାରୀ ଓ ଜେନାପୁର ଥାନା ପୋଲିସ ଏହି ବେଆଇନ କାର୍ଯ୍ୟକୁ ରୋକିବାକୁ ସାମାନ୍ୟ ଚେଷ୍ଟା କରୁନାହାଁ। ଚଡେଇଧରା ଓ ଚଣ୍ଡିଖୋଲ ସେକସନର ଜଙ୍ଗଲ ଅଧିକାରୀ ଓ ଜେନାପୁର ଥାନା ପୋଲିସ ଆଖି ଆଗରେ ଏହି ଜଙ୍ଗଲ ଧ୍ୱଂସ ଓ ପଥରଚୋରି ଚାଲୁଥିଲେ ମଧ୍ୟ ଉଭୟ ବିଭାଗର ଅଧିକାରୀ ଚୁପହୋଇ ବସିଛନ୍ତି। ମାଫିଆମାନେ ସଂରକ୍ଷିତ ଜଙ୍ଗଲ ଧ୍ୱଂସକରି ପାହାଡରେ ଶକ୍ତିଶାଳୀ ବିସ୍ଫୋରଣ ଘଟାଇ ଦୈନିକ ଶହଶହ ଟ୍ରିପ ପଥର ଚୋରି କରି ପାଖରେ ଥିବା ଷ୍ଟୋନ କ୍ରସର ଗୁଡିକୁ ଚୋରାଚାଲାଣ କରୁଛନ୍ତି । ଏବେ ଭୋର ୪ଟାରୁ ଦିନ ୧୦ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦିବାଲୋକରେ ଏହି ପଥର ଲୁଟ ଚାଲିଛି।

ଜଙ୍ଗଲ ଅଧିକାରୀ,ଜେନାପୁର ପୋଲିସ,ସ୍ଥାନୀୟ ଷ୍ଟୋନକ୍ରସର ମାଲିକ ଓ ପଥର ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଚୋରି ହେଉଥିବା ପଥରକୁ କଞ୍ଚାମାଲ ଭାବେ ବ୍ୟବହାର କରୁଛନ୍ତି। ପଥର ଚୋରଙ୍କ ଉତ୍ପାତରେ ବଳରାମପୁର ଓ କୁଶୁନପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ(ପିଆରଏଫ)ର ଶହେ



ବିଶେଷକରି କୁଶୁନପୁର ସଂରକ୍ଷିତ ଜଙ୍ଗଲ ଓ ପାହାଡ ପାଦଦେଶରେ ଥିବା ୨୦ରୁ ଉର୍ଦ୍ଧ୍ୱ ଷ୍ଟୋନକ୍ରସର ମାଲିକ ସିଧାସଳଖ ପଥର ଚୋରଙ୍କ ସହିତ ସାମିଲ ହୋଇ ଏପରି ବେଆଇନ କାରବାରକୁ ପ୍ରୋତ୍ସାହିତ କରିବା ସହ ନିଜ ନିଜ କ୍ରସରରେ ଏଠାରୁ ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ ଓ ନିଷିଦ୍ଧ ପାହାଡ ନଷ୍ଟଭ୍ରଷ୍ଟ ହୋଇଗଲାଣି। ଉକ୍ତ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ (ପିଆରଏଫ) ରୁ ଶତାଧିକ କୋଟି ଟଙ୍କାର ପଥର ଚୋରି କରି ନିଆଯାଇଥିବା ବେଳେ ମାଫିଆଙ୍କ ଶକ୍ତିଶାଳୀ ବିସ୍ଫୋରଣରେ ସମଗ୍ର ଜଙ୍ଗଲ ଓ ପାହାଡ ଅଞ୍ଚଳ ଖିନ୍ନଭିନ୍ନ ହୋଇ ଗଲାଣି । ଏହି ସଂରକ୍ଷିତ ଜଙ୍ଗଲରେ ବହୁ ଜଙ୍ଗଲି ଜୀବଜନ୍ତୁ ରହି ଆସୁଛନ୍ତି। ପଥର ମାଫିଆମାନେ ଜଙ୍ଗଲ ଓ ପାହାଡରେ ଶକ୍ତିଶାଳୀ ଡେନାମାଇଟ ବିସ୍ଫୋରଣ କରି କଳାପଥର ଫଟାଇବା ଯୋଗୁଁ ଏବେ ବ୍ୟାପକ ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି।

ଯେଉଁଥି ପାଇଁ ଏଠାରେ ରହୁଥିବା ଜଙ୍ଗଲି ଜୀବଜନ୍ତୁ ଓ ସ୍ଥାନୀୟ ଗ୍ରାମବାସୀଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ପଥର ମାଫିଆଙ୍କ ଉତ୍ପାତ ଯୋଗୁଁ ଏବେ ଉକ୍ତ ଜଙ୍ଗଲରୁ ବହୁ ଦୁର୍ଲଭ ଜୀବଜନ୍ତୁ ବିଲୁପ୍ତ ହୋଇଯାଉଥିଲା ବେଳେ ଅନ୍ୟକିଛି ଜୀବଜନ୍ତୁ ରାହା ନପାଇ ଜନବସତି ମୁହାଁ ହୋଇଛନ୍ତି। ତେବେ ଜଙ୍ଗଲ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ବିଭାଗୀୟ ଭିଜିଲାନ୍ସ ଅଧିକାରୀ ମାନେ ଏଠାରୁ କୋଟିକୋଟି ଟଙ୍କାର କଳାପଥର ଚୋରି ଓ ଜଙ୍ଗଲ ଧ୍ୱଂସ ହେବା ନେଇ ଅବଗତ ଥିଲେ ମଧ୍ୟ ତାହାକୁ ରୋକିବା ପାଇଁ କୌଣସି ସ୍ଥାୟୀ ପ୍ରତିକାର କରୁନାହାନ୍ତି। କେବଳ ଧର୍ମକୁ ଆଖିଠାର ମାରିବା ନିତିରେ ବର୍ଷେ ଛମାସରେ ଥରେ ଚଢାଉକରି ନିଜ ଦାୟିତ୍ୱ ସାରିବା ଘଟଣାକୁ ବୁଦ୍ଧିଜୀବୀ ଓ ପରିବେଶ ପ୍ରେମୀ ମାନେ ନାପସନ୍ଦ କରିଛନ୍ତି। ଏଠାରୁ ବ୍ୟାପକ ପଥର ଚୋରି ଓ ଜଙ୍ଗଲ ଧ୍ୱଂସ ହେବା ନେଇ ଓଡିଶା ହାଇକୋର୍ଟ ଉଦବେଗ ପ୍ରକାଶକରି ଏଠାରୁ ପଥର ଚୋରିକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଗତ ୨୦୨୫ ମେ ମାସରେ ଯାଜପୁର ଜିଲ୍ଲାପାଳ,କଟକ ଡିଏଫଓ ଏବଂ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଦ୍ୟାବଧି କୋର୍ଟଙ୍କ ଏହି ଆଦେଶ ଅନୁପାଳନ ହୋଇନଥିବା ଦେଖାଯାଇଛି। ସରକାର ଏହି କୋଟିକୋଟି ଟଙ୍କାର ପଥର ଚୋରିକୁ ରୋକିବା ସହିତ ଏହି ଜଙ୍ଗଲରେ ରହୁଥିବା ଦୁର୍ଲଭ ଜୀବଜନ୍ତୁ ଓ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଓ ପାହାଡର ସୁରକ୍ଷା ପାଇଁ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ହାଇକୋର୍ଟରେ ମାମଲା ବିଚାରଧୀନ ବେଳେ ଲୋକ ଅଦାଲତକୁ ଡ଼ାକରା

## ବିଧବା ମହିଳା ଦ୍ୱୟଙ୍କୁ ସାନ୍ତ୍ୱନା ମୂଳକ ରାଶି ୭ ହଜାର ଲେଖାଏଁ ଦବାକୁ ନିର୍ଦ୍ଦେଶ

କଟକ,(ସବ୍ୟୁ): ନୟାଗଡ଼ର ଦୁଇ ବିଧବା ମହିଳାଙ୍କ ମାମଲା ହାଇକୋର୍ଟରେ ବିଚାରଧୀନ ଅଛି ଅଥଚ ସେମାନଙ୍କୁ ଲୋକ ଅଦାଲତକୁ ଡକାଯାଇଛି ।ଯୋଉ ମାମଲା ଏଠି ସମାଧାନ ହେବାର କୌଣସି ଅବକାଶ ବି ନ ଥିଲା। କିନ୍ତୁ ବିଧବା ଦୁହିଁଙ୍କୁ ଡହ ଡ଼ହ ଖରାରେ ଏ ପର୍ଯ୍ୟନ୍ତ ଆସିବାକୁ ପଡ଼ିଲା। ଦୁଇ ଜଣ ବିଧବା ମହିଳା ରୀନା ଦେଇ ଏବଂ ସୀତା ବେହେରାଙ୍କୁ ଅଯଥାରେ ଏଭଳି କଷ୍ଟ ଉଠାଇବାକୁ ପଡ଼ିଥିବାରୁ ଲୋକ ଅଦାଲତର ବିଚାରପତି ତଥା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଉକ୍ତ ମହିଳାଙ୍କ ନିକଟରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଯଦିଓ ଏହି ମହିଳାଦ୍ୱୟଙ୍କ କଷ୍ଟକୁ କୌଣସି ଭାବେ ଲାଘବ କରାଯାଇ ପାରିବ ନାହିଁ ତଥାପି ସେମାନଙ୍କୁ ସାନ୍ତ୍ୱନା ମୂଳକ ରାଶି ଭାବେ ୭ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ଜଷ୍ଟିସ୍ ଭି. ନରସିଂହ ହାଇକୋର୍ଟ ଆଇନସେବା କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୩ ତାରିଖ ଭିତରେ ଏହି ଅର୍ଥ ରାଶି ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ପଠାଇବାକୁ ଆଦେଶରେ ସ୍ପଷ୍ଟ କରାଯାଇଛି। ଆଜିର ଲୋକ ଅଦାଲତ ରେ ଜଷ୍ଟିସ୍ ଭି. ନରସିଂହ ମଧ୍ୟ ବିଭିନ୍ନ ମାମଲାର ଶୁଣାଣି କରିଥିଲେ। ଏକ ମୋଟର ଦୁର୍ଘଟଣା କ୍ଲେମ୍ ଟ୍ରିବ୍ୟୁନାଲ(ଏମ୍‌ଏସିଟି) ସଂକ୍ରାନ୍ତ ମାମଲା ଜଷ୍ଟିସ୍ ଭି. ନରସିଂହଙ୍କ ଅଦାଲତରେ ହୋଇଥିଲା। ନୟାଗଡ଼ରେ ଏକ ଦୁର୍ଘଟଣାରେ ଉପରୋକ୍ତ ଦୁଇ ମହିଳାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଥିଲା । ସେମାନେ କ୍ଷତିପୂରଣ ପ୍ରାର୍ଥନା କରି ଏମଏସିଟିରେ ମାମଲା ରୁଜୁ କରିଥିଲେ। ଏମ୍‌ଏସିଟି ପକ୍ଷରୁ ସେମାନଙ୍କୁ ଦିନ ମଜୁରିଆ ହିସାବରେ ଗ୍ରହଣ କରାଯାଇ କ୍ଷତିପୂରଣ ପ୍ରଦାନ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଆଦେଶ ବିରୋଧରେ ହାଇକୋର୍ଟରେ ଅପିଲ୍‌ର ଏବେ ବିଚାରଧୀନ ରହିଛି।

ଅପରପକ୍ଷରେ ଏହି ମାମଲାକୁ ଲୋକ ଅଦାଲତକୁ ପଠାଇ ଦିଆଯାଇଥିଲା । ଏଥିପାଇଁ ଉଭୟ ମହିଳାଙ୍କୁ ଲୋକ ଅଦାଲତରେ ଆସି ଉପସ୍ଥିତ ହେବାକୁ ନୋଟିସ୍ କରାଯାଇଥିଲା। ଆଜି ଏହି ମାମଲାର ଶୁଣାଣି ବେଳେ ସମସ୍ତ ପକ୍ଷଙ୍କ ଆଇନଜୀବୀଙ୍କୁ ବିଚାରପତି ଶୁଣିଥିଲେ। ଏହି ମାମଲାର ସମାଧାନ ହେବାର କୌଣସି ପ୍ରକାର ସମ୍ଭାବନା ମଧ୍ୟ ନଥିଲା । କାରଣ ଏହି କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ଜଟିଳ ଥିଲା । ଏଭଳି ଏକ ମାମଲାର ସମାଧାନ ଲୋକ ଅଦାଲତରେ ସମ୍ଭବ ନଥିବାରୁ ଜଷ୍ଟିସ୍ ଭି. ନରସିଂହ ଅସନ୍ତୋଷ ବ୍ୟକ୍ତ କରିଥିଲେ ।

# ଗଞ୍ଜାମ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା କମିଟି ଘୋଷଣା




ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ଷ୍ଟେସନ ରୋଡ ନେହୁରୁ ପାର୍କ ନିକଟ ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ବିଜେପି ଜିଲ୍ଲା ସଭାପତି ସରୋଜ ସାବତ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାରଙ୍କ ସମେତ ଜିଲ୍ଲାର ସମସ୍ତ ବିଧାୟକଙ୍କ ଅନୁମୋଦନ କ୍ରମେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସୂର୍ଯ୍ୟ ନାରାୟଣ ଦାସ କୃଷକ ମୋର୍ଚ୍ଚାର ଜିଲ୍ଲା କମିଟି ନାମ ଘୋଷଣା କରିଥିଲେ ।

ଏଥିରେ ୬ ଜଣ ଉପସଭାପତି ଯଥା ପ୍ରଦୀପ କୁମାର ପଟ୍ଟନାୟକ, ରଘୁନାଥ ସାହୁ, ଅହିଂଶା ସାହୁ, ଅଜିତ ପ୍ରଧାନ ରଜତ କୁମାର ପଣ୍ଡିତ ଓ ଇନ୍ଦିରାମଣି ପଟ୍ଟନାୟକ, ୨ ଜଣ ସାଧାରଣ ସମ୍ପାଦକ-ବିଜୟ କୁମାର ମୁଦୁଲି ଓ ବଦ୍ରିନାଥ ସାବତ, ୬ ଜଣ ସମ୍ପାଦକ ରଘୁନାଥ ସମନ୍ତରା, ଅରବିନ୍ଦ ମଣ୍ଡଳ, ତ୍ରିନାଥ ମହାପାତ୍ର, ପ୍ରଫୁଲ୍ଲ କୁମାରସାହୁ, ଲକ୍ଷ୍ମୀ ବେହେରା ଓ ଚନ୍ଦନମହାରଣା ଜଣେ କୋଷାଧକ୍ଷ ଅଶ୍ୱିନୀରଥ ଜିଲ୍ଲା ଗଣମାଧ୍ୟମ ପ୍ରଭାରୀ ନିମାଇଁ ଚରଣ ପଣ୍ଡା, ଜିଲ୍ଲା ସାମାଜିକ ଗଣମାଧମ ପ୍ରଭାରୀ ସୁରେଶ ତ୍ରିପାଠୀ ଓ ୧୬ ଜଣ କାର୍ଯ୍ୟକାରୀ ସଦସ୍ୟ ସିଦ୍ଧାର୍ଥ ପଣ୍ଡା, ତ୍ରିଲୋଚନ ସାହୁ, ସାଗର ପାତ୍ର, ସସ୍ମିତ ମିଶ୍ର, ରଞ୍ଜିତ ପ୍ରଧାନ, କେଦାର ମହାନ୍ତି ପ୍ରମୁଖ ଓ ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି ଉପସ୍ଥିତିରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପଟତି ସୂର୍ଯ୍ୟ ନାରାୟଣ ଦାସ ନାମ ଘୋଷଣା କରିଥିଲେ । ଏଥିରେ ଜିଲ୍ଲାର ବହୁ ବିଜେପିର ପଦାକାରୀ ଉପସ୍ଥିତ ଥିଲେ ।

ନିମନ୍ତ୍ରୀତ ଅତିଥି ମଧ୍ୟରେ ରାଜ୍ୟ ପ୍ରବକ୍ତା ଟି ଗୋପି, ମେୟର ପାର୍ଥୀନୀ ସବିତା ସୁଆର, ଦିଗପହଣ୍ଡି ଶ୍ରୀ ମା ଆଶ୍ରମର ଦେବଦତ୍ତ ମହାରାଜ, ବିଶ୍ୱଦେବ, ବିଧାୟକ ପ୍ରତିନିଧି ପ୍ରଦୀପ ନାୟକ, ବିଧାୟକଙ୍କ ପ୍ରତିନିଧି ଶିବ ପ୍ରସାଦ ଦାସ, ଜିଲ୍ଲା ପଦାଧିକାରୀମାନେ ଉପସ୍ଥିତ ରହି ଜିଲ୍ଲା ସଭାପତି ସୂର୍ଯ୍ୟ ନାରାୟଣ ଦାସଙ୍କ ଜନ୍ମଦିନ ପାଳନ ଅବସରରେ ଦୀପ ପ୍ରଜ୍ୱଳନ କରି ମିଷ୍ଟାନ ବଣ୍ଟନ କରିବା ସହିତ କୃଷକ ମୋର୍ଚ୍ଚା ସଙ୍ଗଠନକୁ ଗଞ୍ଜାମ ଜିଲ୍ଲାରେ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ ।

# ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ ଦାବିରେ ମହିଳା କଂଗ୍ରେସର ମଶାଲ ଯାତ୍ରା




ବାରିପଦା, (ସବ୍ୟୁ) : ୩୩ ଶତକଡା ମହିଳା ସଂରକ୍ଷଣ ଦାବିରେ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଆହ୍ୱାନରେ ମୟୂରଭଞ୍ଜ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ବାରିପଦା ଅମ୍ବିକା ମନ୍ଦିର ପାଖରୁ ବିଶାଳ ପଟୁଆରରେ ବାହାରି ହାତରେ ମଶାଲ ଜଳାଇ ପ୍ରତିବାଦ ପଦଯାତ୍ରା କରିଛି ।

ବହୁ ପୂର୍ବରୁ ୩୩ ଶତକଡା ମହିଳା ସଂରକ୍ଷଣ ବିଲ ସଂସଦରେ ଗୃହୀତ ହୋଇଥିବା ମଧ୍ୟ ବିଜେପି ସରକାର ତାହାକୁ କାର୍ଯ୍ୟକାରୀ ନକରି ବିଜେପି ଶାସିତ ରାଜ୍ୟରେ ଡ଼ିଲିମେସନ ନାମରେ ନିଜ ସରକାରକୁ ସବୁଦିନ ପାଇଁ ସୁରକ୍ଷିତ ରଖିବା ପାଇଁ ମହିଳା ସଂରକ୍ଷଣ ନାମରେ ଭାରତ ବର୍ଷକୁ ବିଭ୍ରାନ୍ତ କରୁଚି ଯାହାକୁ ମହିଳା କଂଗ୍ରେସ ଦୃଢ଼ନିନ୍ଦା କରିବା ସହ ପାରିତ ହୋଇଥିବା ୩୩ ଶତକଡା ମହିଳା ସଂରକ୍ଷଣ ବିଲକୁ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଛନ୍ତି। ଯଦି ବିଜେପି ସରକାର ଲାଗୁ ନକରନ୍ତି ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି କଡା ଚେତାବନି ଦେଇଛନ୍ତି କଂଗ୍ରେସ ମହିଳା ନେତ୍ରୀ ଏହି ମହିଳା ମଶାଲ ଯାତ୍ରାର ନେତୃତ୍ୱ ନେଇଥିଲେ ମହିଳା ନେତ୍ରୀ ତଥା ଜିଲ୍ଲା କଂଗ୍ରେସ ଉପସଭାପତି ମାଧବୀ ସେନାପତି, ଭୁବନେଶ୍ୱରୀ ଜେନା, ସବିତା ସୋରେନ, ଗୌରୀ ନାୟକ ଓ ସସ୍ମିତା ବେହେରା।

ଏହି ମଶାଲ ଯାତ୍ରାରେ ଯୋଗ ଦେଇଥିଲେ ପୂର୍ବତନ ଆଇପିଏସ ଅଫିସର ଶ୍ୟାମସୁନ୍ଦର ହାଁସଦାଃ ସହିତ ଓକିଲ ସଂଘ ସଭାପତି ଜ୍ୟୋତି ପ୍ରକାଶ ରଥଙ୍କ ସହିତ ଯୁବକଂଗ୍ରେସ, ଛାତ୍ର କଂଗ୍ରେସ, ଏସି ଓ ଏସଟି କଂଗ୍ରେସ, କୃଷକ କଂଗ୍ରେସ ସହିତ ଶତାଧିକ ମହିଳା ଯୋଗ ଦେଇଥିଲେ। ପରିଶେଷରେ ବାରିପଦା ଜଗନ୍ନାଥ ମନ୍ଦିର ନିକଟରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।

## ଦୁର୍ଘଟଣାଗ୍ରସ୍ତ ପରିବାରକୁ ମିଳିଲା କ୍ଷତିପୂରଣ

ବାରିପଦା, (ସବ୍ୟୁ) : ବାରିପଦା ସଦର ଥାନା ଅନ୍ତର୍ଗତ ଯେଉ ଜୟବିଲ୍ଲା ଅଞ୍ଚଳର ସାଧୁ ସିଂ ଗତ ୨୦୨୫ ମସିହା ଅଗଷ୍ଟ ୫ତାରିଖରେ ଓଡି-୧୧ଡି-୮୭୭୮ ନମ୍ବର ବିଶିଷ୍ଟ ମାରୁତି ଭ୍ୟାନ ଧକ୍କା ଦେବାରେ ମୃତ୍ୟୁବରଣ କରିଥିଲେ ।

ଏହି ଘଟଣାରେ ବାରିପଦା ଜିଲ୍ଲା ଜର୍ଜ ସୁନ୍ଦିପ୍ତ ଆଚାର୍ଯ୍ୟ ବିଚାର କରି ନ୍ୟାସନାଲ ଲୋକ ଅଦାଲତରେ ଓରିଏଣ୍ଟାଲ ଇନ୍ସୁରାନ୍ସ କମ୍ପାନୀକୁ ୧,୧୦,୦୦୦/- ଟଙ୍କା ଆଦେଶ ଦେଇଛନ୍ତି । ଯାହାକି ଏହି ମଟର ଦୁର୍ଘଟଣା କ୍ଷତି ପୂରଣ କେସ ନଂ ୮୧/୨୫ ଅଟେ ।

କେସଟିକୁ ଆପ୍ଲିକେସନ ପାର୍ଟିରୁ ପ୍ରଶ୍ନଜିତ କମିଲା ଓକିଲ ଓ ଇନ୍ସୁରାନ୍ସ କମ୍ପାନୀର ଓଡିଶାର ପରିଚାଳନା ତାପସ କୁମାର ବେହେରା ଓକିଲ ବିଦ୍ୟୁତ୍ କୁମାର ମହାନ୍ତି ପରିଚାଳନା କରୁଥିଲେ ।

## ଛତ୍ରପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ
# ୧୯ କେସର ଫଇସଲା, ୩ ଲକ୍ଷ ୮୫୦ ଟଙ୍କା ଆଦାୟ

ଛତ୍ରପୁର, (ସବ୍ୟୁ) : ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ପ୍ରଦୀପ କୁମାର ସାମଲ, ସିନିୟର ସିଭିଲ ଜଜ୍ ପୂଜା ଦେ, ଏସଡିଜେଏମ ବିଷ୍ଣୁ ପ୍ରିୟା ସାମନ୍ତରାୟ ଓ ଜେଏମଏଫସି ସ୍ୱାଗତିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ୧୯ଟି କେସର ଫଇସଲା କରି ମୋଟ ୩ ଲକ୍ଷ ୮୫୦ଟଙ୍କା ଆଦାୟ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ୨ଟି ଅନ୍ୟାନ୍ୟ ସିଭିଲ ମାମଲାରେ ୪୫ ହଜାର ଟଙ୍କା, ୨ ବ୍ୟାଙ୍କ ମାମଲାରେ ୨ଲକ୍ଷ ୫୫ହଜାର ୮୫୦ ଟଙ୍କା ଆଦାୟ ହୋଇଥିଲା । ଏହା ସହିତ ୩ଟି କ୍ରିମିନାଲ କମ୍ପାଉଣ୍ଡବେଲ ୧୧ ଟି କ୍ରିମିନାଲ ଏବଂ ଗୋଟିଏ କ୍ରିମିନାଲ ଅପିଲ ମାମଲାର ଫଇସଲା ହୋଇଛି ।

ଲୋକ ଅଦାଲତ ବେଞ୍ଚ ମେମ୍ବର ଗୋକୁଳ ଚନ୍ଦ୍ର ପଣ୍ଡା, ଆଡିସନାଲ ପିପି ନିହାର କୁମାର ଜେନା, ସରକାରୀ ଓକିଲ ପ୍ରଦୀପ କୁମାର ପାଢ଼ୀ ଓ ଗଙ୍ଗାଧର ପଣ୍ଡା, ଆଇନଜୀବି ଏସ ଶ୍ୟାମ କୁମାର ଓ ସୁମିତ କୁମାର ସାହୁଙ୍କ ସମେତ ବହୁ ଆଇନଜୀବୀ ମାନେ ମାମଲା ଗୁଡିକର ପରିଚାଳନା କରିଥିଲେ ।

# ଡ୍ରିମ୍ସରେ ସୌର ଆଲୋକ ପ୍ରକଳ୍ପ ଉଦ୍‌ଘାଟିତ




କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍ନୋଲୋଜି ଇଲେକଟ୍ରିକାଲ ଇଂଜନିୟରିଂ ବିଭାଗର ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସୌରର ଆଲୋକ ପ୍ରକଳ୍ପ (ସୋଲାର-ଟ୍ରି ) ଉଦଘାଟିତ ହୋଇଛି । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଲୋକାର୍ପିତ କରି ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକାଙ୍କ ମାର୍ଗଦର୍ଶନ ଓ ଛାତ୍ରଛାତ୍ରୀଙ୍କ ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ଏହି ପ୍ରକଳ୍ପ ଶିକ୍ଷାନୁଷ୍ଠାନ ପରିସରକୁ ଆଲୋକିତ କରିବାରେ ଉପଯୋଗୀ ହେବବୋଲି ଉଲ୍ଲେଖ କରି ସମ୍ମିଳିତ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ । ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ବିଶ୍ୱବିଦ୍ୟାଳୟ ପରିଚାଳନା ମଣ୍ଡଳୀର ବିଶେଷଜ୍ଞ ସଦସ୍ୟ ପ୍ରଫୁଲ୍ଲ କୁମାର ଷଡଙ୍ଗୀ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ଶିକ୍ଷାବିତ୍ ଇଂ ଡ. ପ୍ରଭାକର ସ୍ୱାଇଁ, ପ୍ରଯୁକ୍ତିବିଦ୍ ଇଂ ଅଶୋକ କୁମାର ବାସା, ଉପଦେଷ୍ଟା ପ୍ରଫେସର ସ୍ମାନ୍ତ କୁମାର ଦାସ, ଡ୍ରିମ୍ସ ମେଡିକାଲ କଲେଜର ଡିନ୍ ପ୍ରଫେସର ଡା. ରଂଜନ କୁମାର ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଡିନ୍ ଡ. ନୟନ ରଂଜନ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ପ୍ରାଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା ଓ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

## ଗଞ୍ଜାମରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ
# ୨୭,୪୩୨ଟି ମାମଲାର ସମାଧାନ

ବ୍ରହ୍ମପୁର, (ସବ୍ୟୁ): ଆଜି ଗଞ୍ଜାମ ଜିଲ୍ଲା କୋର୍ଟ ପରିସର ବ୍ରହ୍ମପୁର ସହିତ ଜିଲ୍ଲାର ସମସ୍ତ ଅଦାଲତରେ ୨୦୨୬ ମସିହାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ଏହି ଲୋକ ଅଦାଲତରେ ମୋଟ ୨୭, ୪୩୨ଟି ମାମଲାର ଆପୋଷ ସମାଧାନ କରାଯାଇଥିବା ବେଳେ ସମୁଦାୟ ୩,୩୫,୦୭,୫୭୮ ଟଙ୍କା ପ୍ରଦାନ ପାଇଁ ଆଦେଶ ହୋଇଥିଲା । ଜାତୀୟ ଆଇନ ସେବା ପ୍ରାକରଣଙ୍କ ନିର୍ଦ୍ଦେଶକ୍ରମେ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାକରଣଙ୍କ ସମନ୍ୱୟରେ ଜିଲ୍ଲା ଆଇନ ସେବା ପ୍ରାକରଣ, ଗଞ୍ଜାମ ପକ୍ଷରୁ ଏହି ଲୋକ ଅଦାଲତର ଆୟୋଜନ କରାଯାଇଥିଲା । ପକ୍ଷମାନଙ୍କ ବ୍ୟକ୍ତିଗତ ଉପସ୍ଥିତିରେ ମାମଲାଗୁଡ଼ିକର ସମାଧାନ କରାଯାଇଥିଲା । ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାକରଣର ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ତ%୦ାବଧାନରେ ଆୟୋଜିତ ଏହି ଲୋକ ଅଦାଲତ ପାଇଁ ବିଭିନ୍ନ ନ୍ୟାୟାଳୟରେ ୧୨ଟି ବେଞ୍ଚ ଗଠନ କରାଯାଇଥିଲା । ପ୍ରତ୍ୟେକ ବେଞ୍ଚରେ ଜଣେ ନ୍ୟାୟିକ ଅଧିକାରୀଙ୍କ ସହ ଜଣେ ଆଇନଜୀବୀ ଓ ସମାଜସେବୀଙ୍କୁ ସାମିଲ କରାଯାଇଥିଲା । ଯେଉଁମାନେ ମିଳିତ ଭାବେ ମାମଲା ଗୁଡ଼ିକର ଆପୋଷ ସମାଧାନ କରିଥିଲେ ଲୋକ ଅଦାଲତରେ ଫୌଜଦାରୀ ଆପୋଷ ଯୋଗ୍ୟ ୧୩ଟି ମାମଲାର ସମାଧାନ କରାଯାଇଥିଲା । ନେଗୋସିଏବଲ ଇନଷ୍ଟ୍ରମେଣ୍ଟ ଆଇନ ଧାରା ୧୩୮ ଅନୁସାରେ ୧୫ଟି ମାମଲାର ସମାଧାନ ହୋଇ ୫୬,୭୪,୦୪୪ ଟଙ୍କା ଆଦାୟ ହୋଇଥିଲା ।

ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧୀୟ ୯୫ଟି ମାମଲାରେରୁ. ୧,୪୨,୯୨,୪୧୩/-ଟଙ୍କାର ସମାଧାନ କରାଯାଇଥିଲା । ମୋଟର ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ (ଏମଏସିଟି) ସମ୍ବନ୍ଧୀୟ ୧୧ଟି ମାମଲାର ସମାଧାନ କରାଯାଇରୁ. ୮୦,୭୫,୦୦୦/- କ୍ଷତିପୂରଣ ନିର୍ଦ୍ଧାରଣ ହୋଇଥିଲା । ଏହା ସହ ମୋଟର ଯାନ ଆଇନ ଅନୁସାରେ ଟ୍ରାଫିକ ଚାଲାଣ ସମ୍ବନ୍ଧୀୟ ୨୩୯ଟି ମାମଲାରେରୁ. ୫,୮୦,୬୪୭/- ଆଦାୟ ହୋଇଥିଲା । ଶ୍ରମ ବିବାଦ ସମ୍ବନ୍ଧୀୟ ୧୮ଟି ମାମଲା, ରେଭେନ୍ୟୁ ସମ୍ବନ୍ଧୀୟ ୨୬,୦୭୩ଟି ମାମଲାର ସମାଧାନ ସହ ୨୯,୫୦, ୪୭୪ ଟଙ୍କା ଆଦାୟ କରାଯାଇଥିଲା । ସ୍ଥାୟୀ ଲୋକ ଅଦାଲତ (ଜନସେବା ସମ୍ବନ୍ଧୀୟ)ର ୪୧ଟି ମାମଲା, ବୈବାହିକ ବିବାଦ ସମ୍ବନ୍ଧୀୟ ୨୭ଟି ମାମଲା ଏବଂ ସିଭିଲ ମାମଲାର ୪୩ଟି ମାମଲାର ସମାଧାନ ହୋଇ ରୁ. ୧୯,୪୫,୦୦୦ /- ଟଙ୍କାର ନିଷ୍ପତ୍ତି ହୋଇଥିଲା । ଏହା ବ୍ୟତୀତ ମଧ୍ୟସ୍ଥତା ଓ ଆପୋଷ ଯୋଗ୍ୟ ଅନ୍ୟାନ୍ୟ ୮୫୭ଟି ମାମଲାର ମଧ୍ୟ ସମାଧାନ କରାଯାଇଥିଲା ।

ଉକ୍ତ ଲୋକ ଅଦାଲତରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଅଶାନ୍ତ କୁମାର ଦାସ, ମେମ୍ବର, ୨ୟ ବିଶ୍ୱଜିତ ଦାଶ, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ନରେଶ ମହାନ୍ତି, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଲଳିତା ମଞ୍ଜରୀ ପଟ୍ଟନାୟକ ଓ ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଶ୍ରୀ ବିବସ୍ୱତ ଗୌତମ ମୋଟର ଦୁର୍ଘଟଣା ସମ୍ବନ୍ଧୀୟ ମାମଲାର ସମାଧାନରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଆଇନସେବା ପ୍ରାକରଣ, ଗଞ୍ଜାମର ସଚିବ ବ୍ୟୋମକେଶ ନାୟକ ସମଗ୍ର ଲୋକ ଅଦାଲତର ସୁପରିଚାଳନା କରିଥିଲେ ଉକ୍ତ ଲୋକ ଅଦାଲତରେ ଜିଲ୍ଲାର ସମସ୍ତ ବିଚାରପତି, ଆଇନଜୀବୀ, ବ୍ୟାଙ୍କ ଅଧିକାରୀ, କୋର୍ଟ କର୍ମଚାରୀ ଓ ସାଧାରଣ ଜନସାଧାରଣ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ ।

# ଚାଉଳିଆଗଞ୍ଜରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର



କଟକ, (ସ୍ୱପ୍ର): ୪୨ନଂ ୱାର୍ଡ ଚାଉଳିଆଗଞ୍ଜ ସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ଶନିବାର ସମାଜସେବୀ ଡାକ୍ତର ଦୀପକ କୁମାର ସାହୁଙ୍କ ନେତୃତ୍ୱରେ ଏବଂ ମୋକିମ ଫାଉଣ୍ଡେସନ ସହାୟତାରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସ୍ତ୍ରୀ ରୋଗ, ମେଡିସିନ, ଅସ୍ଥିଶଲ୍ୟ ଏବଂ ଆଖି ଆଦି ରୋଗର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ୱାର୍ଡବାସୀ ମାନେ ପରାମର୍ଶ ନେବା ସହ ବ୍ଲଡ ପ୍ରେସର, ଡାୟବେଟିସ, ଇସିଜି ଏବଂ ଫୁସଫୁସ ରୋଗର ପରୀକ୍ଷା ବିନା ମୂଲ୍ୟରେ କରାଇଥିଲେ । ଶିବିରରେ ଡାକ୍ତର ନୟିମା ତାଜିନ, ୱାର୍ଡର ବରିଷ୍ଠ ମୁରବୀ ବିଜୟ କୁମାର ସାହୁ, ଅଧିକାରୀ ପ୍ରଦୀପ କୁମାର ସାହୁ, କଟୁଆଳ ଦୀପକ କୁମାର ସାହୁ, ମହେନ୍ଦ୍ର ସାହୁ, ଅରିକ୍ଷୀତ ସାହୁ, ବିଭୁଦତ୍ତ ସେନାପତି, ବଂଶୀଧର ପୃଷ୍ଟି, ସୁକାନ୍ତ ସାହାଣୀ, ଅକ୍ଷୟ କୁମାର ସାହୁଙ୍କ ସମେତ ବହୁ ସଂଖ୍ୟାରେ ୱାର୍ଡର ମୁରବୀ ମାନେ ଉପସ୍ଥିତ ରହି ସମାଜସେବୀ ଡାକ୍ତର ଦୀପକଙ୍କର ସେବା କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ ।

## ବାରିପଦାରେ ଧନୁର୍ବିଦ୍ୟା ଗ୍ରୀଷ୍ମକାଳୀନ ଶିବିର ଉଦଘାଟିତ
# ଯୋଗଦେଲେ ମୟୂରଭଞ୍ଜର ମହାରାଜା ଓ ମହାରାଣୀ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟ ଓ କ୍ରୀଡ଼ା ପରମ୍ପରାକୁ ଆଗକୁ ନେବା ପାଇଁ ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଏବଂ ମୟୂରଭଞ୍ଜ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଏକ ଧନୁର୍ବିଦ୍ୟା ଗ୍ରୀଷ୍ମକାଳୀନ ଶିବିରର ଶୁଭାରମ୍ଭ ହୋଇଯାଇଛି। ବାରିପଦାର ବେଲଗଡ଼ିଆ ପ୍ୟାଲେସ ପରିସରରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏବଂ ସମ୍ମାନିତ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦଘାଟନ କରିବା ସହ ଶିବିରର ସଫଳତା କାମନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ଉପଦେଷ୍ଟା ସୋମନାଥ ସିଂହ ଓ ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଶିବିରରେ ମୋଟ ୩୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ଧନୁର୍ବିଦ୍ୟା କଳାକୁ ପେଶାଦାର ସ୍ତରରେ ବିକଶିତ କରିବାରେ ଏହି ଶିବିର ସହାୟକ ହେବ ବୋଲି ସମସ୍ତେ ଆଶା ପୋଷଣ କରିଛନ୍ତି। ଜାତୀୟ ସ୍ତରୀୟ କୋଚ ତରଣୀସେନ ନାୟକ, ଫୁଲମଣୀ ପାଲେୟା, ହୃଷିକେଶ ମହାନ୍ତ ଫାଗୁ ଟୁଡୁ ଓ ବିଶ୍ୱଜିତ ମହାନ୍ତ ପ୍ରଶିକ୍ଷଣରେ ଏହି ଶିବିର ଚଳିତ ମାସ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

# ବିଜେପି ମୟୂରଭଞ୍ଜ (ପୂର୍ବ) ଜିଲ୍ଲାର ୩୨ ମଣ୍ଡଳର ପ୍ରଭାରୀଙ୍କ ନାମ ଘୋଷିତ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ବିଜେପି (ପୂର୍ବ) ଜିଲ୍ଲାର ୩୨ଟି ମଣ୍ଡଳରେ ନୂତନ ପ୍ରଭାରୀଙ୍କ ନାମ ବିଜେପି ଜିଲ୍ଲା ପ୍ରଭାରୀ ସିପ୍ରା ବାଜପେୟୀଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦି ଘୋଷଣା କରିଛନ୍ତି। କପ୍ତିପଦାରେ ମମତା ସାହୁ, ନୁଦ୍‌ଡିହା ବିଜୟ କୁମାର ସେନାପତି, ଦେବକୁଣ୍ଡ ହରିପ୍ରସାଦ ଭଞ୍ଜବାବୁ, ଉଦଳା ସଦର ପ୍ରଭାତ କୁମାର ପରିଡା, ଉଦଳା ଏନଏସି ସଞ୍ଜୟ କୁମାର ବେହେରା, ଜିବିନଗର ବିଭୂତି ଭୂଷଣ ମହାନ୍ତ, କୁଆମରା ବିଶ୍ୱରଞ୍ଜନ ମୋଦୀ, ରାସଗୋବିନ୍ଦପୁର ସରୋଜ ଭୋଇ, ସାନମାଣିଦା ପୁରୁଷୋତ୍ତମ ଦେ, ମୋରଡା ନେତ୍ରାନନ୍ଦ ଦାସ, ଚିତ୍ରଡା ଶିରିଶ ଚନ୍ଦ୍ର ମହାନ୍ତ, ଦାନ୍ତିଆମୁହାଁ କାଳିଚରଣ ନାଏକ, ଶୁଳିଆପଦା ଦିନେଶ ଦାସ, ଦେଉଳି ବିରକିଶୋର ପଟ୍ଟନାୟକ, ଶ୍ୟାମାଖୁଣ୍ଟା ଜୟରାମ ସିଂ, ରଙ୍ଗାମାଟିଆ ବୈଦ୍ୟନାଥ ମହାନ୍ତ, କୁଳିଅଣା ଦୁଲାରୀ ସିଂ, ଚାନ୍ଦୁଆ ସୋମନାଥ ବେହେରା, ବାଙ୍ଗିରିପୋଷି ଦୁଲାରାମ କିସ୍କୁ, ଶ୍ୟାମସୁନ୍ଦରପୁର ଦଳଗୋବିନ୍ଦ ବେହେରା, ରଘୁପୁର ପ୍ରଭାତ ଜେନା, ବୈଶିଙ୍ଗା କୁମାର ମଙ୍ଗଳମ, ବେତନଟୀ ଶିବଶଙ୍କର ପଣ୍ଡା, ବଡସାହି ସୁବାଷ ଦ୍ୱିବେଦୀ, ମାଣିତ୍ରୀ ସର୍ବେଶ୍ୱର ନାୟକ, କନ୍ହେଇବନ୍ଧ ପ୍ରମୋଦ କୁମାର ସାହୁ, ଖୁଣ୍ଟା ବିଜୟ କୁମାର ଦାସ, ସାନ୍‌କେରକ ରଶିକାନନ୍ଦ ମିଶ୍ର, ବାରିପଦା ନଗର (ଦକ୍ଷିଣ) ଶୋଭାବତୀ ଓତା, ବାରିପଦା ନଗର (ଉତ୍ତର) ରଞ୍ଜନ କୁମାର ମଣ୍ଡୁଆଳ, ରଜାବସା ଲକ୍ଷ୍ମୀଧର ହାବୋଡା ଓ ବାରିପଦା ଗ୍ରାମୀଣ ମମତା ମଣ୍ଡଳ ପ୍ରମୁଖ ନିଯୁକ୍ତ ହୋଇଛନ୍ତି।

# ଫୁଲବାଣୀରେ ଆଉ ଶୁଭୁନି ପକ୍ଷୀଙ୍କ ରାବ

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲାର ଅଧିକାଂଶ ଅଞ୍ଚଳ ଜଙ୍ଗଲ ଓ ପାହାଡ଼ରେ ପରିପୂର୍ଣ୍ଣ । ଭୌଗଳିକ ଦୃଷ୍ଟି କୋଣରୁ ଏହି ଜିଲ୍ଲାର ୭୦ ଭାଗ ଅଞ୍ଚଳ ଅରଣ୍ୟ ପରିବେଷ୍ଟିତ । ଜିଲ୍ଲାର ସଦର ମହକୁମା ଫୁଲବାଣୀ ସହରର ମଧ୍ୟ ଗୋଟିଏ ପଟେ ପିଲା ସାଲୁଙ୍କି ନଦୀ ପ୍ରବାହିତ ହେଉଥିବା ବେଳେ ସହରର ଅନ୍ୟ ଅଞ୍ଚଳରେ ପାହାଡ଼ ଓ ଗଛ ରହିଛି । ସହରରେ ବହୁ ସଂଖ୍ୟାରେ ଆମ୍ବ ଗଛ ସହ ଅନ୍ୟାନ୍ୟ ବୃକ୍ଷ ରହିଛି । ଏଠାରେ ସବୁବେଳେ ବିଭିନ୍ନ ପକ୍ଷୀ ମାନଙ୍କର ରାବ ଶୁଣିବାକୁ ମିଳିଥାଏ । ତେବେ ସମୟାନୁକ୍ରମେ ଏହି ପକ୍ଷୀ ମାନଙ୍କର ପ୍ରଜାତି ମଧ୍ୟ ହ୍ରାସ ପାଉଥିବା ଲକ୍ଷ କରାଯାଉଛି । ତେବେ ଫୁଲବାଣୀ ସହରରେ ସାଉଣ୍ଡ ବା ଧ୍ୱନି ପ୍ରଦୂଷଣ ଏତେ ମାତ୍ରାରେ ବଢିଯାଇଛି ଯେ ଆଉ ପକ୍ଷୀ ମାନଙ୍କର ରାବ ଶୁଣିବାକୁ ମିଳୁନାହିଁ କି ପକ୍ଷୀ ମାନଙ୍କର ମୁକ୍ତ ଆକାଶରେ ବିଚରଣ କରିବା ମଧ୍ୟ ସେତେ ମାତ୍ରାରେ ଦେଖିବାକୁ ମିଳୁନାହିଁ । ଏପରିକି ଆମ୍ବ ଗଛ ଗୁଡ଼ିକରେ ଫଳ ଅଛି ହେଲେ କାଉ, କୋଇଲି କିମ୍ବା ସେମାନଙ୍କ ରାବ ମଧ୍ୟ ସେତେଟା ଶୁଣିବାକୁ ମିଳୁନାହିଁ । ବର୍ତ୍ତମାନ ଫୁଲବାଣୀ ସହରରେ ଯାତ୍ରା ଚାଲିବା ସହ ବିବାହ, ବ୍ରତ ଓ ଖୋଲା ରଙ୍ଗମଞ୍ଚରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ଅନ୍ୟାନ୍ୟ ପର୍ବ ପର୍ବାଣୀ ମଧ୍ୟ ଅନୁଷ୍ଠିତ ହୋଉଛି । ଏହି ସବୁ କାର୍ଯ୍ୟକ୍ରମ ନିମନ୍ତେ ଦିନ ଓ ରାତିରେ ଯେଉଁ ସବୁ ପଟୁଆର ବାହାରୁଛି ସେଗୁଡିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆୟୋଜକ ମାନଙ୍କ ପକ୍ଷରୁ ଅତି ଉଚ୍ଚ ଧ୍ୱନି ବା ସାଉଣ୍ଡ କରୁଥିବା ଆତସବାଜି ସାଙ୍ଗକୁ ବାଦ୍ୟ ଯନ୍ତ୍ରକୁ ବ୍ୟବହାର କରାଯାଉଛି । ଏହାର ସିଧାସଳଖ ପ୍ରଭାବ ପକ୍ଷୀ ମାନଙ୍କ ସମେତ ବୟସ୍କ ବ୍ୟକ୍ତି, ରୋଗୀ ଓ ଛାତ୍ର ଛାତ୍ରୀଙ୍କ ପାଠପଢା ଉପରେ ପଡୁଛି ବୋଲି ପରିବେଶବିତ ଓ ବୁଦ୍ଧିଜୀବିମାନେ ମତ ପ୍ରକାଶ କରିଛନ୍ତି । ଫଳରେ ଫୁଲବାଣୀ ସହର ମଧ୍ୟରେ ରହିଥିବା ଗଛରେ ବସା ବାନ୍ଧି ରହିଥିବା ପକ୍ଷୀ ଓ ବାଦୁଡି ମାନେ ଆଉ ବସାବାନ୍ଧି ରହୁଥିବା ଦେଖିବାକୁ ମିଳୁନାହିଁ ବୋଲି ପରିବେଶବିତ ଓ ବୁଦ୍ଧିଜୀବିମାନେ ପ୍ରକାଶ କରିଛନ୍ତି । ଏଥିପ୍ରତି ପ୍ରଶାସନିକ ଅଧିକାରୀଙ୍କ ସମେତ ଜନସାଧାରଣ ସମସ୍ତେ ଧ୍ୟାନ ଦେବା ଉଚିତ, ନହେଲେ ଆଗାମୀ ଦିନରେ କୋଇଲିର କୁହୁ କୁହୁ ରାବ ଓ କାଉ ମାନଙ୍କର କା କା ରାବ ମଧ୍ୟ ଖୁବ୍ କମ୍ ଶୁଣିବାକୁ ମିଳିବ ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି ।

# ବିଜେଡି ମହିଳା ସମାବେଶ ପ୍ରସ୍ତୁତି ବୈଠକରେ ଜଳଜଳ ଦିଶିଲା ଫାଟ



ବାରିପଦା, (ସବ୍ୟୁ) : ୨୦୨୪ ସାଧାରଣ ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲାରେ ବିଜୁ ଜନତା ଦଳର ଶୋଚନୀୟ ପରାଜୟବରଣ ହୋଇଥିଲା। ଏହି ନିର୍ବାଚନରେ ଜିଲ୍ଲାର ୯ଟି ବିଧାନସଭା ସହ ଏକମାତ୍ର ଲୋକସଭା ଆସନକୁ ବିଜେପି ଦଖଲ କରିଥିଲା। ମାତ୍ର ନିର୍ବାଚନକୁ ଦୁଇବର୍ଷ ଅତିକ୍ରମ କରିଥିବାବେଳେ ପୁଣି ଜିଲ୍ଲାରେ ଦଳକୁ ସଳଖ କରି ଛିଡା କରିବା ପାଇଁ ପ୍ରୟାସ ଚାଲିଥିବାବେଳେ ନିକଟରେ ରାଜ୍ୟ କମିଟିରେ ବିଜେଡିର କିଛି ନେତାମାନଙ୍କୁ ଥଇଥାନ କରାଯାଇଛି।

ଏହି ପରିପ୍ରେକ୍ଷୀରେ ନିକଟରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କୁ ରାଜ୍ୟ କମିଟିରେ ବରିଷ୍ଠ ସାଧାରଣ ସମ୍ପାଦକ ପଦରେ ନିଯୁକ୍ତି ଦିଆଯାଇଛି। ଏଥିରେ ଉସାହିତ ହୋଇ ଶନିବାର ବିଜୁ ଭବନ ଠାରେ ସାନନ୍ଦ ମାରାଣ୍ଡିଙ୍କ ନେତୃତ୍ୱରେ ଚଳିତ ମାସ ୨୨ତାରିଖ ବାରିପଦାରେ ବିଜୁଜନତା ଦଳ ପକ୍ଷରୁ ନାରୀ ଅଧିକାର ଲଢେଇ ପାଇଁ ଅନୁଷ୍ଠିତ ହେବାକୁ ଥିବା ମହିଳା ସମାବେଶ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମାତ୍ର ଏହି ବୈଠକରେ ସଂଗଠନ ସୁଦୃଢ଼ ହେବା ପୂର୍ବରୁ ଦଳରେ ଜଳ ଜଳ ଫାଟ ଓ ଗୋଷ୍ଠୀକନ୍ଦଳ ରହିଥିବା ପରିଲିଖିତ ହୋଇଥିଲା।

ଏହି ବୈଠକରେ ଦଳର ଆଗ ଧାଡିର ନେତା ତଥା ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଅନୁପସ୍ଥିତ ରହିଥିବାର ଦେଖିବାକୁ ମିଳିଥିଲା। କୃଷ୍ଣାନନ୍ଦ କୌଣସି କାର୍ଯ୍ୟରେ ଜିଲ୍ଲା ବାହାରେ ଥିବାବେଳେ ଏହି ବୈଠକରେ ଉପସ୍ଥିତ ହୋଇପାରିନାହାଁନ୍ତି ବୋଲି ତାଙ୍କ ସମର୍ଥକ ମାନେ କହୁଥିବାବେଳେ ନଗରପାଳ ଗୋଷ୍ଠୀଙ୍କର ନେତାମାନଙ୍କୁ ଏହି ପ୍ରସ୍ତୁତି ବୈଠକରେ ଦେଖିବାକୁ ମିଳିନଥିଲା। ଏପରିକି ବାରିପଦା ପୌରପରିଷଦର କିଛି ହାତଗଣତି କାଉନ୍‌ସିଲରଙ୍କୁ ଛାଡିଦେଲେ ବିଜୁଜନତା ଦଳର ବହୁ କାଉନ୍‌ସିଲର ଏହି ବୈଠକରେ ଯୋଗଦେଇ ନଥିଲେ। ଫଳରେ ଦଳରେ ଜଳ ଜଳ ଫାଟ ରହିଥିବା ନେଇ ରାଜନୈତିକ ମହଲରେ ଜୋରସୋର ଚର୍ଚ୍ଚା ହୋଇଛି। ଏପରିକି ଦଳର ବରିଷ୍ଠ ଆଦିବାସୀ ମହିଳାନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ଓ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ ଓ ତାଙ୍କ ସମର୍ଥକଙ୍କୁ ମଧ୍ୟ ଏହି ବୈଠକରେ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ବରିଷ୍ଠ ନେତ୍ରୀ ସରୋଜିନୀଙ୍କୁ ଏହି ବୈଠକରେ ଯୋଗଦେବା ପାଇଁ କୌଣସି ନିମନ୍ତ୍ରଣ ହୋଇନଥିବା ନେଇ ନାନାଦି ଚର୍ଚ୍ଚା ହେଉଛି।

ଜିଲ୍ଲାରେ ଅସଜଡା ବିଜେଡିକୁ ସଜାଡିବାକୁ ପ୍ରୟାସ ଚାଲିଥିବାବେଳେ ବ୍ୟକ୍ତିଗତ କନ୍ଦଳକୁ ନେଇ ଏବେ ବିଜେଡିରେ ଏକପ୍ରକାରର ଶୀତଳଯୁଦ୍ଧ ଚାଲିଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଦଳରେ ନିଜର ପ୍ରତିଆରା ବୃଦ୍ଧି ପାଇଁ ଏବେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଏକପ୍ରକାର ପ୍ରତିଯୋଗୀତା ଚାଲିଛି। ଆଜିର ବୈଠକରେ ବିଜେଡି ଜିଲ୍ଲାସଭାପତି ସୁଦାମ ମାରାଣ୍ଡି ଓ ଡାଃ ଦେବାଶିଷ ମାରାଣ୍ଡି ପ୍ରମୁଖଙ୍କ ସହ ମୟୂରଭଞ୍ଜ ଜିଲ୍ଲାପରିଷଦ ସଭାପତି ଭାରତୀ ହାଁସଦାଃ, ଉପନଗରପାଳ ସୀମା ଦାସ, ନବନିଯୁକ୍ତ ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ମହିଳା ସଭାନେତ୍ରୀ ଦିପ୍ତିଲତା ମିଶ୍ର ପ୍ରମୁଖଙ୍କ ସହ ଅନ୍ୟାନ୍ୟ ନେତୃବୃନ୍ଦ ମାନେ ଉପସ୍ଥିତ ଥିଲେ। ଏପରିକି ଏବେ ଦଳର ମହିଳା ଯୁବଛାତ୍ର ସଂଗଠନର ନୂତନ ସଭାପତିଙ୍କ ନାମ ଘୋଷଣା କରାଯାଇନାହିଁ ଦଳ କ୍ଷମତାରେ ନଥିଲେ ମଧ୍ୟ ନିଜ ନିଜ ସମର୍ଥକଙ୍କୁ ଏହି ପଦରେ ନିଯୁକ୍ତି ଦେବା ପାଇଁ ଦଳ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଯାଇଛି। ଏହି ସମୁଦାୟ ଘଟଣାରୁ ଆଗକୁ ଜିଲ୍ଲାରେ ବିଜେଡିର ଶକ୍ତି ବୃଦ୍ଧି ପାଉଛି କି ଗୋଷ୍ଠୀକନ୍ଦଳ ତୀବ୍ରତର ହେଉଛି, ତାହା ଆଗାମୀ ସମୟ ହିଁ ସ୍ପଷ୍ଟ କରିବ।

# ବ୍ରାଉନସୁଗର ଜବତ, ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଅବକାରୀ ଗୁଇନ୍ଦା ବିଭାଗର ଏକ ଟିମ ଏମକେସିଜି ମେଡିକାଲ କଲେଜ ଖେଳପଡ଼ିଆ ନିକଟରୁ ଜଣେ ଯୁବକଙ୍କ ଠାରୁ ବ୍ରାଉନସୁଗର ଜବତ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ଛତ୍ରପୁର ଅଞ୍ଚଳର ତନ୍ମୟ କୁମାର ବେହେରା (୩୧) । ତାଙ୍କ ନିକଟରୁ ଏକ ଜରି ପ୍ୟାକେଟରେ ଥିବା ୪୭ ଗ୍ରାମ ଓଜନର ବ୍ରାଉନ ସୁଗର, ଏକ ସ୍କୁଟି ଗାଡି ଓ ମୋବାଇଲ ଜବତ କରିଛି । ସେ ଏହି ବ୍ରାଉନସୁଗାର କେଉଁଠୁ ଆଣିଲେ, ତାଙ୍କୁ କିଏ ଯୋଗାଣ କରିଥିଲେ ସେନେଇ ତାଙ୍କୁ ଜେରା କରାଯାଇଛି । ପରେ ତନ୍ମୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ଅବକାରୀ ଟିମ ଘଟଣାର ତଦନ୍ତ ଜାରି ରହିଛି । ଏମକେସିଜି ଖେଳପଡିଆ ନିକଟରେ ଜଣେ ଯୁବକ ନିୟମିତ ଭାବେ ବ୍ରାଉନସୁଗର କାରବାର କରୁଥିବା ଗୁପ୍ତ ସୂଚନା ମିଳିବା ପରେ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ସେଠାରେ ଚଢଉ କରାଯାଇଥିଲା । ଏହି ସମୟରେ ଅଭିଯୁକ୍ତ ତନ୍ମୟ ଏକ ସ୍କୁଟି ଯୋଗେ ଯାଉଥିବା ବେଳେ ସନ୍ଦେହରେ ଅଟକାଇ ଯାଞ୍ଚ କରାଯାଇଥିଲା । ଯାଞ୍ଚ ବେଳେ ଅଭିଯୁକ୍ତଙ୍କ ପ୍ୟାଣ୍ଟ ପକେଟରୁ ଏକ ଜରି ପ୍ୟାକେଟ ବାହାରିଥିଲା । ସେଥିରେ ୪୭ ଗ୍ରାମର ବ୍ରାଉନ ସୁଗର ମିଳିଥିଲା । ଏହି ନିଶଦ୍ରବ୍ୟ କାରବାର ପଛରେ ଆଉ କାହାର ହାତ ଅଛି ସେନେଇ ଅବକାରୀ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ।



# ରାଷ୍ଟ୍ରୀୟ ଲୋକ ଅଦାଲତ: ୨ ହଜାର ୭୭୮ ମାମଲା ଫଇସଲା

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଦାଲତରେ ଦ୍ୱିତୀୟ ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଣବ କୁମାର ରାଉତରାୟଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଛି । ଜିଲ୍ଲାର ବିଭିନ୍ନ ଅଦାଲତରେ ମୋଟ ୨ ହଜାର ୭୭୮ଟି ମାମଲା ଫଏସଲା କରାଯାଇଛି ।ସେଥି ମଧ୍ୟରୁ ୧୩ଟି ମୋଟର ଯାନ ସମ୍ପର୍କିତ ହୋଇଥିବା ବେଳେ ୯ଟି ବିବାହ ଓ ପାରିବାରିକ ମାମଲା,୪୫ଟି ଦେଓ୍ୱାନୀ ମାମଲା,୭୯୮ଟି ବିଭିନ୍ନ ପ୍ରକାରର ଫୌଜଦାରୀ ମାମଲା,୧୯୨୩ଟି ରାଜସ୍ୱ ମାମଲାର ସମାଧାନ କରାଯାଇଛି ।



ମୋଟର ଦୁର୍ଘଟଣା ଜନିତ ପ୍ରାପ୍ୟବାବଦକୁ ମୋଟ ୬୩ଲକ୍ଷ ୯୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଅନ୍ୟାନ୍ୟ ମାମଲା ଏବଂ ଜରିମାନା,ବ୍ୟାଙ୍କ ଋଣ ଫଏସଲା ପାଇଁ ମୋଟ ୩୪ଲକ୍ଷ ୧୩ ହଜାର ୪୪୦ଟଙ୍କା ପ୍ରଦାନ କରାଯାଇଛି । ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ଲୋକଅଦାଲତରେ ପାରିବାରିକ ଅଦାଲତର ବିଚାରପତି ଦୀପକ କୁମାର,ମୁଖ୍ୟ ବିଚାରବିଭାଗୀୟମାଜିଷ୍ଟ୍ରେଟ ଛାୟାକାନ୍ତ ଦାଶ, ବରିଷ୍ଠ ଦେଓ୍ୱାନୀ ବିଚାରପତି ଜୀବନ କୁମାର ପଟ୍ଟନାୟକ,ବରିଷ୍ଠ ଦେଓ୍ୱାନୀ ବିଚାରପତି ବିଜୟକୁମାର ଦାସ,ମହିଳା ଅଦାଲତର ସାନ୍ତା ସାମଲ,ଅତିରିକ୍ତ ବରିଷ୍ଠ ଦେଓ୍ୱାନୀ ବିଚାରପତି ଅରିଜିତ ଦାସ,ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ରେସ୍ମା ଧଳ ବିସୋଇ,ପ୍ରଥମ ଶ୍ରେଣୀବିଚାର ବିଭାଗୀୟ ମାଜିଷ୍ଟ୍ରେଟ ହୃଷିକେଶ ଖେମୁଣ୍ଡୁ,ବିଭିନ୍ନ ଅଦାଲତ ଗୁଡ଼ିକ ପରିଚାଳନା କରିଥିଲେ ।

ଲୋକଅଦାଲତରେ ଅତରିକ୍ତ ଜିଲ୍ଲା ତଥା ସ୍ୱତନ୍ତ୍ର ଜଜ ବିକ୍ରମ କେଶରୀ ପାଟ୍ଟନାୟକ,ସିଭିଲ କୋର୍ଟ ରେଜିଷ୍ଟ୍ରାର ସସ୍ମିତା ନାୟକ ଉପସ୍ଥିତ ରହିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିତ ତଥା ସ୍ଥାୟୀ ନିରନ୍ତର ଲୋକଅଦାଲତର ବିଚାରପତି ଶୁଭଙ୍କର ମିଶ୍ର ଏହି ଅଦାଲତ ଗୁଡିକର ପରିଚାଳନା କରିଥିଲେ । ଜିଲ୍ଲା ଆଇନସେବା ପ୍ରାଧିକରଣର ପ୍ୟାନେଲ ଲୟର ,ପିଏଲଭି,ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ସିଭିଲକୋର୍ଟର କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ବିଦ୍ୟୁତ କର୍ମଚାରୀ ଛଟେଇକୁ ନେଇ ପ୍ରତିବାଦ

ଠାକୁରଗଡ, (ସବ୍ୟୁ) :ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଓ କିଶୋରନଗର ବ୍ଲକ ରେ ବିଦ୍ୟୁତ ବଣ୍ଟନ ବ୍ୟବସ୍ଥା ପାଇଁ ଟାଟା ପାଓ୍ୱାରରେ ନିଯୁକ୍ତି ହୋଇଥିବା ୧୦ ଜଣ ଠିକା କର୍ମଚାରୀ ଙ୍କୁ ଠିକାସଂସ୍ଥା ପକ୍ଷରୁ ଛଟେଇ କରି ଦିଆଯାଇଛି । ଫଳରେ କର୍ମଚାରୀ ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଶନିବାର ଦିନ ଉପଖଣ୍ଡ ର ସମସ୍ତ ଠିକା କର୍ମଚାରୀ ମାନେ ଏକ ଜୁଟ ହୋଇ ଅସନ୍ତୋଷ ବ୍ୟକ୍ତ କରିବା ସହ ବଇଣ୍ଡା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପରିସର ରେ ପ୍ରତିବାଦ କରିଛନ୍ତି । କର୍ମଚାରୀ ମାନେ କହିଛନ୍ତି ଯେ ଆଠମଲ୍ଲିକ ଓ କିଶୋରନଗର ବ୍ଲକ ୪୭ ଟି ପଞ୍ଚାୟତ ରେ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ୮୫ ଜଣ ଠିକା କର୍ମଚାରୀ ଭାବରେ ନିଯୁକ୍ତି କରାଯାଇଛି । ସେଥି ମଧ୍ୟରୁ ୧୦ ଜଣ ଙ୍କୁ ଠିକା ସଂସ୍ଥା କିଛି ଦିନ ପୂର୍ବେ ଛଟେଇ କରି ଦେଇଛନ୍ତି । କୌଣସି କାରଣ ନ ଥାଇ ଠିକାସଂସ୍ଥା ବିନା ନୋଟିସ ମାଧ୍ୟମରେ ଛଟେଇ କରିଦେଇଛନ୍ତି । ଅଳ୍ପ ବେତନ ଦେଇ ସମସ୍ତ କର୍ମଚାରୀଙ୍କୁ ଖଟାଉ ଥିବା ବେଳେ କର୍ମଚାରୀ ମାନ ଙ୍କୁ ମନଇଛା ଛଟେଇ କୁ ନେଇ ବିଦ୍ୟୁତଠିକା କର୍ମଚାରୀ ଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି ।

ଶନିବାର ଦିନ ସମସ୍ତ କର୍ମଚାରୀ ଏକ ଜୁଟ ହୋଇ ବଇଣ୍ଡା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଠାରେ ଏସଡିଓ ଙ୍କୁ ଭେଟି ଏକ ଦାବି ପତ୍ର ଦେବା ସହ ଆଗକୁ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି । ତୁରନ୍ତ ଛଟେଇ କୁ ପ୍ରତ୍ୟାହୃତ କରିବା ସହ ୧୦ ଜଣ ଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ଦାବି ହୋଇଛି । ନଚେତ ଆଗାମୀ ଦିନ ରେ ଏକ ବଡ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏ ନେଇ ବଇଣ୍ଡା ବିଦ୍ୟୁତ ବିଭାଗ ର ଏସଡିଓ ଅକ୍ଷୟ କୁମାର ସାହୁ କୁହନ୍ତି ଠିକାସଂସ୍ଥା ପକ୍ଷରୁ ଛଟେଇ କରାଯାଇଛି । କର୍ମଚାରୀ ମାନେ ଦେଇଥିବା ଅଭିଯୋଗ ପତ୍ର କୁ ଠିକାସଂସ୍ଥା କୁ ପଠାଇ ଦିଆଯିବ ।

# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୬

ତାଳଚେର ,(ସବ୍ୟୁ) : ଆଜି ତାଲୁକ ଆଇନ ସହାୟତା କମିଟି ତାଳଚେର ପକ୍ଷରୁ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୬ ଅନୁଷ୍ଠିତ ହେଇଯାଇଛି । ଏହି ଲୋକ ଅଦାଲତରେ ଏକଟି ପ୍ରାକଫ ମକଦ୍ଦମା ଜନିତ ବ୍ୟାଙ୍କ ସମ୍ପର୍କିତ ମାମଲା ୩ହଜାର ୬ଶହ ୨୬ଟଙ୍କା, ୬୯୬ଟି ରାଜସ୍ୱ ମାମଲା ୩ଲକ୍ଷ ୧୫ହଜାର ୨୩୪ ଟଙ୍କାରେ । ସେହିପରି ୧୬୨ଟି ବିଚରାଧିନ ମାମଲାର ଫଇସଲା କରାଯାଇଥିଲା । ସେଥିମଧ୍ୟରୁ ସତ୍ୟନାରାୟଣ କର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତାଳଚେରଙ୍କ ଅଦାଲତ ୧୬ଟି ମଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରି ୧କୋଟି ୫ଲକ୍ଷ ୩୦ହଜାର ଟଙ୍କାର କ୍ଷତିପୂରଣ ପ୍ରଦାନ କରିଥିଲେ । ତତ୍ ସହିତ ୪ଟି ଦେଓ୍ୱାନୀ, ଏକ ଫୌଜଦାରୀ ଅପିଲ, ଏକ ପୌଜଦାରୀ ରିଭିଜନ୍, ୩ଟି ସେସନ୍ସ କେସ୍ ସମାଧାନ କରିଥିଲେ ।

ସେହିଭଳି ତାଳଚେରର ଅନ୍ୟ ଅଦାଲତ ଗୁଡ଼ିକ ଅଂଶଗ୍ରହଣ କରି ୩ଟି ଚେକ ବାଉସ୍ ମାମଲାର ବିଚରାକରି ୫ଲକ୍ଷ ୮ହଜାର ୯୯୮ଟଙ୍କାରେ ସମାଧାନ କରିଥିଲେ । ଏତଦ୍ ବ୍ୟତୀତ ୭ଟି ଦେଓ୍ୱାନୀ ମାମଲାର ସମାଧାନ କରାଯାଇଥିଲା । ୩ଟି ବିଚରାଧିନ ବ୍ୟାଙ୍କ ସମ୍ପର୍କିତ ମାମଲା, ୨୦ଟି ପାରିବାରିକ (ଛାଡ଼ପତ୍ର ବୟତୀତ) ମାମଲା ଓ ୧୦୧ଟି ଫୌଜଦାରୀ ମାମଲା ଫଇସଲା କରାଯାଇଥିଲା । ଏହି ରାଷ୍ଟ୍ରିୟ ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତାଳଚେରଙ୍କ ଅଦାଲତରେ ଗିରିଜାଶଙ୍କର ମିଶ୍ର ବରିଷ୍ଠ ଦେଓ୍ୱାନୀ ବିଚରାପତି ଦିପଙ୍କର ପଟ୍ଟନାୟକଙ୍କ ଅଦାଲତରେ ପ୍ରଶାନ୍ତ ଦେବତା, ଅତିରିକ୍ତ ବରିଷ୍ଟ ଦେଓ୍ୱାନୀ ବିଚରାପତି ଅଭୟ କୁମାର ଦାସଙ୍କ ଅଦାଲତରେ ରଞ୍ଜିତା ଗଡ଼ନାୟକ, ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ଦଣ୍ଡାଧିକାରିଣୀ ଧୂର୍ବି ସଲାଙ୍କିଙ୍କ ଅଦାଲତରେ ମାନସ ପରିଡ଼ା, ପ୍ରଥମଶ୍ରେଣୀ ବିଚରାବିଭାଗୀୟ ଦଣ୍ଡାଧିକାରିଣୀ ମିସ୍ କୃଷ୍ଣା ସୁବୁଧିଙ୍କ ଅଦାଲତରେ ଯଶୋବନ୍ତ ବଳବନ୍ତ ନନ୍ଦ ଓ ପ୍ରଥମଶ୍ରେଣୀ ବିଚରା ବିଭାଗୀୟ ଦଣ୍ଡାଧିକାରିଣୀ ମିସ୍ ମେଘ୍ନା ପଣ୍ଡାଙ୍କ ଅଦାଲତରେ ବିଜୟ ସାମଲ ପ୍ରମୁଖ ସାମ୍ବିଧାନିକ ବେଂଚର ସଦସ୍ୟଥିଲେ । ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ ଆଇନ ସହାୟତା କମିଟି ତାଳଚେର ଅଧ୍ୟକ୍ଷ ସତ୍ୟନାରାୟଣ କରଙ୍କ ତତ୍ତ୍ୱାବଧାନରେ ଏହି ରାଷ୍ଟ୍ରିୟ ଲୋକ ଅଦାଲତଟି ଅନୁଷ୍ଠିତ ହୋଇଥିଲା ।

ଏହି ଲୋକ ଅଦାଲତଟିରେ ତାଳଚେର ଅଦାଲତର ବିଚାରପତିଗଣ, କର୍ମଚାରୀ ସମୂହ, ସରକାରୀ ଓକିଲ, ଓକିଲସଂଘର ଆଇନଜୀବୀ, ତାଲୁକ ଆଇନ ସହାୟତା କମିଟି, ତାଳଚେରର କର୍ମଚାରୀ ଓ ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଉପସ୍ଥିତ ରହିଥିଲେ ।

# ଜିଲ୍ଲା ଦୌରାଜଜ୍‌ଙ୍କୁ କ୍ରିମିନାଲ କୋର୍ଟ ବାର୍ ଆସୋସିଏସନର ସୌଜନ୍ୟମୂଳକ ସାକ୍ଷାତ



ଆଠମଲ୍ଲିକ, (ନିପ୍ର) : ଅନୁଗୋଳ ଜିଲ୍ଲା ଦୌରାଜଜ ନିରଞ୍ଜନ ପଣ୍ଡାଙ୍କୁ ଆଜି ଅନୁଗୋଳଠାରେ ଆଠମଲ୍ଲିକ କ୍ରିମିନାଲ କୋର୍ଟ ବାର୍ ଆସୋସିଏସନ ପକ୍ଷରୁ ଏକ ସୌଜନ୍ୟମୂଳକ ସାକ୍ଷାତ କରାଯାଇଛି । ଏହି ଅବସରରେ ଆସୋସିଏସନର କର୍ମକର୍ତ୍ତାମାନେ ଜଜ୍‌ଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ବିଭିନ୍ନ ଆନୁଷଙ୍ଗିକ ବିଷୟରେ ଆଲୋଚନା କରିଥିଲେ ।

ଏହି ସାକ୍ଷାତକାର ସମୟରେ ବାର୍ ଆସୋସିଏସନର ସଭାପତି ଅଞ୍ଜନ କୁମାର ପ୍ରଧାନ, ଉପ-ସଭାପତି (ଜନସମ୍ପର୍କ) ପ୍ରଭଞ୍ଜନ ମିଶ୍ର, ସମ୍ପାଦକ ସବ୍ୟସାଚୀ ସିଂହସାମନ୍ତ ଏବଂ କାର୍ଯ୍ୟକାରୀ ସଦସ୍ୟ ପ୍ରାଣବନ୍ଧୁ ମେଣ୍ଡୁଲି ଓ ସୁଧାଂଶୁ ଶେଖର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଆସୋସିଏସନ ପକ୍ଷରୁ ଜିଲ୍ଲା ଦୌରାଜଜ୍‌ଙ୍କୁ ଆଠମଲ୍ଲିକ କୋର୍ଟ ଗସ୍ତରେ ଆସିବା ପାଇଁ ସସମ୍ମାନ ନିମନ୍ତ୍ରଣ କରାଯାଇଥିଲା । ଏହି ସୌଜନ୍ୟମୂଳକ ସାକ୍ଷାତକାର କୋର୍ଟ ଓ ବାର୍ ମଧ୍ୟରେ ସୁସମ୍ପର୍କ ବଜାୟ ରଖିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି ଆଲୋଚନା ହୋଇଛି ।

# ଗ୍ରାମବାସୀଙ୍କ ସହ ଆଲୋଚନା କଲେ ବିଧାୟକ

ଠାକୁରଗଡ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଅଙ୍ଗପଡା ପଞ୍ଚାୟତ ର ଜିଅନ୍ତାନାଳି ଗ୍ରାମକୁ ଶୁକ୍ରବାର ଦିନ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଗସ୍ତ କରିଛନ୍ତି । ଏହି ସମୟ ରେ ଗ୍ରାମରେଥିବା ସମସ୍ତ ସମସ୍ୟା ସମ୍ପର୍କରେ ଲୋକ ଙ୍କୁ ବୁଝିବା ସହ କିପରି ଶୀଘ୍ର ସମାଧାନ ହେବ ସେ ନେଇ ରାଜ୍ୟ ସରକାର ଙ୍କୁ ଅବଗତ କରାଇବେ ବୋଲି କହିଥିଲେ । ଏଥିସହ ନିର୍ବାଚନ ସମୟ ରେ ଦିଆ ଯାଇଥିବା ସମସ୍ତ ପ୍ରତିଶୃତି ଗୁଡିକ କିପରି ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ । ସେହି ପରି ଏହି ଗ୍ରାମରେ କିପରି ସରକାରୀ ଯୋଜନା ସଠିକ ଭାବରେ ପହଞ୍ଚିବ ସେ ନେଇ ପ୍ରଶାସନିକ ଅଧିକାରୀ ଙ୍କ ସହ ଆଲୋଚନା କରିବେ ବୋଲି ଅଞ୍ଚଳବାସୀ ଙ୍କୁ ପ୍ରତିଶୃତି ଦେଇଥିଲେ । ଏଥିରେ ବ୍ଲକ ବିଜେଡି ସଭାପତି କୁମୁଦଚନ୍ଦ୍ର ପ୍ରଧାନ , ସଦାଶିବ ନାୟକ , ପ୍ରଶ୍ନ ନାୟକ , କର୍ଣ୍ଣ ନାୟକ , ପ୍ୟାରି ମୋହନ ଦେହୁରି , ସଦାଶିବ ପାତ୍ର , ମାଳୟ ନାୟକ , ଶୈଳବାଳା ପ୍ରଧାନ ଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ ।

# ନବ ନିର୍ମାଣ କୃଷକ ସଂଘର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଗଦାଶିଳା ରାମମନ୍ଦିର ପରିସରରେ ନବନିର୍ମାଣ କୃଷକ ସଂଗଠନ ତରଫରୁ ଜେଲ ଫେରନ୍ତା ଚାଷୀ ନେତୃତ୍ୱ ମାନଙ୍କୁ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି ।ନବନିର୍ମାଣ କୃଷକ ସଂଗଠନ ଦୀର୍ଘ ୧୬ ବର୍ଷ ହେଲା ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଇତ୍ୟାଦି ଦାବୀକୁ ନେଇ ଅନବରତ ଭାବରେ ଧାରଣା, ସତ୍ୟାଗ୍ରହ, ଗଣପଦଯାତ୍ରା ଓ ଜେଲ୍ ଯାତ୍ରା ଇତ୍ୟାଦି ମାଧ୍ୟମରେ ତାର ସଂଘର୍ଷ ଜାରି ରଖିଛି । ଯାହାର ପରିଣାମ ସ୍ୱରୁପ କାଳିଆ ଯୋଜନା ଠାରୁ ଆରମ୍ଭ କରି ଧାନ ଉପରେ କ୍ୟୁଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ୍ ସହାୟତାର ଲାଭ ଚାଷୀ ପାଖରେ ପହଞ୍ଚିଛି ।

ଗତ ମାର୍ଚ୍ଚ ୨୨ ତାରିଖରୁ ଘଟଗାଁରୁ ଆରମ୍ଭ ହୋଇଥିବା ଏକ କୃଷକ ଏକତା ପଦଯାତ୍ରା ପ୍ରାଇସ୍ , ପ୍ରେଷ୍ଟିଜ୍ , ପେନସନ୍ ୨୦ ବର୍ଷରୁ ପ୍ରତ୍ୟେକ ଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ସୁରକ୍ଷା ଭତ୍ତା ଏବଂ ୬୦ ବର୍ଷରୁ ପ୍ରତ୍ୟେକ ବୟସ୍କଙ୍କୁ ୩ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଏବଂ ଜମି, ଜଳ, ଜଙ୍ଗଲ, ଖଣି ଉପରେ ମୂଳ ଅଧିବାସୀର ଅଧିକାର ସମେତ ଜଳସେଚନ, ଜଳ ନିଷ୍କାସନ, ଶୀତଳ ଭଣ୍ଡାର, ଧାନର ଅଭାବୀ ବିକ୍ରି ଇତ୍ୟାଦି ୨୧ ଦଫା ଦାବୀକୁ ନେଇ ମାର୍ଚ୍ଚ ୩୧ ତାରିଖରେ ବିଧାନସଭା ସାମ୍ନାରେ ଥିବା ପିଏମଜିରେ ଏକ ଚାଷୀ ସମାବେଶ ମାଧ୍ୟମରେ ସରକାରଙ୍କୁ ଉକ୍ତ ଦାବୀଗୁଡ଼ିକ ବିଷୟରେ ସ୍ମାରକ ପତ୍ର ଦେଇ ଆଲୋଚନା କରିବାର ଥିଲା । କିନ୍ତୁ, ଡବଲ ଇଞ୍ଜିନ୍ ବିଜେପି ସରକାର ଅହିଂସ । ଓ ଶାନ୍ତିପୂର୍ଣ୍ଣ ଭାବରେ ଚାଲୁଥିବା ସରଳ ଚାଷୀ ଓ ଆଦିବାସୀଙ୍କର ପଦଯାତ୍ରାକୁ କଟକର ଫୁଲନଖରା ଠାରେ ଅଟକାଇ ଗତ ୩୦ ମାର୍ଚ୍ଚରେ ୭୦୦ ଚାଷୀଙ୍କୁ ଅଗଣତାନ୍ତ୍ରିକ ଭାବରେ ଗିରଫ କରିନେଲେ ଏବଂ ତତ୍ ସହିତ ହିଂସା ଓ ଦଙ୍ଗା ଇତ୍ୟାଦି ମିଛ ଆରୋପ ଲଗାଇ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସହିତ ଉତ୍ତରପ୍ରଦେଶର ରାଷ୍ଟ୍ରୀୟ ନେତୃତ୍ୱ ଅରବିନ୍ଦ ମୂର୍ତ୍ତି, ଝାଡ଼ଖଣ୍ଡର ନେତୃତ୍ୱ ବିଜୟ ସିଂ ଏବଂ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏବଂ ଢେଙ୍କାନାଳ ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ କମିଟି ସଦସ୍ୟ ଅଶ୍ୱିନୀ କୁମାର ଙ୍କୁ ମିଶାଇ ମୋଟ ୧୨ ଜଣଙ୍କୁ ୧୫ ଦିନ ପାଇଁ ଜେଲ୍ ପଠାଇଦେଲେ ।

ଉକିଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ନବନିର୍ମାଣ କୃଷକ ସଂଗଠନ ଏପ୍ରିଲ ୨୮ ତାରିଖରୁ କଟକର ସତ୍ୟଭାମାପୁରରୁ ଆରମ୍ଭ କରୁଥିବା ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରା ୩୦ଟି ଜିଲ୍ଲାରେ ଚାଷୀ, ଯୁବକ, ବୁଦ୍ଧିଜୀବୀ ଇତ୍ୟାଦିଙ୍କୁ ଭେଟି ଆଗାମୀ ମେ ୧୪ ତାରିଖରେ ଭୁବନେଶ୍ୱରରେ ସମାପନ ହେବ ।

ଏଥିରେ ସରକାର ଓ ପ୍ରଶାସନର ଅଗଣତାନ୍ତ୍ରୀକ ଓ ଅସାମ୍ବିଧାନକ ମୁଖା ଖୋଲିବା ସହିତ ଚାଷୀର ପ୍ରାଇସ୍, ପ୍ରେଷ୍ଟିଜ୍, ପେନସନ ଓ ଜମି, ଜଳ, ଜଙ୍ଗଲ ଓ ଖଣି ଉପରେ ମୂଳ ଅଧିବାସୀର ଅଧିକାର ସମେତ ୨୧ଟି ଦାବୀଗୁଡ଼ିକୁ ନେଇ ଲୋକଙ୍କ ସ୍ୱାଭିମାନକୁ ଜାଗ୍ରତ ଓ ସଂଗଠିତ କରିବାର ପ୍ରୟାସ ଚାଲୁ ରଖିବା ପାଇଁ ନବନିର୍ମାଣ କୃଷକ ସଂଗଠନ ସଙ୍କଳ୍ପବଦ୍ଧ । ଏଥିପାଇଁ ଏହି ଯାତ୍ରାରେ ସମସ୍ତ ଚାଷୀ, ମୂଲିଆ, ଯୁବକ, ଛାତ୍ର, ମହିଳା, ଓକିଲ, ସାମ୍ବାଦିକ, ବୁଦ୍ଧିଜୀବୀ ଏବଂ ସମସ୍ତ ଗଣତାନ୍ତ୍ରିକ ସଂଗଠନ ସମେତ ବିରୋଧି ରାଜନୈତିକ ଦଳମାନଙ୍କୁ ଏଥିରେ ସହଯୋଗ କରିବା ସହିତ ଗଦାଶିଳା ରାମ ମନ୍ଦିରରେସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

ପରେ ସାମ୍ବାଦିକ ସମ୍ମିଳନୀ ଦ୍ୱାରା ଅକ୍ଷୟ କୁମାର, ପ୍ରହ୍ଲାଦ ସାହୁ ,ଢେଙ୍କାନାଳ ଜିଲ୍ଲା ପ୍ରଭାରୀ ଅଶ୍ୱିନୀ କୁମାର.ଗଜପତି ପ୍ରଭାରୀ ରଂଜିତ ପଟନାୟକ .ପ୍ରଫୁଲ୍ଲ ପରିଡା, ସୁଧାକର ପରିଡା, ଚନ୍ଦ୍ରଶେଖର ବରାଳ, ଜିଲ୍ଲା ଚାଷୀ ନେତୃତ୍ୱ କ୍ଷେତ୍ରବାସୀ ବିଶ୍ୱାଳ ଶ୍ରୀପତି ପ୍ରଧାନ, ଦୁଷ୍ମନ୍ତ ଗଡ଼ନାୟକ, ବାମଦେବ ପରିଡା, ଗୋପୀ ଜେନା, ରାହାସ ପରିଡା,ସାମ୍ବାଦିକ ସମ୍ମିଳନୀରେ ପ୍ରହ୍ଲାଦ ସାହୁ ଜିଲ୍ଲା ସଭାପତି ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର.କୁଳମଣି ଯୁବ ଛାତ୍ର ସଂଗଠନ ରାଜ୍ୟ ସଂଯୋଜକ ଏମ ଡି ମନଓ୍ୱାର ଅଲ୍ଲୀ ,ଢେଙ୍କାନାଳ ଜିଲ୍ଲା ପ୍ରଭାରୀ ଅଶ୍ୱିନୀ କୁମାର ଗଜପତି ପ୍ରଭାରୀ ରଂଜିତ ପଟନାୟକ, ସୁଧାକର ପରିଡାପ୍ରମୁଖ ଯୋଗଦେଇଥିଲେ ।

# ଗୋରୁ ବୋଝେଇ ଗାଡ଼ିକୁ ମାଡ଼ି ବସିଲା ପୋଲିସ: ୯ ଗୋରୁ ଉଦ୍ଧାର, ଜଣେ ଗିରଫ



ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ପୁଲିସ ଆଜି ସକାଳେ ନୁଆବଗ ପଞ୍ଚାୟତ ଅନ୍ତର୍ଗତ ବାହାଲୁଣ୍ଡା ଛକ ଠାରେ ଏକ ଗୋରୁ ବୋଝେଇ ପୀକଅପ ଭ୍ୟାନ ଉପରେ ଅତର୍କିତ ଚଢ଼ାଉ କରି ଘଟଣା ସ୍ଥଳରୁ ୯ ଗୋରୁଙ୍କୁ ଉଦ୍ଧାର କରିବା ସହ ବେଆଇନ ଭାବେ ଚାଲାଣ ହେଉଥିବା ଉକ୍ତ ପିକଅପ ଭ୍ୟାନ ଟିକୁ ଜବତ କରିବା ସହ ଗାଡ଼ିର ହେଲପରକୁ ଗିରଫ କରିବାରେ ସଫଳ ହୋଇଛନ୍ତି ।

ଘଟଣାରୁ ପ୍ରକାଶ ଯେ ଆଜି ସକାଳୁ ସକାଳୁ ଗୋଟିଏ ମହିନ୍ଦ୍ରା ପିକପ ଭ୍ୟାନ ନଂ ଓ ଡି ୦୫ ବି ଟି ୦୦୭୩ ବେଆଇନ ଭାବେ ଗୋରୁ ବୋଝେଇ ହୋଇ ରାସୋଳ ଅଭିମୁଖେ ଯାଉ ଥିବାର କୌଣସି ସୂତ୍ରରୁ ଖବର ପାଇ ବାହାଲୁଣ୍ଡା ଛକ ଠାରେ ଜଗି ରହି ଥିଲେ । ଗାଡ଼ିଟି ଛକ ନିକଟରେ ପହଞ୍ଚିବା ପରେ ରାସ୍ତା ଉପରେ ଅଟକାଇ ଅତର୍କିତ ଚଢ଼ାଉ ଆରମ୍ଭ କରିଥିଲେ । ଘଟଣା ସ୍ଥଳରୁ କୌଣସି ପ୍ରକାର ଗାଡି ଡ୍ରାଇଭର ଫେରାର ହୋଇ ଯାଇଥିଲା ତେବେ ଗାଡ଼ିର ହେଲପର ପୋଲିସ ହାବୁଡ଼ରୁ ଖସି ପାରି ନଥିଲା ।

ଗିରଫ ଅଭିଯୁକ୍ତ ହେଲପର ନରସିଂହପୁର ଅଞ୍ଚଳର ସନ୍ତୋଷ କୁମାର ସିଂ ବୋଲି ସୁଚନା ମିଳିଛି । ଆଜି ହିନ୍ଦୋଳ ଥାନା ଆଇ ଆଇ ସି ମମତା ସାମନ୍ତ ରାୟଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା ।

# ମହିଳାଙ୍କୁ ବଳତ୍କାର ଅଭିଯୋଗ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଅଞ୍ଚଳର ଜଣେ୨୫ ବର୍ଷୀୟା ମହିଳାଙ୍କୁ ଠାକୁରଗଡ ଥାନା କନ୍ତପଡା ଅଞ୍ଚଳର ଗଗନ ବିହାରୀ ସାହୁ ବଳତ୍କାର କରିଥିବା ଉକ୍ତ ମହିଳା ଶୁକ୍ରବାର ଦିନ ଠାକୁରଗଡ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ନମ୍ବର ୧୦୦/୨୬ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ଉକ୍ତ ମହିଳା ଘରେ ଏକୁଟିଆ ଥିବା ବେଳେ ଗଗନ ଘରେ ପଶି ତାଙ୍କୁ ବଳତ୍କାର କରିଥିଲେ । ଏ ସମ୍ପର୍କରେ କାହାକୁ କହିଲେ ସେ ତାଙ୍କ ପରିବାର ଲୋକ ଙ୍କୁ ଜୀବନ ରେ ହତ୍ୟା କରିଦେବେ ବୋଲି ଧମକ ଦେଇଥିଲେ । ପରେ ମହିଳା ଜଣ ଙ୍କ ତାଙ୍କ ପରିବାର ଲୋକଙ୍କୁ କହିବା ପରେ ଥାନାରେ ଅଭିଯୋଗ କରିଥିଲେ ।

# ମହଙ୍ଗାପଡ଼ିଲା ହାତୀଙ୍କୁ ଠେଙ୍ଗାରେ ପିଟି ଭିଡିଓ ଛାଡିବା: ୨ ନାବାଳକ ଗିରଫ

କେନ୍ଦୁଝର, (ଜିପ୍ର) : ଗତ ୪/୫ଦିନ ତଳେ ୪ଟି ଦନ୍ତା ହାତୀପାଟଣା ରେଞ୍ଜ ମଲ୍ଲିପଶି ବିଟରେ ଡେରା ପକାଇ ଥିବାବେଳେ ହାତୀଙ୍କୁ ଠେଙ୍ଗାରେ ପିଟିବା, ଲାଞ୍ଜ ଟାଣିବା, ଡ୍ରୋନ ସାହାଯ୍ୟରେ ହାତୀପଲଙ୍କ ଭିଡିଓ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ଛାଡିବା ଭଳି ଅପରାଧରେ ପାଟଣା ବନ ବିଭାଗ ୨ନାବାଳକଙ୍କୁ ଶୁକ୍ରବାର ବିଳମ୍ବିତ ରାତ୍ରୀରେ ଗିରଫ କରିଛି । ବନ୍ୟପ୍ରାଣୀ ସୁରକ୍ଷା ଆଇନର ଧାରା ୯୦୫୨ କୁ ଉଲଂଘନ କରିବା ଅପରାଧରେ ଉଭୟଙ୍କୁ ଗିରଫ କରିଛି ପାଟଣା ବନ ବିଭାଗ । ଗିରଫ ୨ନାବାଳକ ହେଉଚାନ୍ତି କଣ୍ଟିଆପଡ଼ା ଗ୍ରାମର ଲକ୍ଷ୍ମୀଧର ନାଏକଙ୍କ ପୁଅ ମଳୟ ରଞ୍ଜନ ନାଏକ ଏବଂ ଷଡ଼ଙ୍ଗବହାଲି ଗ୍ରାମର ରସାନନ୍ଦ ମହାନ୍ତଙ୍କ ପୁଅ ଚନ୍ଦ୍ରଶେଖର ମହାନ୍ତ । ଉଭୟଙ୍କୁ ଏସିଏଫଙ୍କ ଜିମାରେ ରଖାଯାଇଛି । ଉଭୟଙ୍କୁ ଜୁଭେଲାଇନ କୋର୍ଟକୁ ପଠାଯିବ । ତାଙ୍କ ପାଖରୁ ବନ ବିଭାଗ ଜଙ୍ଗଲୀ ହାତୀଙ୍କ ଭିଡିଓ ଉତ୍ତୋଳନ କରିଥିବା ମୋବାଇଲ ଫୋନ ଜବତ କରିଛି ।

# ବୋଦାବଳି ପରେ ରାସ୍ତାରୁ ହଟିବ ଗଛ

ଢ଼େଙ୍କିକୋଟ , (ସବ୍ୟୁ): କେନ୍ଦୁଝର ଜିଲା ପୂର୍ତ୍ତ ବିଭାଗ ତୁରୁମୁଙ୍ଗା ଚମ୍ପୁଆ କାଞ୍ଜିଆଶୁଳା ମୁଖ୍ୟରାସ୍ତାର ନେଉଳିପଶି ନିକଟରେ ଶୁକ୍ରବାର ସକାଳେ ଏକ ବିରାଟକାୟ ଠାକୁରାଣୀ ଶାଳଗଛ ରାସ୍ତା ଉପରେ ଉପୁଡ଼ି ପଡିଛି । ରାସ୍ତା ଅବରୋଧ ହୋଇ ଉଭୟ ପାଶ୍ୱର୍ରେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି । ମାତ୍ର ଏହା ଏକ ଠାକୁରାଣୀ ଶାଳଗଛ ହୋଇଥିବାରୁ ପୂଜାପାଠ ପୂର୍ବରୁ ଗଛ କାଟି ହେବନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ବୋଦା ବଳି ଦେଇ ପୂଜା ପରେ ଗଛ କଟାଯିବ । ଫଳରେ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ ହେଁ ଗଛ ନ କାଟି ଫେରିଆସିଛନ୍ତି । ଉଭୟ ପାଶ୍ୱର୍ରେ ଅନେକ ଗାଡ଼ି ଅଟକି ରହିଥିବା ବେଳେ ଛୋଟ ଗାଡ଼ିଗୁଡ଼ିକ ଗାଁ ରାସ୍ତା ଦେଇ ଯିବାଆସିବା କରୁଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହା ଏକ ଠାକୁରାଣୀ ଶାଳଗଛ । ପାରମ୍ପରିକ ରୀତିନୀତି ଅନୁସାରେ ଏକ ବୋଦାବଳି ଦେଇ ପୂଜା କରାଯିବ, ପରେ ଯାଇ ଗଛ କଟାଯିବ । ଗଛ ପଡ଼ିବା ପୂର୍ବରୁ ଦେହୁରୀ ଖାଇଦେଇଥିବାରୁ ଗଛ କଟାହୋଇ ନ ଥିଲା । ଏବେ ବୋଦା ଯୋଗାଡ଼ ପାଇଁ ବିଭାଗୀୟ ଅଧିକାରୀ ନାକେଦମ ହୋଇପଡ଼ିଛନ୍ତି । ବୋଦା ଯୋଗାଡ଼ ହେଲେ ପୂଜାର୍ଚ୍ଚନା ହୋଇ ଗଛକୁ କାଟି ରାସ୍ତା ଉପରୁ ସଫା କରାଯିବ । ଶୀଘ୍ର ରାସ୍ତା ସଫା କରି ଯାତାୟାତ ସ୍ୱାଭାବିକ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ରାଜସ୍ୱ କର୍ମଚାରୀଙ୍କୁ ଗାଳିଗୁଲଜ : ଜଣେ ଗିରଫ

ଆନନ୍ଦପୁର, (ସବ୍ୟୁ) କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡରେ ରାଜସ୍ୱ କର୍ମଚାରୀଙ୍କୁ ଗାଳିଗୁଲଜ ଏବଂ ଧମକ ଦେବା ଘଟଣାରେ ପୋଲିସ ଶନିବାର ଜଣକୁ ଗିରଫ କରିଛି । ଗତ ୨୨ ଏପ୍ରିଲ ୨୦୨୬ରେ ରାଧିକାଦେଇପୁର ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ସାମଲଙ୍କ ରିପୋର୍ଟ ଆଧାରରେ ଘସିପୁରା ଥାନା କେସ ନଂ. ୧୮୮/୨୦୨୬ରେ ଏକ ମାମଲା ପଞ୍ଜୀକୃତ ହୋଇଥିଲା । ଏଥିରେ ଅଭିଯୋଗ କରାଯାଇଥିଲା ଯେ ଉକ୍ତ ଦିନ ରାଜସ୍ୱ ନିରୀକ୍ଷକ ଏବଂ ସହକାରୀ ରାଜସ୍ୱ ନିରୀକ୍ଷକ ଏକ ବେଆଇନ ବାଲି ବୋଝେଇ ଟ୍ରାକଟରକୁ ଅଟକାଇ ସେ ସମ୍ପର୍କରେ ଘସିପୁରା ତହସିଲଦାରଙ୍କୁ ଜଣାଇଥିଲେ । ତହସିଲଦାରଙ୍କ ଆଗମନ ପୂର୍ବରୁ, ଟ୍ରାକଟର ମାଲିକ ପ୍ରଶାନ୍ତ କୁମାର ଜେନା ଓରଫ ବିଭୁ, ତାଙ୍କ ଭାଇ ସୁଶାନ୍ତ କୁମାର ଜେନା ଓରଫ ବୁବୁ ଏବଂ କାଂସା ଗ୍ରାମର ଜଣେ ସଞ୍ଜୟ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ । ସେମାନେ ସରକାରୀ ଅଧିକାରୀମାନଙ୍କୁ ଗାଳିଗୁଲଜ କରିଥିଲେ ଏବଂ ଧମକ ଦେଇ ଜବତ ହୋଇଥିବା ଟ୍ରାକଟରକୁ ବଳପୂର୍ବକ ଘଟଣାସ୍ଥଳରୁ ନେଇଯାଇଥିଲେ । ରାଧିକାଦେଇପୁର ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ସାମଲଙ୍କ ରିପୋର୍ଟ ଆଧାରରେ ମାମଲା ରୁଜୁ ହୋଇଥିଲା । ମାମଲାରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜଣେ ଅଭିଯୁକ୍ତ ସୁଶାନ୍ତ କୁମାର ଜେନା ଓରଫ ବୁବୁଙ୍କୁ ଗିରଫ କରାଯାଇଛି ।

# ମେଧାବୀ ଛାତ୍ରୀ ସିମରନ୍ ମହାନ୍ତିଙ୍କୁ ସମ୍ବର୍ଦ୍ଧନା

ତାଳଚେର ,(ସବ୍ୟୁ) : ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମେଧାବୀ ଛାତ୍ରୀ ସିମରନ୍ ମହାନ୍ତି ଏ-୧ ଗ୍ରେଡ୍‌ରେ ୫୪୩ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି। ଏହି ଅବସରରେ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଆଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଆବାହକତ୍ୱରେ ଏକ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି



କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଦ୍ୟାଳୟର ସଂପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ପଂଚାନନ ବେହେରା ପ୍ରମୁଖ ଉପସ୍ଥିତ ରହି ସୁଶ୍ରୀ ସିମରନ୍ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଓ ନାରିକେଳ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଗୁରୁଜୀ,ଗୁରୁମା ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ବିଦ୍ୟାଳୟର ୬୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଏ-୧ରେ ୦୧ଜଣ, ଏ-୨ରେ ୦୫ ଜଣ, ବି-୧ରେ ୧୬ ଜଣ, ବି-୨ରେ ୨୪ ଜଣ, ସି ଗ୍ରେଡ଼ରେ ୧୦ଜଣ ସହ ଶତ ପ୍ରତିଶତ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି।

# ହଣ୍ଡପା ଥାନାରେ ଜୁଭେଣ୍ଟିକା, କିଶୋର କିଶୋରୀ ସଚେତନତା

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲା ହଣ୍ଡପା ଥାନା ପରିସରରେ ଶୁକ୍ରବାର ଜୁଭେଣ୍ଟିକା କିଶୋର କିଶୋରୀ ମାନଙ୍କ ସହ ପୋଲିସର ସଚେତନତା ଓ ସଂପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହଣ୍ଡପା ଥାନା ଅଧିକାରୀ ରାଜେସ ଶତପଥୀ ଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ବଇଣ୍ଡା, ନାକିଚି, ଗୁଣ୍ଡୁରିମୁଣ୍ଡା, ପାପସରା, ବିଲେଇନାଳି , ବଇସିଣା, ପାଦବନ୍ଧା, ଆଦି ଗାଁରୁ ଆସି କାର୍ଯ୍ୟକ୍ରମରେ ଯୋଗଦେଇ ଥିବା କିଶୋରୀ ବାଳିକା ଓ ଅଙ୍ଗନଓ୍ୱାଡ଼ି କର୍ମୀ ମାନଙ୍କୁ ନୈତିକ ଓ ବୌଦ୍ଧିକ ଜ୍ଞାନ ସଂପର୍କରେ ଆଲୋଚନା କରିଥିଲେ । ଏଥିସହ ୧୨ ରୁ ୧୮ ବର୍ଷ ମଧ୍ୟରେ କିଶାର କିଶୋରୀ ମାନେ କିଭଳି ନିଜକୁ ସଂଜତ ଓ ସୁରକ୍ଷିତ ରଖି ଲକ୍ଷ୍ୟ ପଥରେ ଆଗେଇ ପାରିବେ ଥାନା ଅଧିକାରୀ ସୂଚନା ଦେଇଥିଲେ । ମୋବାଇଲ ବ୍ୟବହାର ସଂପର୍କରେ ସତର୍କ ରହିବା, ଫେସବୁକ, ହ୍ୱାଟସଆପ, ଇନଷ୍ଟା ଆଦି ବ୍ୟବହାର ସମୟରେ ସାଇବର ଠକେଇ ଓ ମୋବାଇଲ ହ୍ୟାକରଙ୍କ ଠାରୁ କିପରି ଦୂରେଇ ରହିବା ସେନେଇ ବିସ୍ତୃତ ଭାବେ ସଚେତନ କରାଇଥିଲେ ।

ଏଥିସହ ନିଜ ସୁରକ୍ଷା ପାଇଁ କେଉଁ ସ୍ଥାନରେ ଓ କିପରି ଅଭିଯୋଗ କରିବା, ଥାନାରେ ଥିବା ବିଭିନ୍ନ ବିଭାଗର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ନାବାଳିକା ମାନଙ୍କୁ ଥାନା ପରିଦର୍ଶନ କରାଇ ଅବଗତ କରାଯାଇଥିଲା । ସଭା ଶେଷରେ ଟିଭି ମାଧ୍ୟମରେ ଶିକ୍ଷଣୀୟ ଭିଡିଓ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା । ଏଥିରେ ଏଏସଆଇ ବନିତା ପ୍ରଧାନ, ଅଙ୍ଗନବାଡି କର୍ମୀ ପ୍ରାଚୀତାରା ସାହୁ, ଦମୟନ୍ତୀ ନାୟକ, ରିଙ୍କିରାଣୀ ସାହୁଙ୍କ ସମେତ ଅଞ୍ଚଳର ମହିଳା, ଶିଶୁ ମାନେ ଯୋଗ ଦେଇଥିଲେ ।

# ତାଳଚେରର ନୂତନ ରଥ ନିର୍ମାଣ ଖର୍ଚ୍ଚ ବହନ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ତାଳଚେର ,(ସବ୍ୟୁ) : ତାଳଚେରରେ ରାଜାରାଜୁଡ଼ା ଅମଳରୁ ହେଉଥିବା ରଥଯାତ୍ରା ପାଇଁ ପ୍ରଶାସନିକ ସ୍ତରରେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ କମିଟିର ସଭାପତି ତଥା ଉପଜିଲ୍ଲାପାଳ, ବିଧାୟକ, ପୂର୍ବତନ ସାଂସଦ, ତାଳଚେର ରାଜା ସାହେବ୍, ସାଂସଦଙ୍କ ପ୍ରତିନିଧି, ନଗରପାଳ, ନିର୍ବାହୀ ଅଧିକାରୀ ଓ ତହସିଲଦାର ଏବଂ କମିଟି ସଦସ୍ୟ ମାନେ ଉପସ୍ଥିତ ଥିଲେ । ତେବେ ପ୍ରତିବର୍ଷ ରଥ ନିର୍ମାଣ କାର୍ଯ୍ୟ ପାଇଁ ଅର୍ଥର ଆବଶ୍ୟକତା ପୂରଣ ପାଇଁ ରଥ କମିଟି ପକ୍ଷରୁ ଚେଷ୍ଟା କରାଯାଇ ବାଦାନ୍ୟ ବ୍ୟକ୍ତିଙ୍କୁ ଅନୁରୋଧ ପୂର୍ବକ ମଗାଯାଇ ବାକି ଆବଶ୍ୟକ ଅର୍ଥ ପୌରପରିଷଦ ପକ୍ଷରୁ ସହଯୋଗ କରାଯାଏ । କିନ୍ତୁ ଚଳିତବର୍ଷ ନୂତନ ରଥ ନିର୍ମାଣ ପାଇଁ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ରଥ ନିର୍ମାଣ କାର୍ଯ୍ୟକୁ ଆବଶ୍ୟକ ଅର୍ଥ ବହନ କରିବେ ବୋଲି ପୌରପରିଷଦ ନଗରପାଳ ପବିତ୍ର ଭୂତିଆ ଏହା ପ୍ରକାଶ କରିଛନ୍ତି । ଫଳରେ ଚଳିତବର୍ଷ ରଥ ନିର୍ମାଣରେ ଅର୍ଥର ଅଭାବ ରହିବ ନାହିଁ ବୋଲି ଶ୍ରୀ ଭୂତିଆ ପ୍ରକାଶ କରିବା ସହ କମିଟି ପକ୍ଷରୁ କେନ୍ଦ୍ରଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ।

# 'ମାଟିର ମଣିଷ'ରେ ମଣିଷ ଓ ମାଟିର ସମ୍ପର୍କ



ଭାସ୍କର ପରିଚ୍ଛା

ଓଡ଼ିଆ ସାହିତ୍ୟର ଅମର କୃତିମାନଙ୍କ ମଧ୍ୟରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଏଭଳି ଏକ ଉପନ୍ୟାସ, ଯାହା ଓଡ଼ିଆ ଜନଜୀବନର ଭାବନା, ସଂସ୍କୃତି ଓ ମୂଲ୍ୟବୋଧ ସହ ଗଭୀର ଭାବେ ଜଡ଼ିତ।




ଏହି ଉପନ୍ୟାସର ବିଶେଷତା ହେଉଛି-ଏହାର ସରଳତା। ଆଜିର ଅନେକ ଉପନ୍ୟାସ ଯାହା ଜଟିଳତାକୁ ଆଶ୍ରୟ କରେ, ମାଟିର ମଣିଷ ସେଠାରେ ସରଳ ଜୀବନ ଓ ତାହାର ମହାନ ମାନବୀୟ ସତ୍ୟକୁ ଉଜାଗର କରେ।

ଉପନ୍ୟାସଟିର ପଟ୍ଟଭୂମି ହେଉଛି ଓଡ଼ିଶାର ଏକ ଛୋଟ ଗାଁ-ପଧାନପଡ଼ା। ବିଂଶ ଶତାବ୍ଦୀର ପ୍ରାରମ୍ଭିକ ସମୟରେ ଗଢ଼ି ଉଠିଥିବା ଏହି ଗ୍ରାମୀଣ ଜୀବନର କାହାଣୀ ଅତ୍ୟନ୍ତ ହୃଦୟସ୍ପର୍ଶୀ। ମାଟି ସହ ଏକାତ୍ମ। ଲୋକମାନେ ଚାଷ କରନ୍ତି, ମାଟିରୁ ଉତ୍ପାଦିତ ଧାନରେ ବଞ୍ଚନ୍ତି ଏବଂ ସମସ୍ତ ସୁଖଦୁଃଖ ଏହି ମାଟିକୁ କେନ୍ଦ୍ର କରି ଘୁରେ। ଉପନ୍ୟାସରେ ଆଶ୍ଚର୍ଯ୍ୟଜନକ ଭାବରେ ବ୍ରିଟିଶ ଶାସନ କିମ୍ବା ସାମ୍ରାଜ୍ୟବାଦୀ ପ୍ରଶାସନର ପ୍ରଭାବ ପ୍ରାୟ ଦେଖାଯାଏନି। ମନେହୁଏ ଗାଁଟି ନିଜେ ଏକ ସ୍ୱୟଂସମ୍ପୂର୍ଣ୍ଣ ଜଗତ।

କାହାଣୀର କେନ୍ଦ୍ରବିନ୍ଦୁରେ ଅଛନ୍ତି ବରଜୁ ପଧାନ। ପିତା ଶାମ ପଧାନଙ୍କ ମୃତ୍ୟୁ ପରେ ସେ ପରିବାରର ମୁଖିଆ ହୁଅନ୍ତି। ପିତାଙ୍କ

## ପୁନରାବଲୋକନ-୧୧

ଆଦର୍ଶ ଓ ମାନବତାବାଦକୁ ସେ ନିଜ ଜୀବନର ମୂଳ ମନ୍ତ୍ର କରି ନେଇଥାନ୍ତି। ସଂଯୁକ୍ତ ପରିବାର ପ୍ରଥା ଓ ପ୍ରଣାଳୀ ତାଙ୍କ ପାଇଁ କେବଳ ଆର୍ଥିକ ବୋଝ ନୁହେଁ ଏହା ହେଉଛି ଏକ ନୈତିକ ଓ ସାମାଜିକ ପରମ୍ପରା।

କିନ୍ତୁ ଏହି ଆଦର୍ଶବାଦୀ ଜୀବନଦୃଷ୍ଟି ଘର ଭିତରେ ହିଁ ବିରୋଧର ସମ୍ମୁଖୀନ ହୁଏ। ବରଜୁଙ୍କ ଛୋଟ ଭାଇ ଛକଡ଼ି, ତାଙ୍କ ସ୍ତ୍ରୀ ନେତ୍ରମଣିଙ୍କ ପ୍ରଭାବରେ, ଘର ଓ ଜମି ବାଣ୍ଟିବା ସହିତ ଅଲଗା ହେବାକୁ ଇଚ୍ଛା କରେ। ଏହି ବିରୋଧ ପଛରେ କେବଳ ସମ୍ପତ୍ତିର ବିବାଦ ନୁହେଁ ଏହା ଦୁଇଟି ଭିନ୍ନ ଜୀବନଦର୍ଶନର ସଂଘର୍ଷ ମଧ୍ୟ। ଗୋଟିଏ ପକ୍ଷରେ ରହିଛି ପାରିବାରିକ ଏକତା, ତ୍ୟାଗ ଓ ପରମ୍ପରା ଅନ୍ୟ ପକ୍ଷରେ ବ୍ୟକ୍ତିସ୍ୱାଧୀନତା ଓ ସ୍ୱାର୍ଥର ଚେତନା।




ଏହି ସଂଘର୍ଷରେ ରାମାୟଣର ପ୍ରଭାବ ସ୍ପଷ୍ଟ ଅନୁଭବ ହୁଏ। ମନେହୁଏ ,ବରଜୁ ଗ୍ରାମୀଣ ରାମଙ୍କ ପ୍ରତିରୂପ-ପିତାଙ୍କ ଶେଷ କଥା ରକ୍ଷା ପାଇଁ ସେ ସମସ୍ତ ଯନ୍ତ୍ରଣା ସହିବାକୁ ପ୍ରସ୍ତୁତ। ତାଙ୍କ ଜୀବନରେ ଧୈର୍ଯ୍ୟ, ସହନଶୀଳତା ଓ ନୈତିକ ଦୃଢ଼ତା ସବୁ କିଛି। କିନ୍ତୁ ତାଙ୍କ ସ୍ତ୍ରୀ ସେହି ତ୍ୟାଗମୟ ଜୀବନକୁ ସହଜରେ ଗ୍ରହଣ କରି ପାରନ୍ତି ନାହିଁ। ଏଠି ଉପନ୍ୟାସ ଏକ ବାସ୍ତବ ମାନବୀୟ ସତ୍ୟକୁ ଅତ୍ୟନ୍ତ ସୂକ୍ଷ୍ମ ଭାବେ ଉପସ୍ଥାପନ କରିଛି - ଆଦର୍ଶର ମୂଲ୍ୟ ପାଇଁ ଅନେକ ସମୟରେ ନିଜସ୍ୱ ସୁଖକୁ ବଳିଦାନ କରିବାକୁ ପଡ଼େ।

ଉପନ୍ୟାସର ଅନ୍ୟ ଏକ ବଡ଼ ଶକ୍ତି ହେଉଛି ଏହାର ଚରିତ୍ର ଚିତ୍ରଣ। ଛକଡ଼ି କେବଳ ଖଳନାୟକ ନୁହେଁ ତାଙ୍କ ଅଲଗା ହେବାର ଇଚ୍ଛା ଘରୋଇ ଅଶାନ୍ତି ଓ ଆତ୍ମସମ୍ମାନର ଆକାଂକ୍ଷାରୁ ଜନ୍ମ ନିଏ। ତେଣେ ନେତ୍ରମଣି ମଧ୍ୟ କେବଳ ବିବାଦ ସୃଷ୍ଟିକାରୀ ନୁହେଁ ସେ ଏକ ସାଧାରଣ ଗ୍ରାମୀଣ ନାରୀ, ଯାହାର ନିଜସ୍ୱ ଭୟ, ଅସୁରକ୍ଷା ଓ ଆକାଂକ୍ଷା ବି ଅଛି। ଏହି ମାନବୀୟତା ହିଁ ଉପନ୍ୟାସକୁ ଜୀବନ୍ତ କରେ।

ସେତେବେଳର ଗ୍ରାମୀଣ ସମାଜର ସାମାଜିକ ସମ୍ପର୍କଗୁଡିକ ମଧ୍ୟ ଉପନ୍ୟାସର ଗୁରୁତ୍ୱପୂର୍ଣ୍ଣ ଅଂଶ। ଗାଁର ଲୋକମାନେ ନିଜେ ନିଜେ ସମସ୍ୟାର ସମାଧାନ କରନ୍ତି। ପୋଲିସ କିମ୍ବା ଅଦାଲତ ଅଛି ସତ କିନ୍ତୁ ଗ୍ରାମଜୀବନରେ ଏସବୁର କୌଣସି ଅବଶ୍ୟକତା ପଡିନାହିଁ। ମାଟିର ମଣିଷ ଉପନ୍ୟାସରେ ଯାହା ପଢିବାକୁ ମିଳେ ସମାଜରେ କିଛି ଧନୀ ଲୋକ ଅଛନ୍ତି, ଯେଉଁମାନେ ଚାଷୀଙ୍କ ଜମିସବୁ ହସ୍ତଗତ କରିବାକୁ ଚାହାନ୍ତି। ସେମାନେ ସାମ, ଦାମ, ଦଣ୍ଡ, ଭେଦ-ସମସ୍ତ ଉପାୟ ବ୍ୟବହାର କରନ୍ତି। କିନ୍ତୁ ଏହା ସତ୍ତ୍ୱେ ମାଟି ସହ ଚାଷୀର ସମ୍ପର୍କ ସବୁଠୁ ଗଭୀର ଓ ପବିତ୍ର ଉପନ୍ୟାସ ଏହି କଥା ହିଁ ଦର୍ଶାଇଛି।

ଚାଷୀ ପାଇଁ ଜମି କେବଳ ସମ୍ପତ୍ତି ନୁହେଁ ଏହା ତାଙ୍କର ଜୀବନ, ସ୍ୱାଭିମାନ ଓ ପରିଚୟ ସବୁକିଛି। ଏହି ମାଟି ତା ପେଟକୁ ଦାନା ଦିଏ, ପରିବାରକୁ ବଞ୍ଚାଏ ଓ ପୁରୁଷାନୁପୁରୁଷର ସ୍ମୃତିକୁ ଧାରଣ କରିଥାଏ। ସେଥିପାଇଁ ଜମି ଛାଡ଼ିଦେବା ଚାଷୀ ପାଇଁ ନିଜ ଅସ୍ତିତ୍ୱର ଏକ ଅଂଶ ହରାଇବା ସହ ସମାନ। ମାଟିର ମଣିଷର ଭାଷା ମଧ୍ୟ ଅତ୍ୟନ୍ତ ଉଲ୍ଲେଖନୀୟ।

୧୯୩୧ ମସିହାରେ ମାଟିର ମଣିଷ ଉପନ୍ୟାସଟିର ପ୍ରଥମ ମୁଦ୍ରଣ କରାଯାଇଥିଲା ଏବଂ ୧୯୭୬ ସୁଦ୍ଧା ଏହା ବତିଶ ଥର ମୁଦ୍ରିତ ହୋଇଥିଲା। ୧୯୭୬ ପରଠାରୁ ଦୀର୍ଘ ତିନି ଦଶନ୍ଧି ଧରି ଏହାର ପୁନଃମୁଦ୍ରଣ ହୋଇ ପାରିନଥିଲା। ପରେ ୨୦୦୪ ମସିହାରେ କାଳିନ୍ଦୀଚରଣଙ୍କ ପୁତ୍ର ତୁଷାରରଞ୍ଜନ ପାଣିଗ୍ରାହୀଙ୍କ ଅନୁମତି କ୍ରମେ ପୁଣି ଥରେ ଏହାର ଏକ ସଚିତ୍ର ସଂସ୍କରଣ ପ୍ରକାଶିତ ହୋଇଥିଲା। ମୂଳ ମାଟିର ମଣିଷ ଉପନ୍ୟାସରେ ସିଲହୋଏଟ୍ ଧରଣର ଚିତ୍ର ସ୍ଥାନ ପାଇଛି।

ଉପନ୍ୟାସ ପାଇଁ ଗୋପାଳ ଚରଣ କାନୁନ୍‌ଗୋ ଚିତ୍ରଗୁଡ଼ିକ ଆଙ୍କିଥିଲେ। ୧୯୫୯ ସଂସ୍କରଣ ସମୟରେ ଏହି ଉପନ୍ୟାସର ମୂଲ୍ୟ ମାତ୍ର ଏକ ଟଙ୍କା ଚାରି ଅଣା ବା ୧.୨୫ ନୂଆପଇସା ଥିଲା। ସେତେବେଳେ ଏହା ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅଷ୍ଟମ ଶ୍ରେଣୀର ଅତିରିକ୍ତ ସାହିତ୍ୟ ରୂପେ ଅନୁମୋଦିତ ହୋଇଥିଲା। ବ୍ଲାକ ଇଗଲ ବୁକ୍ସ ପକ୍ଷରୁ ୨୦୨୨ରେ ଏହାର ଏକ ତଟକା ସଂସ୍କରଣ ପ୍ରକାଶ ପାଇଛି।

ଏହି ଉପନ୍ୟାସକୁ ଅନୁବାଦ କରିଛନ୍ତି ବିକ୍ରମ ଦାସ। ଦିଲ୍ଲୀର ନିୟୋଗୀ ବୁକ୍ସ ୨୦୧୬ରେ ଏହାକୁ ପ୍ରକାଶ କରିଥିଲେ। ଅନୁବାଦ ବେଳେ ବିକ୍ରମ ଦାସ ମୂଳ ଓଡ଼ିଆ ଶବ୍ଦ ଓ ପ୍ରବଚନମାନଙ୍କୁ ବହୁ ଅଂଶରେ ଅକ୍ଷୁଣ୍ଣ ରଖିଛନ୍ତି, ଯାହା କି ଉପନ୍ୟାସର ଗ୍ରାମୀଣ ବାସ୍ନାକୁ ଅବିକୃତ କରି ରଖିପାରିଛି। ମାଟିର ସୁଗନ୍ଧ, ଲୋକଜୀବନର ସରଳତା ଓ ଗଭୀରତା ସବୁକିଛି ଇଂରାଜୀ ଅନୁବାଦରେ ଅତୁଟ ରହିଛି।

ପରେ ଏହି ଉପନ୍ୟାସକୁ ମୃଣାଳ ସେନ ଚଳଚ୍ଚିତ୍ରରେ ପରିଣତ କରିଥିଲେ, ଯାହା ଓଡ଼ିଆ ସିନେମାର ଏକ ସ୍ମରଣୀୟ ସୃଷ୍ଟି ହୋଇ ରହିଛି। ଭୁବନେଶ୍ୱରରେ ଓଲଡ ଟାଉନର ରବି ଟକିଜରେ ଏହାର ଉଦ୍‌ଘାଟନ ୧୯୬୭ରେ ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଓ ବିଶିଷ୍ଟ ସାହିତ୍ୟିକ ନିତ୍ୟାନନ୍ଦ ମହାପାତ୍ର କରିଥିଲେ। ଏହାର ହିନ୍ଦୀ ଅନୁବାଦ 'ମିଟିକା ପୁତଲା'ମଧ୍ୟ ନିତ୍ୟାନନ୍ଦ ମହାପାତ୍ର କରିଥିଲେ ଯାହା କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପ୍ରକାଶ କରିଥିଲେ। ମାତ୍ର ସେହି ହିନ୍ଦୀ ପୁସ୍ତକଟି ମଧ୍ୟ ଏବେ ଦୁଷ୍ପ୍ରାପ୍ୟ। ଆଜିର ଦ୍ରୁତ ନଗରୀକରଣ ଓ ବ୍ୟକ୍ତିକେନ୍ଦ୍ରିକ ସମାଜରେ ମାଟିର ମଣିଷ କେବଳ ଏକ ସାହିତ୍ୟକୃତି ନୁହେଁ ଏହା ଏକ ସମୟର ସାମାଜିକ ଦଲିଲ। ଏହା ଆମକୁ ସ୍ମରଣ କରାଏ ଯେ ମଣିଷର ସବୁଠୁ ଗଭୀର ସମ୍ପର୍କ ମାଟି ସହ, ପରିବାର ସହ, ଓ ମୂଲ୍ୟବୋଧ ସହଛ ଏବଂ ସେହି କାରଣରୁ ମାଟିର ମଣିଷ କେବଳ ଓଡ଼ିଶାର କାହାଣୀ ନୁହେଁ ଏହା ସମସ୍ତ ମାନବ ସମାଜର ଏକ ଚିରନ୍ତନ କାହାଣୀ। ମୂଳ ଉପନ୍ୟାସର ଭାବନାତ୍ମକ ଶକ୍ତି ଆଜି ମଧ୍ୟ ଅକ୍ଷୟ।

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**

**ଭୁବନେଶ୍ୱର,ମୋ-୯୩୩୭୫୦୮୫୯୨**

# ପ୍ରାପ୍ତ ପତ୍ରିକା

*ପତ୍ରିକାର ନାମ- ପତିତପାବନ*
*(ସୁବର୍ଣ୍ଣ ଜୟନ୍ତୀ (୨୦୨୪-୨୫) ସ୍ମାରକୀ ସଂଖ୍ୟା*
*ଫେବୃଆରୀ-ମାର୍ଚ୍ଚ(ମାଘ-ଫାଲଗୁନ)୨୦୨୬*
*ପ୍ରକାଶକ- ନୀଳଶୈଳ,ଭୁବନେଶ୍ୱର କାର୍ଯ୍ୟାଳୟ:୭୫-୭୬,*
*କଲ୍ୟାଣ ବିହାର ହାଉସିଂ ପ୍ରୋଜେକ୍ଟ(ହାଇଟେକ୍)*
*ସୁନ୍ଦରପଦା, ଭୁବନେଶ୍ୱର*
*ପତ୍ରିକାର ମୂଲ୍ୟ- ୩୦୦ ଟଙ୍କା*

ନୀଳଶୈଳ ପକ୍ଷରୁ ପ୍ରକାଶିତ ପତ୍ରିକା 'ପତିତପାବନ'ର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ ଆମର ହସ୍ତଗତ ହୋଇଛି। ବିଜୟଲକ୍ଷ୍ମୀ ପଟ୍ଟନାୟକ, ଅନୁପମା ମହାପାତ୍ର, ବ୍ରଜେନ୍ଦ୍ର କୁମାର ମହାନ୍ତି, ତେଜେଶ୍ୱର ପଟ୍ଟନାୟକ, ବ୍ରହ୍ମାନନ୍ଦ ଭଞ୍ଜଦେଓଙ୍କୁ ନେଇ ଗଠିତ ସମ୍ପାଦନା ମଣ୍ଡଳୀଦ୍ୱାରା ଏହା ଏକ ସୁନ୍ଦର ପରିକଳ୍ପନା। ୩୨୦ ପୃଷ୍ଠା ସମ୍ବଳିତ କଳେବର ବିଶିଷ୍ଟ ଏହି ପତ୍ରିକା ଆରମ୍ଭ ହୋଇଛି ଓଡ଼ିଶାର ବରେଣ୍ୟ କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ କାଳଜୟୀ କୃତି 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତରୁ। ପରେ ପରେ ସ୍ଥାନିତ ହୋଇଛି 'ନୀଳଶୈଳ'ର ପ୍ରାରମ୍ଭିକ ସଙ୍ଗୀତ ଭକ୍ତ ସାଲବେଗଙ୍କଦ୍ୱାରା ରଚିତ 'ଆହେ ନୀଳ-ଶଇଳ.....'




ପତ୍ରିକାର 'ସ୍ମୃତି ଓ ବିସ୍ମୃତି' ବିଭାଗରେ ଆମ ପୂର୍ବଜ ଉତ୍କଳ ଗୌରବ ମଧୁସୂଦନ ଦାସ, କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ, ପ୍ରାଣବନ୍ଧୁ କର, ଅଖିଳ ମୋହନ ପଟ୍ଟନାୟକ, ଡ. ଗୁରୁ ପ୍ରସାଦ ମହାନ୍ତିଙ୍କ ଭଳି କେତେକ କୃତବିଦଙ୍କ ଲେଖନୀ ନିଃସୃତ କିଛି ବଛା ବଛା କୃତି ସ୍ଥାନିତ ହୋଇ ପତ୍ରିକାର ଶ୍ରୀ ବୃଦ୍ଧି କରିଛି। ସେହିପରି 'ପ୍ରବନ୍ଧ' ବିଭାଗରେ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ (ପଦ୍ମଶ୍ରୀ), ଡ. ରବି ନାରାୟଣ ସେନାପତି, ଡ. ବୈଷ୍ଣବ ଚରଣ ସାମଲ, ଡ. ଅଜିତ କୁମାର ତ୍ରିପାଠୀ, ସାବରମତି (ପଦ୍ମଶ୍ରୀ), ପ୍ରଦୋଷ ପଟ୍ଟନାୟକ, ଡ ସିଦ୍ଧାର୍ଥ କାନୁନ୍‌ଗୋ, ତେଜେଶ୍ୱର ପଟ୍ଟନାୟକ, ଗୁରୁକଲ୍ୟାଣ ମହାପାତ୍ର ପରିପୁଷ୍ଟ କରିଛନ୍ତି।

'କବିତା' ବିଭାଗରେ ରକ୍ଷକ ନାୟକ ଓ ନିରାକାର ଦାସ, ଗଳ୍ପ ବିଭାଗରେ ତରୁଣକାନ୍ତି ମିଶ୍ର, ଡ. ଜୀବନ କୃଷ୍ଣ ମହାପାତ୍ର, ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ, ଦୃଷ୍ଟି-ଅନୁଭୂତିରେ ଲୋପାମୁଦ୍ରା ମହାନ୍ତି, ସଂଘମିତ୍ରା ମିଶ୍ର, ବ୍ରହ୍ମାନନ୍ଦ ଭଞ୍ଜଦେଓ, ଲଳିତ ମୋହନ ପଟ୍ଟନାୟକ, ସ୍ୱାସ୍ଥ୍ୟରେ ସଂଜୀବ କୁମାର ପତ୍ରୀ ଓ ଉର୍ମିଳା ପତ୍ରୀ, ଇଂରାଜୀ ବିଭାଗରେ ଅନିଲ ଧର, ଶରତ ମହାପାତ୍ର ପ୍ରଭୃତିଙ୍କ ରଚନାରେ ପତ୍ରିକାଟି ବାସ୍ତବିକ ପାଠକୀୟ ଆଦୃତି ଲାଭ କରିବ।

ନୀଳଶୈଳ କର୍ମକର୍ତ୍ତାମାନଙ୍କ ମଧ୍ୟରେ ସଭାପତି ରାଜେନ୍ଦ୍ର କୁମାର ମହାନ୍ତି, ସାଧାରଣ ସମ୍ପାଦକ ରଜନୀକାନ୍ତ ପଣ୍ଡା ଓ ଅନ୍ୟତମ ଉପଦେଷ୍ଟା ଭଗବାନ ପ୍ରସାଦ ଦାଶଙ୍କ ଉଦ୍ୟମ ମଧ୍ୟ ଏହି ବୃହତ୍ କଳେବରବିଶିଷ୍ଟ ପତ୍ରିକାଟି ପ୍ରକାଶନରେ ସହାୟତା ପ୍ରଦର୍ଶନ କରି ପାରିଛି।

ଆକର୍ଷଣୀୟ ପ୍ରଚ୍ଛଦ ସହ ମୁଦ୍ରଣ, ବିଷୟ ସଂଯୋଜନା ମଧ୍ୟ ବେଶ୍ ପ୍ରଶଂସନୀୟ। ଏହା ପାଠକଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିବ ବୋଲି ଆମର ଆଶା।

(ଅଳକା)

ଏ ସପ୍ତାହର କବିତା ଦୁଇଟି

## ବାହାନା

**ଡକ୍ଟର ତପନ କୁମାର ଦାଶ**

ନୁହେଁ ତ' ଆଉ କଣ ?
ମନ ଭରିଗଲେ,
ବାହାନା ଗୁଡ଼ାକ ବି' ଶହେଅଶି ଡ଼ିଗ୍ରୀ
କଡ ଲେଉଟାନ୍ତି !
ବ୍ୟସ୍ତତା କି' ପରିସ୍ଥିତିର ବାଧ୍ୟବାଧକତା
କଣ କିଛି ନୂଆ କଥା ?
ମାତ୍ର, ହୃଦୟର ପ୍ରାଥମିକତା
ବଦଳିଗଲେ ଏଗୁଡ଼ିକ
ଆବେଗିକ ସମ୍ବନ୍ଧ ମଝିରେ ଠିଆ ହୁଅନ୍ତି
ବାହାନାର ବିରାଟ ପାଚେରୀ ସାଜି !
ଦଣ୍ଡେ ଦେଖିବା ପାଇଁ
ଚାତକ ପରି ଚାହିଁ ରହୁଥିବା ଆଖି ଦୁଇଟା
ଅକସ୍ମାତ୍ ସାମ୍ନାସାମ୍ନି ହୋଇଗଲେ
ଅନ୍ୟମନସ୍କ ହେବାର କରନ୍ତି
ନିଖୁଣ ଅଭିନୟ !
ଆଉ
ହାତରେ ହାତ ମିଶାଇ
ଅତି ଯତନରେ ତିଆରି କରିଥିବା
ସମ୍ପର୍କର ବାଲିଘର
ସମୟ ସୁଅରେ ଭାଙ୍ଗିଯାଉଥିବା ବେଳେ
ଜାଣି ନଜାଣିଲା ଭଳି,
ସାଜନ୍ତି ନୀରବଦ୍ରଷ୍ଟା !!

**ମାଧିପୁର, ପିପିଲି, ପୁରୀ**
**ମୋ -୯୪୩୯୮୭୦୫୧୬**



## ଚହଲା ଢେଉରେ ଭାଗ୍ୟ

**ସୁଜିତ କୁମାର ମିଶ୍ର**

ଏଇ ମଇ ମାସକୁ କିଏ ଚିହ୍ନେ କି ନଚିହ୍ନେ
ସେ ଚିହ୍ନିଥାଏ ତା ବିଦୁପର ବେଶକୁ
ପରିଧାନ କରି, ଝୁରି ମରି ।
ଶ୍ରମ ସର୍ବସ୍ୱ ପୃଥିବୀରେ
ସେ ଝାସ ଦିଏ
ଶବ ହେଲା ପରେ
ସେ ଶାନ୍ତ୍ୱନାର ଆଉଁସା ପାଏ ।
ଲୁହ ଲହୁ ସବୁ ତା'ର ସଞ୍ଚିତ ସମ୍ପତ୍ତି
ଏଇ ମହଙ୍ଗା ପ୍ରୀତି ଦୁନିଆରେ
ସମୟ ବି ନିଷ୍ଠୁର ନିୟତି
ଅଟକିବା ପାଇଁ ତା ପାଖରେ ।
କାମ ସମ୍ପୂର୍ଣ୍ଣ ପାଇଁ
କାଠ ଜଳି ପୋଡି ପାଉଁଶ,ସେ ଜଳୁଛି-
ତୁମେ ଯେବେ ଅର୍ଜୁଛ ଆକାଶଛୁଆଁ ଯଶ,
ତମାମ୍ ଜୀବନର ଯାତନା ଯାତ୍ରା ପାଇଁ
କଣ ସୁଖ ଢାଳି ଦିଏ ଗୋଟିଏ ଦିବସ?
କୋଣାର୍କ ଚିକଚିକ ଦିଶୁଥାଏ
ତା କାରୁକାର୍ଯ୍ୟରେ,
ତା କାରୁଣ୍ୟ ବଢୁଥାଏ
ରୌଦ୍ର ତାତି ପରି
ଜୀବନ ବୈଶାଖରେ ।
କାହା ଆଖିରେ ଆଲୋକ ଅଛି ସତ
ତାକୁ ଦେଖିବା ପାଇଁ,
ତା ଛାତିକୁ ମାପିବା ପାଇଁ,
ସରି ସରି ଯାଏ ଆୟୁଷ
ଲୁଣି ଝାଳରେ ଦେହକୁ ବିଛେଇ ।
ଦେହ ଦହନ,ମନ ଅମାରାତି
ସଜବାଜ ସାତ ସପନ
ଦିବସଟିଏ ଆସେ ଚୁମ୍ବନ ଦେଇ
ଲୋକେ କହନ୍ତି ତାକୁ
ତା ଜୀବନେ ଆସିଛି ଯେ
ଜହ୍ନରାତି ଅସରନ୍ତି ।
ଭୋକର ଭୂଗୋଳ ଭିତରେ
ସେ ଭିଜୁଥାଏ,
ସରୁନି ଯାତନାର ପଥ,
ଝଡ ଉଜାଡି ଦେଲାପରି ଗାଆଁକୁ
ସେ ବି ଆଧୁନିକତାର ଝଡରେ
ଅସହାୟ ବିଶୁ ମହାରଣା,
ଚହଲା ଢେଉର ଭାଗ୍ୟ,
ଅବସୋସର ଭଗ୍ନ ରଥ ।
ସ୍ୱପ୍ନ ଘର ଭାଙ୍ଗୁ ଭାଙ୍ଗୁ
ଗଢି ହେବ କି
ତାକୁ ଶ୍ରଦ୍ଧା, ପ୍ରେମ, କରୁଣାର
ରଙ୍ଗ ଚିରକାଳ ମାଖି !

**ଜନାର୍ଦ୍ଦନପୁର ଶାସନ**
**କେନ୍ଦୁଝର, ମୋ-୭୬୮୩୮୬୭୭୪୨**

ଗଳ୍ପଟିଏ

# ମାତୃତ୍ୱ

**ମୂଳ ଆସାମୀ- ଇନ୍ଦିରା ଗୋସ୍ୱାମୀ**
**ରୂପାନ୍ତର- ସୁଧାଂଶୁ ଶେଖର ଦ୍ୱିବେଦୀ**

ବାହାରେ ମୂଷଳ ଧାରାରେ ବର୍ଷା ହେଉଥାଏ। ମଧୁ ମାଷ୍ଟର ଦ୍ୱାର ନିକଟରେ ଛିଡ଼ାହୋଇ ଆକାଶରେ ଉଡି ବୁଲୁଥିବା କଳା କଳା ବଉଦକୁ ଦେଖିନେଲେ। କବାଟ କୋଣରେ ଥୁଆ ହୋଇଥିବା ପୁରୁଣା ଛତାକୁ ଖୋଲି କହିହେଲେ-ନା କେମିତି ବି ହେଉ ଏମିତି ଛତା ମୁଣ୍ଡେଇ ବର୍ଷାରେ ବାହାରକୁ ଯାଇହେବନି।

ତାକୁ ଖୋଲିବା ମାତ୍ରେ ବନ୍ଦ ପଡିଥିବା ତା'ର ଛୋଟ ଛୋଟ ଛିଦ୍ର ବଡ଼ ବଡ଼ ଦୃଶ୍ୟ ହେଲା। ଅଗଣା ଘେରାରେ ଢେଙ୍କି ଦ୍ୱାରା ଚାଉଳ କୁଟୁଥିବା ପଦୁମୀ ମଧୁ ମାଷ୍ଟରଙ୍କୁ ଚାହିଁଥାଏ। ଛତା ବିଷୟରେ ତାଙ୍କ ମନ ମଧ୍ୟରେ ଉଠୁଥିବା ଅସାମାନ୍ୟ ପରିସ୍ଥିତିକୁ ବୁଝି କହିଲା-ଆଜି ସ୍କୁଲ ନଗଲେ ପାହାଡ଼ ଗଳି ପଡିବ ନାହିଁ।

ମାଷ୍ଟର ଚୁପ୍ ଚାପ୍ ଘର ଭିତରକୁ ଚାଲିଗଲେ। ଘର କୋଣରେ ରାହାଧରି କାନ୍ଦୁଥିବା ସୋନୁର ଚିତ୍କାରରେ ବିବ୍ରତ ହୋଇ ବିତୃଷ୍ଣା ମନର କଠୋର ଶବ୍ଦରେ ବାହାରକୁ ଯିବାପାଇଁ କହିଲେ। ତାଙ୍କ ଆଦେଶ ପାଳନ କରିବା ପରିବର୍ତ୍ତେ ସେ ଆହୁରି ଜୋରରେ କାନ୍ଦି ଉଠିଲା। ଏତିକିବେଳେ ପଦୁମୀ ଘର ଭିତରକୁ ଧାଇଁ ଆସି ସୋନୁର ହାତ ଧରି ଘୋଷାରି ଘୋଷାରି ବାହାରକୁ ନେଇଗଲା। ମଧୁ ମାଷ୍ଟର ଉଁ କି ଚୁଁ କିଛି କହିପାରିଲେ ନାହିଁ। ଦୁଇ ଆଣ୍ଠୁ ଭିତରେ ମୁଣ୍ଡ ରଖି କେବଳ ଭାବିବାକୁ ଲାଗିଲେ।

ମଧୁ ମାଷ୍ଟରଙ୍କର ମନେପଡେ ସେଦିନର କଥା। ମୃତ୍ୟୁ ଶଯ୍ୟାରେ ପଡିଥିବା ଲୋକଟିକୁ ସେ ବିଶ୍ୱାସ ଦେଇ କହିଥିଲେ-ମୁଁ ତୋ ପିଲାର ଦାୟିତ୍ୱ ନେଉଛି। ମୋ ପାଖରେ ଭଲରେ ରହିବ। ମରଣାସନ୍ନ ଲୋକକୁ ଆଶ୍ୱସ୍ତ ଦେଇ ମଧୁ ମାଷ୍ଟର ପିଲାକୁ ନିଜ ଛାତିରେ ଚାପିଧରି ଘରକୁ ନେଇ ଆସିଥିଲେ। ସେ ଭାବିଥିଲେ ଏତେ ଦିନଯାଏ ବାତ୍ସଲ୍ୟ ମମତାରୁ ବଞ୍ଚିତ ପଦୁମୀ ନିଜ ମାତୃତ୍ୱକୁ ଅନାଥ ପିଲାଠାରେ ସମର୍ପି ଦେବ। ନିଃସନ୍ତାନ ହୋଇ ତିଳ ତିଳ ଜଳୁଥିବା ତା' ଜୀବନରେ ପିଲାଟି ସାହାରା ହେବ। ସେ ବି ପିତୃତ୍ୱର ଆନନ୍ଦରେ ବିଭୋର ହେବେ। ବର୍ଷ ବର୍ଷ ଧରି ନିରସତାରେ ଚାଲୁଥିବା ଦାମ୍ପତ୍ୟ ଜୀବନରେ ପୁଣି ଥରେ ମାଦକତା ଭରିଯିବ।

ମଧୁ ମାଷ୍ଟରଙ୍କ ମନ ମଧ୍ୟରେ ଗୋଟେ ପରେ ଗୋଟେ ଅତୀତ ଦୃଶ୍ୟମାନ ହେଉଥାଏ। ଦିନେ ସ୍କୁଲରୁ କିଛି ଛାତ୍ରଙ୍କୁ ଡକାଇ ଘରେ ପଢ଼ାଇବା ଆରମ୍ଭ କରିଥିଲେ। କିନ୍ତୁ ତାଙ୍କର ଏ ପ୍ରୟାସ ଅଙ୍କୁରିତ ହେବା ପୂର୍ବରୁ ନଷ୍ଟ ହୋଇ ଯାଇଥିଲା। ତା'ର ଏକମାତ୍ର କାରଣ ପଦୁମୀ। ମାଷ୍ଟର ଯେବେ ବାରଣ୍ଡାରେ ଚଟେଇ ବିଛେଇ ଛାତ୍ରଙ୍କୁ ପଢେଇବାରେ ବ୍ୟସ୍ତ ରହନ୍ତି ପଦୁମୀ ବାରଣ୍ଡାର ଅନ୍ୟ କୋଣରେ ଠିଆହୋଇ ଛାତ୍ରଙ୍କୁ ଏକଲୟରେ ଚାହିଁ ରହେ। ନାରୀର ଦୃଷ୍ଟି ଏତେ ମୌନ, ମୂକ, କରୁଣ ଓ ଏତେ ପୀଡାଦାୟକ ହୋଇପାରେ ସେ କେବେ କଳ୍ପନା କରିନଥିଲେ। ରାତିରେ ଖାଇବାବେଳେ ସେ ଦେଖିଥିଲେ ପଦୁମୀର ଆଖି ଫୁଲି ଯାଇଛି। ମୁହଁ ମ୍ଳାନ ପଡିଯାଇଛି। ନିଜକୁ ଅପରାଧ ବୋଧରୁ ମୁକ୍ତି କରିବା ସ୍ଥିତିକୁ ସାମାନ୍ୟ କରିବା ଉଦ୍ଦେଶ୍ୟରେ ସେ ସାନ୍ତ୍ୱନା ଦେଇ ସମ୍ଭାଳି ନେଇଥିଲେ। ତା' ପରେ ସେ କେତେଥର ପଦୁମୀର ଅସୁସ୍ଥ ଅବସ୍ଥାକୁ ଅଙ୍ଗେ ନିଭାଇଛନ୍ତି। ଶେଷରେ ସେ ନିର୍ଣ୍ଣୟ ନେଲେ ଛାତ୍ରମାନଙ୍କୁ ପଢ଼ାଇବା ପାଇଁ ସେ ଆଉ ଘରକୁ ଡାକିବେ ନାହିଁ। କେତେ ବିଶ୍ୱାସ ଓ ଭରସାରେ ଅନାଥ ପିଲାଟିକୁ ନିଜର କରିଥିଲେ। ପଦୁମୀ କୋଳରେ ସମର୍ପି ଦେଇଥିଲେ। ବହୁ ସମୟ ଯାଏ ତା' ଆଖିରେ ଆବାକ୍ ହେବାର ଅସାମାନ୍ୟ ମୁଖମଣ୍ଡଳକୁ ଦେଖିଥିଲେ। ସେ କିଛି କହିବାକୁ ଇଛା କରି ମଧ୍ୟ କହିପାରୁ ନଥିଲା। ଉଦାସୀନ ହୋଇ କୋଳରୁ ପିଲାକୁ ତଳେ ଥୋଇ ନିଜ କାମରେ ବ୍ୟସ୍ତ ରହିଲା। ସେଦିନଠାରୁ ଘରର ପରିବେଶ ବଦଳି ଯାଇଛି। ପଦୁମୀର ପରିବର୍ତ୍ତନରେ ମାଷ୍ଟରଙ୍କର ବି ପରିବର୍ତ୍ତନ ଘଟିଛି। ପ୍ରତ୍ୟହ ଶାନ୍ତ ରହୁଥିବା ପଦୁମୀ କଥା କଥାରେ ଚିତ୍କାର କଲା। ତା'ଠାରୁ କେତେ କେତେ କଥା ଶୁଣିଲେ ମଧୁ ମାଷ୍ଟର। ସୋନୁ ଘରକୁ ଆସିବା ଦିନରୁ ଦୁଧିଆଳୀ ଗାଈର ବାଛୁରୀ ମରିଗଲା। ପୁଆଳରେ ବାଛୁରୀ ବନେଇ କ୍ଷୀର ଦୁହୁଁଥିବା ପଦୁମୀ ଧୈର୍ଯ୍ୟହରା ହୋଇ ପଡିଗଲା। ବାଡ଼ିରେ କଲରା ଗଛ ଶୁଖି ମରିଗଲାଣି। ଘରେ ହେଉଥିବା ଯେତେକ ଅଶୁଭ ଘଟଣାପାଇଁ ସୋନୁ ହିଁ ଦୋଷୀ ବୋଲି ମାନି ନେଇଥିଲା ସେ।

ତା'ପରଠାରୁ ମଧୁ ମାଷ୍ଟର ସୋନୁକୁ ନିଜ ସହିତ ଅଧିକ ସମୟ ରଖିବାକୁ ଠିକ୍ ମଣିଲେ। ଦିନେ ତାକୁ ସାଙ୍ଗରେ ସ୍କୁଲ ନେଇ ଗଲେ। ବହି,କଲମ ଆଦି କିଣିଦେଲେ। ତଥାପି ଘରେ ସବୁ ବେଳେ ଅସାମାନ୍ୟ ସ୍ଥିତି ସୃଷ୍ଟି ହେଉଥିଲା। ଜଣାନାହିଁ କାହା ଛୁଆ ସେଇଟା ! ମାଷ୍ଟର ହେଲେ କଣ ହେଲା ! ଯାହାକୁ ପାଇବ ନେଇ ଆସିବ। ପେଟ ତ ନୁହେଁ ଗୋଟେ ଡଷ୍ଟବିନ୍। ଏଭଳି କଥା ଶୁଣିବା ପୂର୍ବରୁ ମଧୁ ମାଷ୍ଟର ଚୁପ୍‌ଚାପ୍ ନିଜ ରୁମରୁ ବାହାରି ଗଲେ। ବାହାରେ ସୋନୁ ନଙ୍ଗଳା ହୋଇ ଖେଳୁଥାଏ। ସ୍ନେହର ହାତ ବଢେଇ ନଙ୍ଗଳା ପିଲାକୁ ନିଜ କୋଳକୁ ଉଠେଇ ନେଲେ। ଧୋତି କାନିରେ ତା' ଦେହରୁ ଧୂଳି-ମାଟି ପୋଛିଦେଲେ।

ମଧୁ ମାଷ୍ଟର ସ୍କୁଲରୁ ଫେରି ଘରକୁ ପଶିବାକ୍ଷଣି ଗାଁର କିଛି ସ୍ତ୍ରୀଲୋକ ବାହାରି ଗଲେ। ପଦୁମୀ ରୋଷେଇ କରିବାରେ ବ୍ୟସ୍ତ ଥାଏ। ପ୍ରଥମ ଥର ପାଇଁ ସେ ମାଷ୍ଟରଙ୍କୁ ଡାକି କାନ ପାଖେ କିଛି କହିଲା। ପଦୁମୀର କଥା ଶୁଣି ତାଙ୍କ ତନୁ ମନରେ ଏକ ଅପୂର୍ବ ଆନନ୍ଦରେ ଖେଳି ଉଠିଲା। କିଛି ସମୟ ପାଇଁ ସେ ସୋନୁର ଅସ୍ତିତ୍ୱକୁ ଭୁଲିଗଲେ। କଣ କରିବେ କଣ ନକରିବେ ସେ କିଛି ବି ସ୍ଥିର କରିପାରୁ ନଥାନ୍ତି। କିନ୍ତୁ ସେଇ ଆନନ୍ଦର ଦିନକୁ ସେ ନିଜ ହୃଦୟ ଭିତରେ ବେଶୀଦିନ ରଖି ପାରିଲେ ନାହିଁ। କିଛି ଏକ ଆଦେଖା ଆଶଙ୍କାରେ ଅଶାନ୍ତ ହୋଇ ପଡିଲେ। ନିଜ ଗର୍ଭସ୍ଥ ସନ୍ତାନକୁ ପାଇବା ପରେ ସୋନୁପ୍ରତି ପଦୁମୀର ବ୍ୟବହାର ଆହୁରି ରୁକ୍ଷ ହୋଇଯିବ। ସେଇ ଆଶଙ୍କାରେ ସେ ଦିନ ପ୍ରତିଦିନ ବିବ୍ରତ ହୋଇ ପଡିଲେ।

ବହୁ ପ୍ରତିକ୍ଷୀତ ସେଦିନ ବି ଆସିଗଲା। ଭୟ ଏବଂ ଉତ୍ତେଜନାରେ ମଧୁ ମାଷ୍ଟରଙ୍କ ହୃଦ୍ ସ୍ପନ୍ଦନ ବଢି ଯାଉଥାଏ। ବାରମ୍ବାର ତାଙ୍କ ପାଦ ଦ୍ୱାର ପାଖକୁ ଯାଉଥାଏ ପୁଣି ଫେରି ଆସୁଥାଏ। କିନ୍ତୁ ନବଜାତ ଶିଶୁର କୁଆଁ କୁଆଁ ଶବ୍ଦ ଏଯାଏଁ ସେ ଶୁଣିପାରି ନାହାନ୍ତି। କିଛି ସମୟ ପରେ ବନ୍ଦ ଦ୍ୱାର ଖୋଲିଗଲା। ଧୀରେ ଧୀରେ ସେ ପଦୁମୀର ବିଛଣା ନିକଟକୁ ଗଲେ। ହଳଦୀ ପଡି ଯାଇଥିବା ପଦୁମୀର ନିସ୍ତେଜ ଶରୀରକୁ ଦେଖି ଯେତେ ଆବାକ୍ ହେଲେ ଧଳା ଲୁଗାରେ ଗୋଡା ହୋଇଥିବା ନବଜାତ ଶିଶୁକୁ ଦେଖି ସେତିକି ବିସ୍ମିତ ହେଉଥାନ୍ତି। ତାଙ୍କୁ ସାନ୍ତ୍ୱନା ଦେଇ ଧାଈ କହିଲା-ଦୁଃଖ କରନ୍ତୁ ନାହିଁ ଆପଣଙ୍କ ଭାଗ୍ୟରେ ନାହିଁ। ଭଗବାନଙ୍କୁ ସହସ୍ର ଧନ୍ୟବାଦ ମା'ର ଜୀବନ ବଞ୍ଚି ଯାଇଛି।

ମଧୁ ମାଷ୍ଟର ବହୁ ସମୟ ଯାଏଁ ପଦୁମୀର ବିଛଣା ପାଖେ ଛିଡ଼ାହୋଇ ରହିଲେ। ସେ ଦେଖିଲେ ପଦୁମୀ କିଛି କହିବାକୁ ପ୍ରୟାସ କରୁଛି। ନଇଁପଡ଼ି ପଦୁମୀର ମୁହଁ ପାଖକୁ କାନ ଦେଖାଇଲେ। ତା ମୁହଁରୁ କିଛି ଅସ୍ପଷ୍ଟ ଶବ୍ଦ ଶୁଣି ପାରିଲେ। ସେ କହୁଥାଏ ସୋ-ନୁ-କୁ ମୋ ପା-ଖ-କୁ ନେ-ଇ-ଆ-ସ। ତୁରନ୍ତ ସେ ବାହାରକୁ ଦୌଡ଼ିଲେ। ଅଗଣାରେ ଖେଳୁଥିବା ସୋନୁକୁ ଧରି ପଦୁମୀ ପାଖରେ ପହଞ୍ଚିଲେ। ସେ ଧୀରେ ଧୀରେ ଆଖି ଖୋଲିଲା। ନିଜ ଗାଲ ଉପରକୁ ବହି ଆସୁଥିବା ଲୁହ ପୋଛିବା ପାଇଁ ପ୍ରୟାସ କଲା। ପାଖରେ ଠିଆ ହୋଇଥିବା ସୋନୁକୁ ଡାକିଲା। ସ୍ନେହରେ ତା' ଗାଲକୁ ଚୁମିଲା। ପୁଣି ଛାତିରେ ଚାପି ଧରି ବିଛଣାରେ ନିସ୍ତେଜ ହୋଇ ପଡ଼ିରହିଲା। ଏଭଳି ଅପୂର୍ବ ଦୃଶ୍ୟକୁ ମଧୁ ମାଷ୍ଟର ଦେଖୁଥାନ୍ତି। ପଦୁମୀ ପାଇଁ ତାଙ୍କ ମନ ଆହ୍ଲାଦିତ ହୋଇ ସାରିଥାଏ।

**ବିସି-୭୪,ସଲ୍ଟ ଲେକ୍,**
**କଲକତା-୭୦୦୦୬୪**
**ମୋ-୯୬୮୧୩୭୩୫୧୨**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ। (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ୪୦ନଂ ୱାର୍ଡରେ ଓଡ଼ିଶା ଜନତା କଂଗ୍ରେସର କର୍ମୀ ସମ୍ମିଳନୀ

କଟକ, (ସ୍ୱପ୍ର) : କଟକ ମହାନଗର ନିଗମ ଅନ୍ତର୍ଗତ ୪୦ନଂ ୱାର୍ଡର ମଝିସାହି ଠାରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନେତା ନିକୁଞ୍ଜ ପଶାୟତଙ୍କ



ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ରାଜ୍ୟ ସଭାପତି ମହମ୍ମଦ ମୋକିମ ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ଶ୍ରୀ ମୋକିମ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଜନସାଧାରଣଙ୍କ ସେବା ଓ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଦଳ ସଦା ସର୍ବଦା ସଂକଳ୍ପବଦ୍ଧ ବୋଲି ସେ ନିଜ ଅଭିଭାଷଣରେ ପ୍ରକାଶ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ସୁଖ-ଦୁଃଖରେ ସାଥୀହୋଇ ରହିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ସମ୍ମିଳନୀରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ସାମ୍ପ୍ରତିକ ସ୍ଥିତିରେ ସାଧାରଣ ଲୋକଙ୍କ ସ୍ୱରକୁ ଶାଣିତ କରିବା ପାଇଁ ଓଡ଼ିଶା ଜନତା କଂଗ୍ରେସ ଏକ ସଶକ୍ତ ମାଧ୍ୟମ ହୋଇଛି । ମହିଳା ମାନଙ୍କ ସଶକ୍ତିକରଣ ଏବଂ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ ଦଳ ସର୍ବଦା ଅଗ୍ରାଧିକାର ଦେବ ବୋଲି ସେ ପ୍ରକାଶ କରିଥିଲେ । ତାଙ୍କ ସହ ଏହି ସମ୍ମିଳନୀରେ ଓଡ଼ିଶା ଜନତା କଂଗ୍ରେସର ନୀତି ଓ ଆଦର୍ଶ ଉପରେ ଭରସା ପ୍ରକଟ କରି ବିଭିନ୍ନ ଦଳର ଅନେକ ସକ୍ରିୟ କର୍ମୀ ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇଥିଲେ । ରାଜ୍ୟ ସଭାପତି ଶ୍ରୀ ମୋକିମ ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିବା ସହ ଏହା ଦଳକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଆଶାବ୍ୟକ୍ତ କରିଥିଲେ । ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ ମହିଳା, ଯୁବକ ଓ ଯୁବତୀମାନେ ଅଂଶ ଗ୍ରହଣ କରିଥିବାବେଳେ ଅଞ୍ଚଳର ବରିଷ୍ଠ ବ୍ୟକ୍ତି ବିଶେଷ ଓ ସାହି ମୁରବିମାନେ ମଧ୍ୟ ଉପସ୍ଥିତ ରହି ଦଳପ୍ରତି ସମର୍ଥନ ଜଣାଇଥିଲେ । ସଭାଶେଷରେ ଉପସ୍ଥିତ କର୍ମକର୍ତ୍ତାମାନେ ଅଞ୍ଚଳର ଉନ୍ନତିପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ । କାର୍ଯ୍ୟକ୍ରମରେ ସଦାନନ୍ଦ ଦାସ, ଲୋକନାଥ ବେହେରା, ପ୍ରମୋଦ କୁମାର ଜେନା, ଶ୍ରୀମନ୍ତ ଦାସ, ଉମାରାଣୀ ବେହେରା, ରତ୍ନାକର ସାମଲ, ସମରେଶ ଚନ୍ଦ୍ର ବେହେରା, ତପନ କୁମାର ବେହେରା, ସେକ୍ ଅଜିଜବକ୍ସ, ବୀରେନ୍ଦ୍ର ଦାସ, ସେକ ଲିଆକତଉଦ୍ଦିନ ଅହମ୍ମଦ ଓ ଶରତ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଶିଷ୍ଟ ଶ୍ରମିକ ନେତା କମ୍ରେଡ ବିଷ୍ଣୁ ମହାନ୍ତିଙ୍କ ପରଲୋକ

ବାଲେଶ୍ୱର,(ସବ୍ୟୁ): ଶନିବାର ଭୋର ସମୟରେ ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ମହାନ୍ତିଙ୍କର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରାଲାକ ହୋଇଯାଇଛି । ସେ ଜଣେ ଦରଦୀ, ସୁ ଲେଖକ, ସ୍ତମ୍ଭକାର, ମାର୍କ୍ସବାଦୀ ଚିନ୍ତାଧାରା ବ୍ୟକ୍ତି ଥିଲେ । ସେ ସିଟୁ ଓଡିଶା ରାଜ୍ୟ କମିଟି ସାଧାରଣ ସମ୍ପାଦକ ରହିବା ସହିତ ସିଟୁର ସର୍ବଭାରତୀୟ ଉପସଭାପତି ଥିଲେ । ତାଙ୍କ ଅବର୍ତ୍ତମାନରେ ଆଗାମୀ ଦିନରେ ଶ୍ରମିକ ଆନ୍ଦୋଳନର ଭଙ୍ଗା ପଡିବ ବୋଲି ଆଶଙ୍କା କରାଯାଇଛି । ସେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଠାରୁ ଆରମ୍ଭ କରି ବହୁୟୁନିଅନରେ ସଭାପତି ରହି ଶ୍ରମିକମାନଙ୍କୁ ସବୁ କ୍ଷେତ୍ରରେ ସୁରକ୍ଷା ଦେଉଥିଲେ । ବାଲେଶ୍ୱର ସିଟୁ ଜିଲ୍ଲା କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

# ଜିଲ୍ଲା କଂଗ୍ରେସ ସଭାପତିମାନଙ୍କ ପ୍ରଶିକ୍ଷଣ କ୍ୟାମ୍ପ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ଧଉଳି ନିକଟସ୍ଥ ପୁଷ୍ପକ କନଭେନସନରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ଓ କଂଗ୍ରେସ ବିଏଲଏ-୧ ମାନଙ୍କର ଏକ ପ୍ରଶିକ୍ଷଣ କ୍ୟାମ୍ପ ପ୍ରଦେଶ କଂଗ୍ରେସ ଏସ.ଆଇ.ଆର ଷ୍ଟିଅରିଙ୍ଗ କମିଟିର ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କ୍ୟାମ୍ପରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ, ଏସଆଇଆର ପ୍ରକ୍ରିୟାରେ ସ୍ୱଚ୍ଛତା ରହିବା ପାଇଁ ଜିଲ୍ଲା କଂଗ୍ରେସ ସଭାପତି ଓ କଂଗ୍ରେସ ବିଏଲଏ -୧ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗତ ବିହାର, ପଶ୍ଚିମବଙ୍ଗ, ତାମିଲନାଡୁ ନିର୍ବାଚନରେ ଏସଆଇଆର ପ୍ରକ୍ରିୟା ଯେଉଁଭଳି ଭାବରେ କଂଗ୍ରେସ ଓ ଅନ୍ୟ ଅଣକଂଗ୍ରେସ ଦଳକୁ ପ୍ରଭାବିତ କରିଛି ତାହା ଗଣତନ୍ତ୍ରର ନିରପକ୍ଷେତା ପ୍ରତି କୁଠାରଘାତ । କଂଗ୍ରେସ ଦଳ ସବୁବେଳେ ଗଣତନ୍ତ୍ରର ମର୍ଯ୍ୟଦା ଓ ସମ୍ମାନକୁ ବଜାୟ ରଖିଥାଏ । ବୁଥ୍ ସ୍ତରରେ ଭୋଟର ମାନଙ୍କୁ ନିର୍ବାଚନୀ



ବ୍ୟବସ୍ଥାରୁ ହଟାଇବା ପାଇଁ ଯେଉଁ ଷଡଯନ୍ତ୍ର ହେଉଛି ତାହାକୁ ଜିଲ୍ଲା କଂଗ୍ରେସ ସଭାପତି, ତୃଣମୂଳ ସ୍ତରର କଂଗ୍ରେସ କର୍ମୀ ଓ ବିଶେଷ କରି ବିଏଲଏ-୧ ଓ ବିଏଲଏ-୨ମାନେ ତାହାକୁ ପଣ୍ଡ କରିପାରିବେ । ଭୋଟରମାନଙ୍କର ଭୋଟ ଦାନ ଅଧିକାରକୁ କିପରି ଛଡାଇ ନ ନିଆଯାଏ ସେଥିପାଇଁ ଏସଆଇଆର ପ୍ରକ୍ରିୟାର ଅବଧି ଭିତରେ ଅବିଶ୍ରାନ୍ତ କାର୍ଯ୍ୟ କରିବା ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି । ଏଆଇସିସିରୁ ଆସିଥିବା କ୍ଲଷ୍ଟର ରାଜେସ ସେରସିଆ ଏବଂ ଅନ୍ୟ ପ୍ରଶିକ୍ଷକମାନେ ପୁଙ୍ଖାନୁପୁଙ୍ଖନମାନେ ଏବଂ ଜିଲ୍ଲା କଂଗ୍ରେସ ସଭାପତି ବିଏଲଏ-୧ ଓ ବିଏଲଏ-୨ ମାନଙ୍କର ଗୁରୁ ଦାୟିତ୍ୱ ସଂପର୍କରେ ଆଲୋଚନା କରିଥିଲେ ।

କାର୍ଯ୍ୟକ୍ରମରେ ପିସିସି ମିଡିଆ ଅଧ୍ୟକ୍ଷ ଅରବିନ୍ଦ ଦାସ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପିସିସି ଉପସଭାପତି ସସ୍ମିତା ବେହେରା, ଲଲାଟେନ୍ଦୁ ମହାପାତ୍ର, ସେବାଦଳ ମୁଖ୍ୟ ଶୁଭେନ୍ଦୁ ମହାନ୍ତିଙ୍କ, ସୋସିଆଲ ମିଡିଆ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନାଙ୍କ ସମେତ ସମସ୍ତ ଜିଲ୍ଲା କଂଗ୍ରେସ ସଭାପତି, ବିଏଲଏ-୧, ପିସିସି ଏସଆଇଆର ଷ୍ଟିଅରିଂ କମିଟିର ସଭ୍ୟ, ଆଡଭାଇଜରି କମିଟିର ସଭ୍ୟ, ପିସିସି ଲିଗାଲ ସେଲ ଅଧ୍ୟକ୍ଷ ଏବଂ ସଭ୍ୟ, ଓ୍ୱାର ରୁମ୍ କମିଟିର ସଭ୍ୟ ମାନେ ଉପସ୍ଥିତ ଥିଲେ ।

## ହିନ୍ଦାଲ୍‌କୋ ହୀରାକୁଦ, ସମ୍ବଲପୁର ମୁନିସିପାଲ କର୍ପୋରେସନ

# ଫିଡ୍‌ବ୍ୟାକ୍ ଫାଉଣ୍ଡେସନଙ୍କ ମଧ୍ୟରେ ତ୍ରିପକ୍ଷୀୟ ଚୁକ୍ତିପତ୍ର ସ୍ୱାକ୍ଷର



ଭୁବନେଶ୍ୱର (ସବ୍ୟୁ): ସିଏସଆର୍ ପରିକଳ୍ପନା ଅଧୀନରେ ସମ୍ବଲପୁର ସହରକୁ 'ଗାର୍ବେଜ୍ ଫ୍ରି ସିଟି' ରୂପେ ପରିଣତ କରିବା ପାଇଁ ସମ୍ବଲପୁର ମୁନିସିପାଲ କର୍ପୋରେସନ ପକ୍ଷରୁ ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ହିରାକୁଦ ଏବଂ ଫିଡ୍‌ବ୍ୟାକ୍ ଫାଉଣ୍ଡେସନ୍ ଚାରିଟେବଲ୍ ଟ୍ରଷ୍ଟ ସହିତ ଏକ ତ୍ରିପକ୍ଷୀୟ ଚୁକ୍ତିପତ୍ର ସ୍ୱାକ୍ଷର କରାଗଲା । ଏହି ଏମଓୟୁ ବା ଚୁକ୍ତିପତ୍ର ସାମ୍ବଲପୁର ମୁନିସିପାଲ କମିଶନର୍ ରେହାନ୍ କ୍ଷେତ୍ରୀ (ଆଇଏଏସ୍), ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ହିରାକୁଦ ଇଉନିଟ୍ ହେଡ୍ ସୁମିତ ମୁଖର୍ଜୀ ଏବଂ ଫିଡ୍‌ବ୍ୟାକ୍ ଫାଉଣ୍ଡେଶନର ସିନିଅର୍ ମ୍ୟାନେଜର୍ ପ୍ରକାଶ ଚନ୍ଦ୍ର ପାଣିଙ୍କ ମଧ୍ୟରେ ଆଦାନ–ପ୍ରଦାନ ହୋଇଥିଲା । ଏହି ସମାରୋହରେ ଆୟୁକ୍ତ ସୁଶାନ୍ତ ସାହୁ, ଉପାୟୁକ୍ତ ହରିଓମ ଭୋଇ, ହିରାକୁଦ କମ୍ପ୍ଲେକ୍ସ ଇଉନିଟ୍ ହେଡ୍ ସୁମିତ ମୁଖର୍ଜୀ, ଏଚଆର୍ ହେଡ୍ ବିଶ୍ୱାସ ଶିନ୍ଦେ, ସ୍ମେଲ୍ଟର୍ ପ୍ଲାଣ୍ଟ ହେଡ୍ ପ୍ରତାପ ସାହୁ ସହ ହିଣ୍ଡାଲକୋର ଅନ୍ୟ ସିନିଅର୍ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରାଜ୍ୟରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : ଯୁବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ଯୁବ କଂଗ୍ରେସ ସଧାରଣ ସମ୍ପାଦକ ସୁଦୀପ ସାମଲ ଏକ ପ୍ରେସବିଜ୍ଞପ୍ତି ମାଧ୍ୟମ ରେ ଡବଲ ଇଞ୍ଜିନ ସରକାରକୁ ଓଡ଼ିଶା ପାଇଁ ବିପଦପୂର୍ଣ୍ଣ ସରକାର ବୋଲି କହିଛନ୍ତି । ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଥିବା ବେଳେ ରାଜ୍ୟ ର ବିଜେପି ସରକାର ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ଗଣମାଧ୍ୟମ ରେ ବିଭ୍ରାନ୍ତିକର ତଥ୍ୟ ଉପସ୍ଥାନପନ କରୁଛନ୍ତି । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଓଡ଼ିଶା ଆଜି ଜାତୀୟ ଏବଂ ଆର୍ନ୍ତଜାତୀୟ ସ୍ତରରେ ନିନ୍ଦନୀୟ ହେଉଥିବା ବେଳେ ରାଜ୍ୟ ସରକାରଙ୍କ ଆଇନମନ୍ତ୍ରୀ ଗଣମାଧ୍ୟମ ଆଗରେ ଯେଉଁ ଭଳି ଭାବରେ ପ୍ରତିକ୍ରିୟା ରଖିଛନ୍ତି ଏହା ଅତ୍ୟନ୍ତ ନିନ୍ଦନୀୟ । ବିଜେପି ସରକାର କ୍ଷମତା କୁ ଆସିବା ପୂର୍ବରୁ ଓଡ଼ିଶାବାସୀଙ୍କୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବାକୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ପାଣି ର ଗାର ସଦୃଶ୍ୟରେ ପରିଲକ୍ଷିତ ହେଉଛି । ଗଣମାଧ୍ୟମ ମାଧ୍ୟମ ରେ ଆପଣ ମାନେ ଜାଣିଥିବେ ପ୍ରତେକ ଦିନ ଏ ସରକାର ଆସିବା ଦିନ ଠାରୁ ଆଇନ ଶୃଙ୍ଖଳା କିପରି ଭାବରେ ବିପର୍ଯ୍ୟସ୍ତ ହୋଇ ପଡ଼ିଛି, ପୋଲିସ୍ ଯିଏ ରକ୍ଷକ ସାଜେ ଏ ସରକାର ନିଶା ବେପାରୀ, ଜମି ମାଫିଆ, ଚୋରା ଲଘୁ ଖଣିଜ ବ୍ୟବସାୟୀଙ୍କ ପାଖରେ ତାଙ୍କୁ ବନ୍ଧା ପକେଇ ଦେଇଛି । ଯୁବ କଂଗ୍ରେସ ପକ୍ଷରୁ ଆହୁରି ମଧ୍ୟ ଅଭିଯୋଗ ହୋଇଛି ଯେ ରାଜ୍ୟରେ ଜନସାଧାରଣ ଘରୁ ବାହାରିବା ପାଇଁ ଏବେ ଭୟଭୀତ । ଏ ସରକାର କେବଳ ନିଜ ପାଇଁ ବାହା ବାହା ନେଉଛନ୍ତି କିନ୍ତୁ ଜନ ସାଧାରଣଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି । ରାଜଧାନୀ ଭୁବନେଶ୍ୱର ର ଉପକଣ୍ଠ ବାଲିଅନ୍ତା, ବାଲିପାଟଣା ରେ ଯେଉଁ ଅଭାବନୀୟ କାଣ୍ଡ ଘଟିଲା ଏଥିରୁ ସ୍ପଷ୍ଟ ଅନୁମେୟ । ରାଜ୍ୟ ସରକାର ଆଗାମୀ ଦିନରେ ଓଡ଼ିଶାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଜୋରଦାର ବିରୋଧର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରୁହନ୍ତୁ ।

## ସାବିତ୍ରୀ ବ୍ରତର କାଳଜୟୀ ସ୍ପିରିଟ୍‌କୁ ପାଳନ କରୁଛି ତନିସ୍କ

# ଆକର୍ଷଣୀୟ ଅଫର ସହ ସ୍ୱତନ୍ତ୍ର ଗହଣା ପ୍ରଦର୍ଶନୀ

ଭୁବନେଶ୍ୱର, (ସବ୍ୟୁ): ସାବିତ୍ରୀ ବ୍ରତ ଉପଲକ୍ଷେ ଦେଶର ଅନ୍ୟତମ ଅଗ୍ରଣୀ ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ଆଣିଛି ସ୍ୱତନ୍ତ୍ର ଏବଂ ସୀମିତ ସମୟ ଅଫର, ଯାହାକି ସେଲିବ୍ରେଶନ୍‌କୁ ଅଧିକ ସ୍ମରଣୀୟ କରିବ । ପରମ୍ପରା ସହ ଜଡ଼ିତ ଏବଂ ପ୍ରେମ, ଭକ୍ତି ଓ ସମୃଦ୍ଧିର ପ୍ରତୀକ ସାବିତ୍ରୀ ବ୍ରତ ରାଜ୍ୟବ୍ୟାପୀ ବିବାହିତ ମହିଳାମାନଙ୍କ ପାଇଁ ହେଉଛି ଏକ ସୁନ୍ଦର ମୁହୂର୍ତ୍ତ । କାଳଜୟୀ ଗହଣରେ ନିବେଶ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ସାବିତ୍ରୀ ବ୍ରତ ପ୍ରେମ ଏବଂ ଭକ୍ତିର ଭାବନାକୁ ସତେଜ କରିଥାଏ। ଏଭଳି ଗହଣା ସହିତ ଏହି ବ୍ରତକୁ ପାଳନ କରାଯାଇଥାଏ, ଯାହାକି ଉକ୍ତ ପରମ୍ପରାକୁ ପ୍ରତିଫଳିତ କରେ, ଯାହାକି କାଳଜୟୀ ତଥା ସୁନା ଭଳି ଶୁଦ୍ଧ । ବ୍ରାଣ୍ଡ ପକ୍ଷରୁ ଉପଲବ୍ଧ ସ୍ୱତନ୍ତ୍ର ଅଫରର ଲାଭ ଉଠାଇ ଗ୍ରାହକ ସମୃଦ୍ଧିକୁ ସ୍ୱାଗତ କରି ସେଲିବ୍ରେଶନକୁ ବଢ଼ାଇବାର ପ୍ରକୃତ ଆଭୂଷଣକୁ ଆବିଷ୍କାର କରିପାରିବେ । ପ୍ରତ୍ୟେକ ପିସ୍ ବିବାହିତ ମହିଳାଙ୍କ ସୌନ୍ଦର୍ଯ୍ୟରେ ଚାରଚାନ୍ଦ ଲଗାଇବା ପାଇଁ ପ୍ରସ୍ତୁତ କରାଯାଇଛି । ଗହଣାଗୁଡ଼ିକ କେବଳ ଏ ମୁହୂର୍ତ୍ତର ସୁନ୍ଦରତାକୁ ବଢ଼ାଇବ




ନାହିଁ, ଏହାସହିତ ସମ୍ପର୍କର ଏକ ପ୍ରିୟ ପ୍ରତୀକ ମଧ୍ୟ ହୋଇଯାଏ । ସାବିତ୍ରୀର ସ୍ୱତନ୍ତ୍ର ଅବସରରେ ତନିସ୍କ ଏକ ସ୍ୱତନ୍ତ୍ର ଏକ୍‌ଟିକ୍ ଇଣ୍ଡିଆ ଜୁଏଲେରୀ ଏକ୍ସପୋର ଆୟୋଜନ କରୁଛି । ଭୁବନେଶ୍ୱର ଜନପଥସ୍ଥିତ ଲାଇଫ୍ ହୋଟେଲରେ ଏହା ମେ' ୮ରୁ ୧୦ ଯାଏ ଚାଲିବ । ଗହଣାକୁ ଅତି ଚିନ୍ତନଶୀଳ ଭାବେ ଡିଜାଇନ କରାଯାଇଛି, ଯାହାକି ଏହି ପର୍ବର ମହତ୍ୱକୁ ପରିପ୍ରକାଶ କରୁଛି । ଚଳିତବର୍ଷ ତନିସ୍କ ହାଲୁକା ନେକ୍, ସୁନ୍ଦର କାନଫୁଲ ଏବଂ ପାରମ୍ପରିକ ପଲା ଚୁଡ଼ିର ସ୍ୱତନ୍ତ୍ର ଡିଜାଇନ ଆଣିଛି । ଏହି ଗହଣାଗୁଡ଼ିକୁ ସାବିତ୍ରୀ ବ୍ରତ ପାଳନ କରୁଥିବା ପ୍ରତ୍ୟକ

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ର ସମ୍ବର୍ଦ୍ଧିତ



ଭୁବନେଶ୍ୱର, (ସବ୍ୟୁ) : ବିଡିଏ କଲୋନୀରେ ଅବସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେ ଏ-୧ ପାଇଥିବା ସାଇଦୀପ ନାୟକ (୫୫୦ ନମ୍ବର)କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ତରଫରୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜୀବନରେ ସେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଥିଲେ । ପ୍ରଧାନଶିକ୍ଷକ ଲୋକନାଥ ପ୍ରହରାଜ, ସହପ୍ରଧାନଶିକ୍ଷକ ଅଭୟ ଶତପଥି, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ଉପସ୍ଥିତ ରହିବା ସହିତ ଜୀବନର ଲକ୍ଷ୍ୟ ହାସଲ କରିବାକୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

## ଓଏମ୍‌ସିର କୋଡିଙ୍ଗାମାଲି ଖଣି ସମ୍ପ୍ରସାରଣ

# ଓଡ଼ିଶାର ଶିଳ୍ପ ଏବଂ ଆଞ୍ଚଳିକ ଅଭିବୃଦ୍ଧିକୁ ସୁଦୃଢ଼ କରିବ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଖଣି ନିଗମ (ଓଏମସି) ଦ୍ୱାରା କୋଡ଼ିଙ୍ଗାମାଲି ଖଣି ବିଗତ ଆଠ ବର୍ଷ ଧରି ପରିଚାଳିତ



ହୋଇଆସୁଛି, ଯାହାକି ଓଡ଼ିଶାର କୋରାପୁଟ ଏବଂ ରାୟଗଡା ଜିଲ୍ଲାରେ ରହିଛି । ଏଠାରୁ ଉତ୍ପାଦିତ ବକ୍ସାଇଟ୍ ରାଜ୍ୟର ଶିଳ୍ପଗୁଡ଼ିକୁ ଯୋଗାଇ ଦିଆଯାଏ, ଯାହା ଓଡ଼ିଶାର ଶିଳ୍ପ ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବର୍ତ୍ତମାନ ଏହି ଖଣି ବାର୍ଷିକ ୩.୬ ନିୟୁତ ଟନ୍ କ୍ଷମତାରେ କାର୍ଯ୍ୟ କରୁଛି । ବଢି ଚାଲିଥିବା ଶିଳ୍ପ ଚାହିଦା ଏବଂ ଓଡ଼ିଶାର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଖଣି ଏବେ ବାର୍ଷିକ ୬.୦ ନିୟୁତ ଟନକୁ ସମ୍ପ୍ରସାରିତ ହେଉଛି ।

ବର୍ତ୍ତମାନ କିଛି ଶିଳ୍ପ ବିରୋଧି ନ୍ୟସ୍ତସ୍ୱାର୍ଥ ଗୋଷ୍ଠି ଏହି ସମ୍ପ୍ରସାରଣକୁ ବିରୋଧ କରିବା ସହିତ ଶିଳ୍ପ ପ୍ରଗତିରେ ବାଧା ସୃଷ୍ଟି ପାଇଁ ଆଗେଇ ଆସିଛନ୍ତି । ଏହାଦ୍ୱାରା ବିକାଶମୂଳକ କାର୍ଯ୍ୟରେ କେତେକ ବ୍ୟାଘାତ ସୃଷ୍ଟି ହୋଇଛି । ତେବେ ଶିଳ୍ପ ଦ୍ୱାରା ହେବାକୁ ଥିବା ବିକାଶକୁ ହୃଦୟଙ୍ଗମ କରି ବହୁ ସଂଖ୍ୟାରେ ସ୍ଥାନୀୟ ଲୋକେ ଏହି ସମ୍ପ୍ରସାରଣକୁ ବିପୁଳ ସମର୍ଥନ କରିଛନ୍ତି । ଖଣି ଆଖପାଖ ଗାଁର ୧୦ ହଜାର ରୁ ଅଧିକ ବାସିନ୍ଦା ଆନୁଷ୍ଠାନିକ ଭାବରେ ସମ୍ପ୍ରସାରଣକୁ ସମର୍ଥନ କରି ଏକ ପତ୍ର ଦାଖଲ କରିଛନ୍ତି । ସେମାନଙ୍କ ସମର୍ଥନ ଏହି ପ୍ରକଳ୍ପ ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ଜଳ ଯୋଗାଣ, ସଡ଼କ ସଂଯୋଗ ସମେତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଲାଭ ଉପରେ ଆଲୋକପାତ କରେ । ଖଣି ସମ୍ପ୍ରସାରଣ ଦ୍ୱାରା ହେବାକୁ ଥିବା ବିକାଶ ଉପରେ ମତ ରଖି, ଓଏମସି ସ୍ଥାୟୀ ଖନନ, ଗୋଷ୍ଠୀ କଲ୍ୟାଣ ଏବଂ ସମାବେଶୀ ଅଭିବୃଦ୍ଧି ପ୍ରତି ଏହାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛି । ଏହି ସମ୍ପ୍ରସାରଣ ଦ୍ୱାରା ପରିବେଶ ସୁରକ୍ଷା ଏବଂ ସମସ୍ତ ନିୟମ ଅନୁପାଳନ ସୁନିଶ୍ଚିତ କରିବା ସହିତ ଏହି ଅଂଚଳ ପାଇଁ ଗୁରୁତ୍ୱପୂର୍ଣ୍ଣ ସାମାଜିକ-ଅର୍ଥନୈତିକ ଲାଭ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

## ଶ୍ରୀକ୍ଷେତ୍ରେ ଚନ୍ଦନଯାତ

# ନୃତ୍ୟରେ ମନ ମୋହୁଛନ୍ତି ଅଧ୍ୟାପକ ନୃତ୍ୟଶିଳ୍ପୀ ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀ

ଭୁବନେଶ୍ୱର (ସବ୍ୟୁ): ଶ୍ରୀଶ୍ରୀଜଗନ୍ନାଥ ଧାମ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ବାହାର ଚନ୍ଦନ ଯାତ୍ରା ଏକୋଇଶି ଦିନ ଧରି ଖୁବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହେଉଛି । ମଣୀବିମାନରେ ପ୍ରଭୁ ମଦନମୋହନଙ୍କ ସହ ଭୁଦେବୀ ଶ୍ରୀଦେବୀ ବା ମହାମାୟୀ ଲକ୍ଷ୍ମୀ ଓ ମାଆ ସରସ୍ୱତୀ ଓ ଅନ୍ୟ ପାଞ୍ଚୋଟି ବିମାନରେ ପଞ୍ଚୁ ପାଣ୍ଡବ ବା ପଞ୍ଚମହାଦେବ ଓ ପାଲିଙ୍କିରେ ରାମକୃଷ୍ଣ ନରେନ୍ଦ୍ର ସରୋବରରେ ନନ୍ଦା ଭଦ୍ରା ଚାପରେ ନୌବିହାର କରୁଛନ୍ତି ଏହି ଅବସରରେ ଶ୍ରୀମନ୍ଦିରରୁ ନରେନ୍ଦ୍ର ଚକଡା ପର୍ଯ୍ୟନ୍ତ ପଟୁଆରୀ ସେବାରେ ନୃତ୍ୟ ସଂଗୀତରେ ଶ୍ରୀଜୀଉଙ୍କ ଚିତ୍ତ ବିନୋଦନ କରୁଛନ୍ତି ଓଡ଼ିଆ ଭାଷା ସାହିତ୍ୟର ବିଭାଗର ବରିଷ୍ଠ ଅଧ୍ୟାପକ ତଥା ଅନ୍ତଃରାଷ୍ଟ୍ରୀୟ ଓଡିଶୀ ନୃତ୍ୟଶିଳ୍ପୀ ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀ ।

ସହସ୍ରାଧିକ ଭକ୍ତ ଦର୍ଶକଙ୍କ ଗହଣରେ ଶ୍ରୀମନ୍ଦିରରୁ ସିଂହଦ୍ୱାର ଦେଇ ବଡଦାଣ୍ଡରୁ ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ ମଣୀବିମାନ ଆଗରେ ଚନ୍ଦନ ଚକଡାରେ ଓ



ନରେନ୍ଦ୍ର ପୁଷ୍କରିଣୀ କୂଳରେ ଡ଼କ୍ଟର ଚିତ୍ତରଞ୍ଜନ ଅତୀବ ଭାବମୟ, ରସାଳ ଲାଳିତ୍ୟ ପୂର୍ଣ୍ଣ ନୃତ୍ୟରେ ମହାପ୍ରଭୁଙ୍କ ମନହରଣ କରିବା ସହ ସାହସ୍ରାଧିକ ଭକ୍ତ ଦର୍ଶକଙ୍କ ଚିତ୍ତବିନୋଦନ କରୁଛନ୍ତି । ଦୀର୍ଘ ତିନି ଦଶନ୍ଧିରୁ ଉର୍ଦ୍ଧହେବ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିରରେ ବିଭିନ୍ନ ପର୍ବ ପର୍ବାଣି ଯଥା ଚନ୍ଦନ, ସ୍ନାନ, ଗୁଣ୍ଡିଚା, ବାହୁଡ଼ା, ନୀଳାଦ୍ରିବିଜେ, ଝୁଲଣ ଓ ଦୋଳଯାତ୍ରାରେ ମହାପ୍ରଭୁଙ୍କ ପାଇଁ ନୃତ୍ୟସେବା ଯୋଗାଇ ଦେବା ସହ ଶେଷ ଦୁଇ ନବକଳେବର ରେ ଦାରୁ ଛେଦନ ଠାରୁ କୋଇଲି ବୈକୁଣ୍ଠ ପର୍ଯ୍ୟନ୍ତ ନୃତ୍ୟ ସେବାକାରୀ ଭାବେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି । ଓଡ଼ିଆ ଅଧ୍ୟାପକ ଭାବେ ଶ୍ରେଣୀଗୃହରେ କାବ୍ୟ କବିତାର ନାୟକ ନାୟିକାଙ୍କ ସମ୍ପର୍କରେ ବିଦ୍ୟାର୍ଥୀ ମାନଙ୍କୁ ପଢ଼ାଉଥିବା ବେଳେ ସନ୍ଧ୍ୟାରେ ଆଖିରେ କଜ୍ଜଳ ଲଗାଇ ସେହି ନାୟକ ନାୟିକାଙ୍କ ଚରିତ୍ରରେ ମଞ୍ଚରେ ନୃତ୍ୟ ପରିବେଷଣ ମୋତେ ଖୁବ ଆନନ୍ଦ ଦିଏ ଓ ଆଖିଆଗରେ ମହାପ୍ରଭୁଙ୍କୁ ଦେଖିକି ତାଙ୍କରି ନୃତ୍ୟ ତାଙ୍କ ଆଗରେ ନାଚିବାର ଅନୁଭୂତି ଶବ୍ଦରେ କହିହେବ ନାହିଁ ବୋଲି କୁହନ୍ତି ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀ ।

# ସମ୍ ଲାଇଫ ସାଇନସେସ୍ ପରିସରରେ ମାଗଣା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ଗୋଠପାଟଣା ସ୍ଥିତ ସମ୍ ଲାଇଫ ସାଇନସେସ୍ ପ୍ରକଳ୍ପ ପରିସରରେ




ସୁମା ରିଅଲ ମିଡ଼ିଆ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ୍ ସାଇନସେସ ଆଣ୍ଡ ସମ୍ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଶନିବାର ଏକ ବିଶାଳ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଥିବା ପ୍ରାୟ ୨୨୦ ଜଣ ପୁରୁଷ ଓ ମହିଳା ଶ୍ରମିକ ସାମିଲ୍ ହୋଇ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ସମ୍ ହସ୍ପିଟାଲର ବିଭିନ୍ନ ବିଭାଗରୁ ଆସିଥିବା ୧୭ ଜଣ ବିଶେଷଜ୍ଞ ଡାକ୍ତର ଏହି ଅବସରରେ ଶ୍ରମିକମାନଙ୍କୁ ଚିକିତ୍ସା ସେବା ଓ ପରାମର୍ଶ ପ୍ରଦାନ କରିଥିଲେ । ବିଶେଷ କରି ମେଡିସିନ୍, ଚର୍ମ ରୋଗ, ଚକ୍ଷୁ, ଦନ୍ତ ଚିକିତ୍ସା, ଶିଶୁ ରୋଗ, ସ୍ତ୍ରୀ ଓ ପ୍ରସୂତି ରୋଗ ଏବଂ ଶଲ୍ୟ ଚିକିତ୍ସା ଭଳି ବିଭାଗର ଡାକ୍ତରମାନେ ରକ୍ତଚାପ ଓ ମଧୁମେହ ସମେତ ଅନ୍ୟାନ୍ୟ ସାଧାରଣ ରୋଗର ଯାଂଚ କରିଥିଲେ । ଶ୍ରମିକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟରେ ଆୟୋଜିତ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସମ୍ ଲାଇଫ ସାଇନସେସ୍ ଏବଂ ଆଇଏମଏସ ଆଣ୍ଡ ସମ୍ ହସ୍ପିଟାଲର କର୍ମଚାରୀମାନେ ମିଳିତ ଭାବେ ପରିଚାଳନା କରିଥିଲେ ।

# ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ସମ୍ବର୍ଦ୍ଧିତ



କଟକ, (ସ୍ୱପ୍ର) : କଟକର ଅଗ୍ରଣୀ ସାମାଜିକ ସଙ୍ଗଠନ 'ମୋ କଟକ ସୁରକ୍ଷା ମଞ୍ଚ ' ବନ୍ଧୁମିଳନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କିଛିଦିନ ପୂର୍ବରୁ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଜୁଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଚନ୍ଦ୍ରସାରଥି ବେହେରା ଅତିଥିରୂପେ ଯୋଗ ଦେବାର ଥିଲା । ବ୍ୟକ୍ତିଗତ କାର୍ଯ୍ୟବ୍ୟସ୍ତତା ଯୋଗୁଁ ସେ ଯୋଗଦେଇ ପାରିନଥିଲେ । ଶନିବାର ଭୁବନେଶ୍ୱର ସ୍ଥିତ ବାସଭବନରେ ମଞ୍ଚ ସମ୍ପାଦକ ଜିତେନ୍ଦ୍ର ସାହୁ, ସଭାପତି ଅକ୍ଷୟ ପଣ୍ଡା ଓ ଯୁବ ସମାଜସେବୀ ଆଶୁତୋଷ ମହାନ୍ତି ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ପୂର୍ବତନ ମନ୍ତ୍ରୀ ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କଟକ ସହରରେ ଜନସାଧାରଣଙ୍କ ମୌଳିକ ଅଧିକାର ପାଇଁ ମଞ୍ଚ ପକ୍ଷରୁ କରାଯାଉଥିବା କାର୍ଯ୍ୟକୁ ଶ୍ରୀ ବେହେରା ପ୍ରଶଂସା କରିଛନ୍ତି ।



ଭାରତରେ ଅବସ୍ଥାପିତ କାନାଡାର ହାଇକମିଶନର କ୍ରିଷ୍ଟୋଫର କୁଟର ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ।





ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଶୁଭେନ୍ଦୁ ଅଧିକାରୀଙ୍କ ସହ ୫ ଜଣ ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# ଶୁଭେନ୍ଦୁ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଲେ ମୋଦୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିବା ଶ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।ପ୍ରଧାନମନ୍ତ୍ରୀ କହିଛନ୍ତି, ଶୁଭେନ୍ଦୁ ଅଧିକାରୀ ଜଣେ ନେତା ଭାବରେ ଏକ ଛାପ ସୃଷ୍ଟି କରିଛନ୍ତି । ସେ ଲୋକଙ୍କ ସହିତ ଘନିଷ୍ଠ ଭାବରେ ଜଡିତ ଅଛନ୍ତି ଏବଂ ସେମାନଙ୍କ ଆକାଂକ୍ଷାକୁ ଅତି ନିକଟରୁ ବୁଝିଛନ୍ତି । ଶ୍ରୀ ମୋଦୀ ତାଙ୍କୁ ଆଗାମୀ ଫଳପ୍ରଦ କାର୍ଯ୍ୟକାଳ ପାଇଁ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି । ସେହିପରି ପଶ୍ଚିମବଙ୍ଗ ସରକାରରେ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିବା ଶ୍ରୀ ଦିଲୀପ ଘୋଷ, ଅଗ୍ନିମିତ୍ର ପଲ, ଅଶୋକ କୀର୍ତ୍ତନିଆ, ଖୁଦିରାମ ଟୁଡୁ ଏବଂ ନିଶିଥ ପ୍ରମାଣିକଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଏହି ନେତାମାନେ ତୃଣମୂଳ ସ୍ତରରେ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି ଏବଂ ଲୋକଙ୍କ ସେବା କରିଛନ୍ତି । ସେମାନେ ମନ୍ତ୍ରୀ ଭାବରେ ପଶ୍ଚିମବଙ୍ଗର ବିକାଶ ଯାତ୍ରାକୁ ଆହୁରି ମଜବୁତ କରିବେ ବୋଲି ସେ ବିଶ୍ୱାସ



ପ୍ରକାଶ କରିବା ସହିତ ସେମାନଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି; "ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିବା ଶୁଭେନ୍ଦୁ ଅଧିକାରୀ ଜୀଙ୍କୁ ଅଭିନନ୍ଦନ। ସେ ଜଣେ ନେତା ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଏବଂ ଲୋକଙ୍କ ସହିତ ଘନିଷ୍ଠ ଭାବରେ ଜଡିତ ଅଛନ୍ତି। ଅତି ନିକଟରୁ ସେ ଲୋକଙ୍କ ଆକାଂକ୍ଷାକୁ ବୁଝିଛନ୍ତି। ଆଗାମୀ ଫଳପ୍ରଦ କାର୍ଯ୍ୟକାଳ ପାଇଁ ତାଙ୍କୁ ମୋର ଶୁଭକାମନା। "ପଶ୍ଚିମବଙ୍ଗ ସରକାରରେ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିବା ପାଇଁ ଦିଲୀପ ଘୋଷ ଜୀ, ଅଗ୍ନିମିତ୍ର ପାଉଲ ଜୀ, ଅଶୋକ କୀର୍ତ୍ତ ନିଆ ଜୀ, ଖୁଦିରାମ ଟୁଡୁ ଜୀ ଏବଂ ନିଶି ଥ ପ୍ରମାଣିକ ଜୀଙ୍କୁ ଅଭିନନ୍ଦନ। ଏହି ନେତାମାନେ ତୃଣମୂଳ ସ୍ତରରେ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି ଏବଂ ଲୋକଙ୍କ ସେବା କରିଛନ୍ତି । ମୁଁ ନିଶ୍ଚିତ ଯେ ସେମାନେ ମନ୍ତ୍ରୀ ଭାବରେ ପଶ୍ଚିମବଙ୍ଗର ବିକାଶ ଯାତ୍ରାକୁ ଆହୁରି ମଜବୁତ କରିବେ। ମୋର ଶୁଭକାମନା।

## ପଶ୍ଚିମବଙ୍ଗର ୩ଟି ଜିଲ୍ଲାର ସଙ୍ଗଠନ ପ୍ରଭାରୀ ଥିଲେ ମାଖନ ଲାଲ

**କୋଲକାତା:** ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମଭୂମି ପଶ୍ଚିମବଙ୍ଗରେ ଐତିହାସିକ ବିଜୟ ସହିତ ବିଜେପି ପ୍ରଥମ ଥର ସରକାର ଗଠନ କରିଛି । ଶୁଭେନ୍ଦୁ ଅଧିକାରୀ ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶନିବାର ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବ ଯେତିକି ଖୁସି ଓ ଆନନ୍ଦର ମାହୋଲ ସୃଷ୍ଟି କରିଥିଲା ସେତିକି ଭାବପ୍ରବଣ ମଧ୍ୟ ଥିଲା। ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଣେ ୯୭ ବର୍ଷୀୟ ବୃଦ୍ଧଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। ବୃଦ୍ଧ ଜଣକ ବିଜେପିର ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତା ମାଖନ ଲାଲ ସରକାର ପଠାଯାଇଥିଲା। ଶ୍ୟାମା ପ୍ରସାଦଙ୍କର କାଶ୍ମୀର ଜେଲରେ ସନ୍ଦେହଜନକ ସ୍ଥିତିରେ ମୃତ୍ୟୁ ହୋଇଥିଲା। ସେତେବେଳେ ମାଖନ ଲାଲ ତାଙ୍କ ନିକଟରେ ଥିଲେ। ସେ ଶ୍ୟାମା ପ୍ରସାଦଙ୍କ ଶେଷ ଯାତ୍ରାର ସାଥୀ ଥିଲେ।

୧୯୮୦ରେ ଭାରତୀୟ ଜନତା ପାର୍ଟି ଗଠନ ହେବା ପରେ ମାଖନ ଲାଲଙ୍କୁ ପଶ୍ଚିମ ଦିନାଜପୁର, ଜଲପାଇଗୁଡ଼ି ଓ ଦାର୍ଜିଲିଂ ଜିଲ୍ଲାର ସଙ୍ଗଠନ ପ୍ରଭାରୀ କରାଯାଇଥିଲା। ମାତ୍ର ବର୍ଷକ ଭିତରେ ସେ ପାଖାପାଖି ୧୦,୦୦୦ ଲୋକଙ୍କୁ ବିଜେପି ସହିତ ଯୋଡ଼ିଥିଲେ। ୧୯୮୧ରୁ ଲଗାତାର ୭ ବର୍ଷ ପର୍ଯ୍ୟନ୍ତ ସେ ଜିଲ୍ଲା ଅଧକ୍ଷ



ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ମାଖନ ଲାଲଙ୍କ ପାଦ ଛୁଇଁବା ସହିତ ତାଙ୍କୁ ଆଲିଙ୍ଗନ କରିଥିଲେ। ମାଖନ ଲାଲ ସିଲିଗୁଡ଼ିର ବାସିନ୍ଦା ଓ ବିଜେପିର ବହୁ ପୁରୁଣା ନେତା।

ପଶ୍ଚିମବଙ୍ଗ ବିଜେପି ମୁଖ୍ୟ ସମିକ୍ ଭଟ୍ଟାଚାର୍ଯ୍ୟ କହିଛନ୍ତି, ମାଖନ ଲାଲ ସରକାର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଘନିଷ୍ଠ ସହଯୋଗୀ ଥିଲେ। ଶ୍ୟାମା ପ୍ରସାଦ କାଶ୍ମୀର ଗସ୍ତରେ ଯାଇଥିବାବେଳେ ସେତେବେଳେ ମାଖନ ଲାଲ ସରକାର ମଧ୍ୟ ତାଙ୍କ ସହିତ ଥିଲେ। କାଶ୍ମୀରରେ ଭାରତୀୟ ତ୍ରିରଙ୍ଗା ଉଡ଼ାଇବାକୁ ନେଇ ହୋଇଥିବା ଆନ୍ଦୋଳନ ସମୟରେ ଶ୍ୟାମାପ୍ରସାଦ ଓ ମାଖନ ଲାଲଙ୍କୁ ଗିରଫ କରି ଜେଲ୍ ରହିଥିଲେ। ସମିକ୍ ଭଟ୍ଟାଚାର୍ଯ୍ୟ ଆହୁରି କହିଛନ୍ତି, କଂଗ୍ରେସ ଶାସନ କାଳରେ ମାଖନ ଲାଲଙ୍କୁ ଦେଶଭକ୍ତି ଗୀତ ଗାଇବାକୁ ନେଇ ଦିଲ୍ଲୀ ପୁଲିସ ଗିରଫ କରିଥିଲା। କୋର୍ଟରେ ତାଙ୍କୁ କ୍ଷମା ମାଗିବାକୁ କୁହାଯାଇଥିଲା। କିନ୍ତୁ ସେ କ୍ଷମା ପ୍ରାର୍ଥନା କରିବାକୁ ମନା କରିଦେବା ସହିତ ପୁଣି ଥରେ ସେହି ଗୀତ ଗାଇଥିଲେ। କୋର୍ଟ ତାଙ୍କ ସାହସରେ ପ୍ରଭାବିତ ହୋଇ ତାଙ୍କୁ ଘରକୁ ଫେରିବାକୁ ପ୍ରଥମ ଶ୍ରେଣୀ ଟ୍ରେନ୍ ଟିକଟ ଓ ୧୦୦ ଟଙ୍କା ଦେଇଥିଲେ। ୯୭-୯୮ ବର୍ଷରେ ମଧ୍ୟ ମାଖନଲାଲ ତୃଣମୂଳ ସ୍ତରରେ ବିଜେପିର ଜଣେ ସମର୍ପିତ କାର୍ଯ୍ୟକର୍ତ୍ତା ଭାବେ ପରିଗଣିତ ହୁଅନ୍ତି।

## ବାହାଘରର ୨୪ ଘଣ୍ଟା ନପୂରୁଣୁ ମା' ହେଲେ ବୋହୂ !

ଗ୍ରେଟର ନୋଏଡା: ବିବାହକୁ ନେଇ ସବୁଠି ଖୁସିର ମାହୋଲ ଥିଲା। ନୂଆ ବୋହୂ ଶାଶୁଘରକୁ ଆସିବା ପରେ ପରିବାର ଲୋକେ ଉତ୍ସାହର ସହ ସ୍ୱାଗତ କରିଥିଲେ। ହେଲେ ବାହାଘରର ମାତ୍ର ଗୋଟିଏ ଦିନ ପରେ ଯାହା ଘଟିଲା, ତାହା ଶୁଣିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ। ବାହାଘରର ୨୪ ଘଣ୍ଟା ନପୁରୁଣୁ ନୂଆ ବୋହୂ ଜଣକ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଗ୍ରେଟର ନୋଏଡାର ଦନକୌର ଅଞ୍ଚଳରେ ଘଟିଥିବା ଏହି ଅଭାବନୀୟ ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ଗ୍ରେଟର ନୋଏଡାର ଜଣେ ଯୁବକ ବୁଲନ୍ଦସହରର ଜଣେ ଯୁବତୀଙ୍କୁ ଗତ ସୋମବାର ଦିନ ବିବାହ କରିଥିଲେ। ବାହାଘର ପରେ ବହୁ ଆଡ଼ମ୍ବରରେ ବୋହୂ ଶାଶୁଘରକୁ ଆସିଥିଲେ। କିନ୍ତୁ ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ ବୋହୂଙ୍କ ପେଟରେ ଅସହ୍ୟ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ଯାଞ୍ଚ ପରେ ଜଣାପଡ଼ିଥିଲା ଯେ, ବୋହୂ ଜଣକ ୭ ମାସର ଗର୍ଭବତୀ ଅଛନ୍ତି। ଏହି ଖବର ଶୁଣିବା ପରେ ବର ପକ୍ଷର ପାଦ ତଳୁ ମାଟି ଖସିଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବୁଧବାର ଦିନ ବୋହୂ ଜଣକ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ବିବାହର ମାତ୍ର ଗୋଟିଏ ଦିନ ପରେ ପରିବାରକୁ ନୂଆ ସଦସ୍ୟ ଆସିବା ଖୁସି ନୁହେଁ ବରଂ ସମସ୍ତଙ୍କ ପାଇଁ ଝଟକା ସଦୃଶ ଥିଲା। ଏହି ଘଟଣା ପରେ ବର ପକ୍ଷର ଲୋକେ କନ୍ୟା ପକ୍ଷ ଉପରେ ଜାଲିଆତିର ଅଭିଯୋଗ ଆଣିଛନ୍ତି। ବର ପରିବାର କହିବା ଅନୁଯାୟୀ, ୫ ମାସ ତଳେ ନିର୍ବନ୍ଧ ସମୟରେ ସେମାନେ ଝିଅକୁ ଦେଖିଥିଲେ, କିନ୍ତୁ ସେ ଗର୍ଭବତୀ ଥିବା କଥା ସେମାନଙ୍କୁ ଅନ୍ଧାରରେ ରଖାଯାଇଥିଲା। କନ୍ୟା ପକ୍ଷ ଜାଣିଶୁଣି ଏହି କଥା ଲୁଚାଇ ବାହାଘର କରିଥିବା ସେମାନେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ବୋହୂ ଜଣକ ଗର୍ଭବତୀ ଥିବା ଜାଣିବା ପରେ ବର ପକ୍ଷର ଲୋକେ ତାଙ୍କୁ ଗ୍ରହଣ କରିବାକୁ ସଫା ସଫା ମନା କରିଦେଇଛନ୍ତି। ପରିସ୍ଥିତି ଏପରି ହେଲା ଯେ ଥାନାରେ ମାମଲା ପହଞ୍ଚିଥିଲା। ଶେଷରେ ଝିଅ ପରିବାର ଲୋକେ ଡାକ୍ତରଖାନା ପହଞ୍ଚି ନିଜ ଝିଅ ଓ ନବଜାତ ଶିଶୁକୁ ଧରି ବୁଲନ୍ଦସହର ଫେରିଯାଇଛନ୍ତି। ଏବେ ଏହି ଅଦ୍ଭୁତ ବାହାଘରକୁ ନେଇ ସାରା ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି।

## କେବଳ କଂଗ୍ରେସ ମୋଦୀଙ୍କୁ ହରାଇ ପାରିବ: ରାହୁଲ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବିଜେପିର କ୍ରମବର୍ଦ୍ଧିତ ଶକ୍ତି ତଥା ଗୋଟିଏ ପରେ ଗୋଟିଏ ରାଜ୍ୟରେ କ୍ଷମତା ହାସଲ କରିବା ପରେ ବିରୋଧୀ ଦଳଗୁଡ଼ିକ ଅତ୍ୟନ୍ତ ଦୁର୍ବଳ ପରି ଜଣାପଡୁଛନ୍ତି। ବିଶେଷ କରି ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଓ ତାମିଲନାଡୁରେ ଡିଏମ୍କେର ପରାଜୟ ପରେ ବିରୋଧୀ ଇଣ୍ଡି ମେଣ୍ଟ ପୂର୍ବାପେକ୍ଷା ଅଧିକ ଦୁର୍ବଳ ମନେ ହେଉଛନ୍ତି। ତାମିଲନାଡୁରେ ବିଜୟଙ୍କ ଟିଭିକେ ସବୁଠୁ ବଡ଼ ଦଳ ଭାବେ ଉଭା ହେବା ପରେ ରାଜନୈତିକ ଦୃଶ୍ୟପଟ୍ଟରେ ବଡ଼ ପରିବର୍ତ୍ତନ ଦେଖାଯାଇଥିଲା। କଂଗ୍ରେସ ପୁରୁଣା ସହଯୋଗୀ ଦଳର ହାତ ଛାଡ଼ି ବିଜୟଙ୍କ ଟିଭିକେକୁ ତୁରନ୍ତ ସମର୍ଥନ ଜଣାଇଥିଲା। କଂଗ୍ରେସର ଏହି ପଦକ୍ଷେପ ଇଣ୍ଡିମେଣ୍ଟରେ ଫାଟ ସୃଷ୍ଟି କରିଥିଲା। ଡିଏମ୍କେ ଏହାକୁ ତୀବ୍ର ବିରୋଧ କରି କଂଗ୍ରେସ ବିଶ୍ୱାସଘାତକତା କରିଥିବା କହିଛି।

ଅନ୍ୟପକ୍ଷରେ ଉତ୍ତର ପ୍ରଦେଶରେ ବିଧାନସଭା ନିର୍ବାଚନକୁ ଆଉ ୧୦ ମାସ ରହିଛି। ଏପରି ଦୃଶ୍ୟପଟ୍ଟ ଭିତରେ ଶୁକ୍ରବାର ସନ୍ଧ୍ୟାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ କ୍ଷୁଦ୍ର ଭିଡିଓ ପୋଷ୍ଟ କରି ଯାହା ଦାବି କରିଛନ୍ତି, ତାହା ଅନେକ ପ୍ରଶ୍ନର ଗୋଟିଏ ଜବାବ ପରି ଥିଲା। ରାହୁଲ ପୋଷ୍ଟରେ କହିଥିଲେ ଯେ, ଲେଖିକି ରଖ, ଅନ୍ୟ କୌଣସି ଦଳ ବିଜେପି କିମ୍ବା ନରେନ୍ଦ୍ର ମୋଦୀଙ୍କୁ ହରାଇ ପାରିବ ନାହିଁ। କେବଳ କଂଗ୍ରେସ ହିଁ ହରାଇପାରିବ। ତୁମେମାନେ ଦେଖିବ ସେମାନଙ୍କ (ବିଜେପି ଓ ଆର୍‌ଏସ୍‌ଏସ୍) ଆଗରେ ଅନ୍ୟ କୌଣସି ଦଳ ଛିଡ଼ା ହୋଇପାରିବ ନାହିଁ। କେବଳ କଂଗ୍ରେସ ପାର୍ଟି ରହିବ ଓ ସେମାନଙ୍କୁ ହରାଇବ। ଏଥିରୁ ଏକ ସରଳ ପ୍ରଶ୍ନ ଜନ୍ମ ନେଇଥିଲା। ଏହାର ଅର୍ଥ କ'ଣ କେନ୍ଦ୍ରରେ ବିଜେପିର ମୁଖ୍ୟ ବିରୋଧୀ ଦଳ ଥିବା ଇଣ୍ଡି ମେଣ୍ଟ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଗଲା କି? ରାହୁଲଙ୍କ ଏହି ଭିଡିଓ କେବଳ ଏହାର ଏକମାତ୍ର ସଙ୍କେତ କି? ୨୦୨୪ ଲୋକସଭା ନିର୍ବାଚନରେ ବିଜେପିକୁ ପରାସ୍ତ କରିବା ଲକ୍ଷ୍ୟରେ ୧୨ରୁ ଅଧିକ ଦଳମାନଙ୍କୁ ନେଇ ୨୦୨୩ ରେ ଇଣ୍ଡି ମେଣ୍ଟ ଗଠନ ହୋଇଥିଲା। ଏହା ବିଜେପିକୁ ଗାଦିଚ୍ୟୁତ କରିପାରି ନଥିଲେ ମଧ୍ୟ ଲୋକସଭାରେ ମୋଦୀଙ୍କ ଆସନ ସଂଖ୍ୟା ହ୍ରାସ କରିବାରେ ସଫଳ ହୋଇଥିଲା।



ତେବେ ମୋଦୀ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହେବାର ମାତ୍ର ୨ ବର୍ଷ ଭିତରେ ଇଣ୍ଡି ମେଣ୍ଟ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ନିର୍ବାଚନ ପରେ ଭାଙ୍ଗି ଯାଇଥିବା ପରି ମନେ ହେଉଛି। ସବୁଠୁ ବଡ଼ ଫାଟ କଂଗ୍ରେସ ଓ ଡିଏମକେ ମଧ୍ୟରେ ଦେଖାଯାଇଛି। ପାଖାପାଖି ଦୁଇ ଦଶନ୍ଧି ହେଲା କଂଗ୍ରେସ ଓ ଡିଏମ୍କେ ରାଜ୍ୟ ରାଜନୀତିଠାରୁ ଆରମ୍ଭ କରି କେନ୍ଦ୍ରରେ ଏକାଠି ଅଛନ୍ତି। ମେଣ୍ଟର ସବୁଠୁ ଶାଣିତ ସ୍ୱର ଭାବେ ଏହି ଦୁଇ ଦଳକୁ ଦେଖିବାକୁ ମିଳିଥିଲା। ଷ୍ଟାଲିନ୍ ରାହୁଲଙ୍କୁ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଥିଲେ ମଧ୍ୟ ପ୍ରତି ନିର୍ବାଚନରେ ଡିଏମ୍କେ କଂଗ୍ରେସ ଆସନ ସଂଖ୍ୟା ହ୍ରାସ କରିବାକୁ ନେଇ ଜାତୀୟ ଦଳ ତା'ର ପୁରୁଣା ଆଞ୍ଚଳିକ ସହଯୋଗୀ ଦଳ ସହିତ ଅସନ୍ତୁଷ୍ଟ ଥିଲା। ଟିଭିକେର ବିଜୟ ଦୁଇ ମେଣ୍ଟ ଦଳ ଭିତରେ ଥିବା ବାଧ୍ୟବାଧକତାର ସମ୍ପର୍କକୁ ପୂରାପୂରି ଶେଷ କରିଦେଇଥିଲା। ଡିଏମ୍କେ ଟିଭିକେକୁ କଂଗ୍ରେସର ସମର୍ଥନ ଘୋଷଣାକୁ ବିଶ୍ୱାସଘାତକ କହିଥିଲା। କଂଗ୍ରେସ ଡିଏମକେ ସହିତ ମେଣ୍ଟ କରି ୨୮ଟି ବିଧାନସଭା ଆସନ ସହିତ ଗୋଟିଏ ରାଜ୍ୟସଭା ଆସନ ପାଇଥିଲା ବୋଲି ଡିଏମ୍କେ କହିଥିଲା। ଡିଏମ୍କେ ସାଂସଦ କେ କାନିମୋଝି ବାଚସ୍ପତିଙ୍କୁ ଚିଠି ଲେଖି ସଂସଦରେ ଡିଏମ୍କେ ପାଇଁ କଂଗ୍ରେସଠାରୁ ଅଲଗା ବସିବା ବ୍ୟବସ୍ଥା କରିବାକୁ କହିଥିଲେ। କଂଗ୍ରେସର ଏହି ପଦକ୍ଷେପକୁ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ପରୋକ୍ଷରେ ସମାଲୋଚନା କରିଥିଲେ। ଅଖିଳେଶ କୋଲକାତାରେ ମମତା ବାନାର୍ଜୀଙ୍କୁ ଭେଟି ଓ ଚେନ୍ନାଇରେ ଏମ୍କେ ଷ୍ଟାଲିନ୍ଙ୍କୁ ଭେଟି ଏହାର ଫଟୋ 'ଏକ୍ସ'ରେ ସେୟାର କରିଥିଲେ ଓ ଲେଖିଥିଲେ ଖରାପ ସମୟରେ ଆମେ କାହାକୁ ପରିତ୍ୟାଗ କରିନଥାଉ। କାନିମୋଝି ମଧ୍ୟ ଅଖିଳେଶଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ସନ୍ଦେହଜନକ ଚୁକ୍ତି !

**ଢାକା:** ପାକିସ୍ତାନ ଏବଂ ବାଂଲାଦେଶ ଢାକା ଏକ ସୀମା ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି, ଯଦିଓ ଦୁଇ ଦେଶ ମଧ୍ୟରେ କୌଣସି ସୀମା ନାହିଁ। ଚୁକ୍ତି ଅନୁସାରେ ବାଂଲାଦେଶ ଏବଂ ପାକିସ୍ତାନ ସୂଚନା ଆଦାନପ୍ରଦାନ, ମିଳିତ ଗୁଇନ୍ଦା ଅଭିଯାନ ଏବଂ କ୍ଷମତା ନିର୍ମାଣ ପ୍ରୟାସ ମାଧ୍ୟମରେ ନିଶା କାରବାର ମୁକାବିଲା ପାଇଁ ମିଳିତ ପ୍ରୟାସକୁ ମଜବୁତ କରିବାକୁ ରାଜି ହୋଇଛନ୍ତି। ଏଥିପାଇଁ, ଦୁଇ ଦେଶ ବେଆଇନ ନିଶା କାରବାର, ମନି ଲଣ୍ଡରିଂ ଏବଂ ନିଶା ପଦାର୍ଥର ଅପବ୍ୟବହାର ମୁକାବିଲାରେ ସହଯୋଗ ବୃଦ୍ଧି କରିବା ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।

## ସୁରକ୍ଷା କଭରେଜ୍ କ୍ଷେତ୍ରରେ ଜନସୁରକ୍ଷା ସ୍କିମକୁ ୧୧ ବର୍ଷ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୯ ମଇ ୨୦୧୫ରେ ଆରମ୍ଭ ହୋଇଥିବା ତିନି ଜନ ସୁରକ୍ଷା ଯୋଜନା - ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ପିଏମଜେଜେବିଓ୍ୱାଇ), ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (ପିଏମଏସବିଓ୍ୱାଇ), ଏବଂ ଅଟଳ ପେନସନ ଯୋଜନା (ଏପିଓ୍ୱାଇ) ସବୁ ନାଗରିକଙ୍କୁ, ବିଶେଷକରି ସମାଜର ଅବହେଳିତ ଏବଂ ଦୁର୍ବଳ ବର୍ଗକୁ ସୁଲଭ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ପରିକଳ୍ପନା କରାଯାଇଥିଲା। ଏହି ପ୍ରମୁଖ ଯୋଜନାଗୁଡ଼ିକ ଜୀବନର ଅନିଶ୍ଚିତତା ବିରୁଦ୍ଧରେ ନାଗରିକମାନଙ୍କୁ ସୁରକ୍ଷା ଦେବା ସହ ଏବଂ ଦୀର୍ଘକାଳୀନ ଆର୍ଥିକ ସ୍ଥିରତାକୁ ପ୍ରୋତ୍ସାହିତ କରି ବୀମା ଏବଂ ପେନସନ ପ୍ରେକ୍ଷାପଟ୍ଟର ବିସ୍ତାର କରିବା ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ କହିଛନ୍ତି, "ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଲୋକମାନଙ୍କୁ କମ ମୂଲ୍ୟରେ ବୀମା ଓ ପେନସନ ଲାଭ ପ୍ରଦାନ ପାଇଁ ବିଭିନ୍ନ ଜନସୁରକ୍ଷା ଯୋଜନା- ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ଅଟଳ ପେନସନ ଯୋଜନା ଆରମ୍ଭ କରିଥିଲେ। ଏସବୁ ଜନ ସୁରକ୍ଷା ଯୋଜନାର ୧୧ତମ ବାର୍ଷିକୀରେ ଶ୍ରୀମତୀ ସୀତାରମଣ ସୂଚନା ଦେଇଛନ୍ତି ଯେ ପିଏମଜେଜେବିଓ୍ୱାଇ, ପିଏମଏସବିଓ୍ୱାଇ ଏବଂ ଏପିଓ୍ୱାଇ ଅଧୀନରେ ଯଥାକ୍ରମେ ୨୭ କୋଟି, ୫୮ କୋଟି ଏବଂ ୯ କୋଟିରୁ ଅଧିକ ପଞ୍ଜୀକରଣ ହୋଇଛି। ପିଏମଜେଜେବିଓ୍ୱାଇ ଯୋଜନା ବିଷୟରେ ଅର୍ଥମନ୍ତ୍ରୀ କହିଛନ୍ତି ଯେ ଏହି ଯୋଜନାରେ ୧୦.୭ ଲକ୍ଷରୁ ଅଧିକ ପରିବାର ପାଇଁ ୨୧,୫୦୦ କୋଟିରୁ ଅଧିକ ମୂଲ୍ୟର ଦାବି ସମାଧାନ କରାଯାଇଛି। ସେହିପରି ପିଏମଏସବିଓ୍ୱାଇ ଯୋଜନାରେ ୧.୮୪ ଲକ୍ଷରୁ ଅଧିକ ପରିବାର ପାଇଁ ପ୍ରାୟ ୩୬୭୦ କୋଟି ଟଙ୍କା ମୂଲ୍ୟର ଦାବି ସମାଧାନ କରାଯାଇଛି। ସେ କହିଛନ୍ତି "ଆମେ ଜନ ସୁରକ୍ଷା ଯୋଜନାର ୧୧ତମ ବାର୍ଷିକୀ ପାଳନ କରୁଥିବା ସମୟରେ, ମୁଁ ସମସ୍ତ ଅଂଶୀଦାରଙ୍କୁ, ବିଶେଷକରି ବ୍ୟାଙ୍କ ଏବଂ ବୀମା କମ୍ପାନୀର କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ମୋର ହୃଦୟର ସହିତ କୃତଜ୍ଞତା ଜଣାଉଛି। ସେମାନଙ୍କ ଉତ୍ସର୍ଗୀକୃତ ପ୍ରୟାସ ଏହି ଯୋଜନାଗୁଡ଼ିକୁ ଏକ ବଡ଼ ସଫଳତା ଆଣିଦେଇଛି"। ଏହି ଅବସରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି, "ଏହି ଯୋଜନାଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଗରିବରୁ ଅତିଗରିବ ଲୋକଙ୍କୁ ବୀମା କଭରେଜ୍ ଏବଂ ପେନସନ୍ ସହାୟତା ପ୍ରଦାନ କରିବା। ଏହି ଯୋଜନାଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ପଞ୍ଜୀକରଣ ଏବଂ ଦାବିର ଡିଜିଟାଇଜେସନ୍ ଏବଂ ସରଳୀକରଣ ଉପରେ ରହିଛି। ଅନଲାଇନ୍ ଜନ ସୁରକ୍ଷା ପୋର୍ଟାଲର ଶୁଭାରମ୍ଭ ନାଗରିକମାନଙ୍କୁ ବ୍ୟାଙ୍କ ଶାଖା କିମ୍ବା ଡାକଘରକୁ ନଯାଇ ସୁବିଧାଜନକ ଭାବରେ ପଞ୍ଜୀକରଣ କରିବା ସମ୍ଭବ କରିଛି। ଦାବି ପ୍ରକ୍ରିୟାର ଡିଜିଟାଇଜେସନ୍ ଦ୍ରୁତ ସମାଧାନ ସୁନିଶ୍ଚିତ କରିଛି, ଯାହା ଶୋକସନ୍ତପ୍ତ ପରିବାରକୁ ଜରୁରୀ ଆବଶ୍ୟକତା ସମୟରେ ସମୟୋଚିତ ସହାୟତା ପ୍ରଦାନ କରିଥାଏ।

## ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୫ ଘୋଷଣା

# ଓଡ଼ିଶା ୫ଟି ବର୍ଗରେ ପାଇବ ପୁରସ୍କାର

**ନୂଆଦିଲ୍ଲୀ** : ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୫ ଘୋଷଣା କରାଯାଇଛି । ବିଭିନ୍ନ ବର୍ଗରେ ପୁରସ୍କାର ପାଇଁ ଦେଶର ୪୨ଟି ପଞ୍ଚାୟତକୁ ମନୋନୀତ କରାଯାଇଛି । ଆସନ୍ତା ଜୁନ୍ ୩ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସମାରୋହରେ ପୁରସ୍କାର ବିତରଣ କରାଯିବ । ୯ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ମନୋନୀତ ପଞ୍ଚାୟତଗୁଡ଼ିକୁ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ବିକାଶ ପୁରସ୍କାର ଦିଆଯିବ । ୧୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ୩୪ଟି ପଞ୍ଚାୟତକୁ ତିନୋଟି ବର୍ଗରେ ଏହି ପୁରସ୍କାର ଦିଆଯିବ । ସେହିପରି ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ, ଶ୍ରେଷ୍ଠ ବ୍ଲକ୍ ପଞ୍ଚାୟତ ଏବଂ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ବର୍ଗରେ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ପ୍ରଦାନ କରାଯିବ ।ପୁରସ୍କାର ବିଜେତା ପଞ୍ଚାୟତଗୁଡ଼ିକୁ ପୁରସ୍କାର ରାଶି ସ୍ୱରୂପ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ପ୍ରଦାନ




କରାଯିବ । ଜାତୀୟ ପଞ୍ଚାୟତ ପୁରସ୍କାରରେ କର୍ଣ୍ଣାଟକ ସର୍ବାଧିକ ୬ଟି ପୁରସ୍କାର ପାଇବାକୁ ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ୫ଟି ଲେଖାଏଁ ବର୍ଗରେ ପୁରସ୍କୃତ ହେବେ। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ପୋଟଲମପୁର ପଞ୍ଚାୟତ ସୁସ୍ଥ ପଞ୍ଚାୟତ ଭାବେ ପୁରସ୍କୃତ ହେବାକୁ ମନୋନିତ ହୋଇଛି । ଏହି ପଞ୍ଚାୟତକୁ ତୃତୀୟ ବର୍ଗରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିବ । ଜଳ ସ୍ୱଚ୍ଛଳତା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକର ପଡୁଆ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯିବ । ସ୍ୱଚ୍ଛ ଏବଂ ସବୁଜ ପଞ୍ଚାୟତ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଥିବା ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକର ହାତୀବନ୍ଧ ପଞ୍ଚାୟତକୁ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ମିଳିବ । ଅନ୍ୟପଟେ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତ ସାମାଜିକ ନ୍ୟାୟ ଏବଂ ସାମାଜିକ ଦୃଷ୍ଟିରୁ ସୁରକ୍ଷିତ ପଞ୍ଚାୟତ ଭାବେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଏହି ପଞ୍ଚାୟତକୁ ମଧ୍ୟ ୩୭ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯିବ । ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ବର୍ଗରେ ଗଞ୍ଜାମ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଏହି ପୁରସ୍କାର ବାବଦରେ ଗଞ୍ଜାମକୁ ୩ କୋଟି ଟଙ୍କାର ପୁରସ୍କାର ମିଳିବ ।ଦେଶର ଗ୍ରାମାଞ୍ଚଳରେ ସମାବେଶୀ, ଅନ୍ତର୍ଭୂକ୍ତିମୂଳକ ଏବଂ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେବା ଲାଗି ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇ ଆସୁଛି । ଏହି ପୁରସ୍କାର ଜରିଆରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ପଞ୍ଚାୟତଗୁଡ଼ିକୁ ଜାତୀୟ ସ୍ତରର ମାନ୍ୟତା ଏବଂ ଆର୍ଥିକ ପ୍ରୋତ୍ସାହନ ମିଳିଥାଏ ।

## ଆଇପିଏଲ ମହାସମର

# ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଲା ଗୁଜରାଟ

ଜୟପୁର, ୯।୫(ଏଜେନ୍ସି): ଶୁଭମନ ଗିଲ ଓ ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକୀୟ ଇନିଂସ ତଥା ରସିଦ ଖାନଙ୍କ ୪ ୱିକେଟ୍ ସଫଳତାକୁ ଆଧାର କରି ଗୁଜରାଟ ଟାଇଟନ୍ସ ୭୭ ରନ୍ ବ୍ୟବଧାନରେ ରାଜସ୍ଥାନ ରୟାଲ୍ସକୁ ଧରାଶାୟୀ କରିଛି । ଆଇପିଏଲର ୫୨ ତମ ମ୍ୟାଚରେ ଗୁଜରାଟ ଟାଇଟନ୍ସ ବିଜୟ ଲାଭ କରି ୧୧ ମ୍ୟାଚରୁ ୧୪ ପଏଣ୍ଟ ସହ ଟେବୁଲ ଦ୍ୱିତୀୟ ସ୍ଥାନକୁ ଉଠିଛି । ଅନ୍ୟପକ୍ଷରେ ରାଜସ୍ଥାନ ରୟାଲ୍ସ ପଞ୍ଚମ ପରାଜୟ ସହ ପଞ୍ଚମ ସ୍ଥାନକୁ ଖସିଛି । ଏହି ମ୍ୟାଚରେ ଗୁଜରାଟ ଟାଇଟନ୍ସ ପ୍ରଥମ ବ୍ୟାଟିଂ କରି ୨୦ ଓଭରରେ ୪ ୱିକେଟ୍ ହରାଇ ୨୨୯ ରନ୍ କରିଥିଲା । ଜବାବରେ ରାଜସ୍ଥାନ ରୟାଲ୍ସ ୧୬.୩ ଓଭରରେ ୧୫୨ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଏହି ମ୍ୟାଚରେ ସମସ୍ତଙ୍କ ନଜର ରାଜସ୍ଥାନ ରୟାଲ୍ସର ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ଥିଲା । କାରଣ ବୈଭବ ପ୍ରାୟ ସବୁ ମ୍ୟାଚରେ କିଛି ନା କିଛି ରେକର୍ଡ କରୁଛନ୍ତି । ଯଶସ୍ୱୀ ଜୟସ୍ୱାଲଙ୍କ ସହ ବୈଭବ ପାଳି ଆରମ୍ଭ କରିଥିଲେ । ଯଶସ୍ୱୀ ମାତ୍ର ୩ ରନ୍ କରିଥିବା ବେଳେ ବୈଭବ ୧୬ ବଲରୁ ୩ଟି ଚୌକା ଓ ଛକା ମାରି ୩୬ ରନ୍ କରି ଆଉଟ୍ ହୋଇଥିଲେ । ୨୨୦ ରନର ବିଜୟଲକ୍ଷ୍ୟ ଏହି ଦୁଇ ୱିକେଟ୍ ପତନ ସହ ଦୂରେଇ ଯାଇଥିଲା । ଏହାପରେ ଧ୍ରୁବ ଜୁରେଲ ୨୪ ରନ୍, ସିମରନ ହେଟମେୟାର ୬ ରନ, ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ୨୫ ବଲରୁ ୩୮ ରନ, ଡୋନୋଭାନ ଫେରେଇରା ୪ ରନ, ଶୁଭମ ଦୁବେ ୧୫ ରନ କରିଥିଲେ । ଶେଷ ଭାଗରେ ଦଶନ ସନକା ଲଢ଼ି ଥିଲେ ମଧ୍ୟ ତାହା ଦଳ ପରାଜୟ ଟାଳିବାକୁ ଯଥେଷ୍ଟ ହୋଇନଥିଲା । ସନକା ୧୬ ରନ୍ କରିଥିଲେ । ସବୁଠୁ ଆକର୍ଷଣୀୟ ଥିଲା ରସିଦ ଖାନଙ୍କ ସ୍ପିନ ବୋଲିଂ । ସେ ୪ ଓଭର ପକାଇ ୩୩ ରନ ବେୟରେ ବହୁମୂଲ୍ୟ ୪ ୱିକେଟ୍ ଅକ୍ତିଆର କରିଥିଲେ । ତାଙ୍କ ବ୍ୟତୀତ ଦ୍ରୁତ କାଗିସୋ ରବାଡା ୨ଟି, ମହମ୍ମଦ ସିରାଜ ଗୋଟିଏ ତଥା ଜାଶନ ହୋଲ୍ଡରଙ୍କୁ ୩ ୱିକେଟ୍ ସଫଳତା ମିଳିଥିଲା ।

ଏହା ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୨୯/୪ ରନ୍ କରିଥିଲା । ଓପନର ସାଇ ସୁଦର୍ଶନ ୫୫ ରନ, ଅଧିନାୟକ ଶୁଭମନ ଗିଲ ୮୪ ରନ, ଜୋଶ ବଟଲର ୧୩, ୱାଶିଂଟନ ସୁନ୍ଦର ଅପରାଜିତ ୩୭, ଜାଶନ ହୋଲ୍ଡର ୭ ଓ ରାହୁଲ ତେୱାତିଆ ଅପରାଜିତ ୧୪ ରନ୍ କରିଥିଲେ । ବୋଲିଂରେ ରାଜସ୍ଥାନର ରାଜେଶ ଶର୍ମାଙ୍କୁ ସର୍ବାଧିକ ୨ ୱିକେଟ୍ ମିଳିଥିଲା ।

### ଆଜିର ମ୍ୟାଚ

- ଚେନ୍ନାଇ-ଲକ୍ଷ୍ନୌ
- ସ୍ଥାନ- ଚେନ୍ନାଇ
- ସମୟ- ଅପରାହ୍ଣ ୩.୩୦
- ବେଙ୍ଗାଲୁରୁ-ମୁମ୍ବାଇ
- ସ୍ଥାନ- ରାୟପୁର
- ସମୟ- ରାତି ୭.୩୦
- ପ୍ରସାରଣ- ଷ୍ଟାର ନେଟୱାର୍କ

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ସନରାଇଜର୍ସ | ୧୧ | ୭ | ୪ | ୧୪ |
| ଗୁଜରାଟ | ୧୧ | ୭ | ୪ | ୧୪ |
| ପଞ୍ଜାବ | ୧୦ | ୬ | ୩ | ୧୩ |
| ବେଙ୍ଗାଲୁରୁ | ୧୦ | ୬ | ୪ | ୧୨ |
| ରାଜସ୍ଥାନ | ୧୧ | ୬ | ୫ | ୧୨ |
| ଚେନ୍ନାଇ | ୧୦ | ୫ | ୫ | ୧୦ |
| କୋଲକାତା | ୧୦ | ୪ | ୫ | ୯ |
| ଦିଲ୍ଲୀ | ୧୧ | ୪ | ୭ | ୮ |
| ମୁମ୍ବାଇ | ୧୦ | ୩ | ୭ | ୬ |
| ଲକ୍ଷ୍ନୌ | ୧୦ | ୩ | ୭ | ୬ |

## ସିଏମ ଟ୍ରଫି ଜିଣିଲା ତାଳବାହାଳ ଟିମ



ଢେଙ୍କାନାଳ, ୯।୫(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ନରେନ୍ଦ୍ରପୁର ସ୍ଥିତ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ ତାଳବାହାଲ ଗ୍ରାସରୁଟ୍ ଭଲିବଲ୍ କେନ୍ଦ୍ରର ୧୪ ବର୍ଷରୁ କମ୍ ବାଳିକା ଟିମ୍ ଅନୁଗୋଳ ଜିଲ୍ଲା ସିଏମ ଟ୍ରଫି ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ୍ ହୋଇଛି ।ଚଳିତ ମାସ ୬ ଏବଂ ୭ ତାରିଖରେ ଅନୁଗୋଳ ଷ୍ଟାଡିୟମଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବାଳିକା ଦଳ ଜିଲ୍ଲାସ୍ତରୀୟ ଟ୍ରଫି ହାସଲ କରିଥିବାବେଳେ, ବାଳକ ଦଳ ସେମିଫାଇନାଲ ପର୍ଯ୍ୟନ୍ତ ଯିବାରେ ସଫଳ ହୋଇଥିଲେ ।ଏହି ପ୍ରତିଯୋଗିତାରେ ତାଳବାହାଲ କେନ୍ଦ୍ରରୁ ମୋଟ ୨୨ ଜଣ ଖେଳାଳି ୧୨ ପୁଅ ଏବଂ ୧୦ ଝିଅ ଅଂଶଗ୍ରହଣ କରିଥିଲେ । ସେମାନଙ୍କର ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ଆଧାରରେ ୧୦ ଜଣ ଖେଳାଳିଙ୍କୁ ଆଗାମୀ ରାଜ୍ୟସ୍ତରୀୟ ଚାମ୍ପିଅନସିପ୍ ପାଇଁ ଅନୁଗୋଳ ଜିଲ୍ଲା ଦଳରେ ଚୟନ କରାଯାଇଛି ।ସେମାନଙ୍କ ମଧ୍ୟରେ ଶିବାନନ୍ଦ ନାଏକ, ସମୀର ନାଏକ ବାଳକ ଟିମ୍‌ରେ ରହିଥିବା ବେଳେ ବାଳିକା ଟିମ୍‌ରେ ରୁପାଲୀ ନାଏକ, ମିକି ନାଏକ, ସ୍ୱର୍ଣ୍ଣପ୍ରଭା ନାଏକ, ସାୟନୀ ନାଏକ, ଶିବାନୀ ନାଏକ, ମିରାଲି ନାଏକ, ସୁଭଶ୍ରୀ ନାଏକ ଏବଂ ସୋନାଲୀ ପ୍ରିୟଦର୍ଶିନୀ ନାଏକ ସାମିଲ ହୋଇଛନ୍ତି । ଟୁର୍ଣ୍ଣାମେଣ୍ଟରେ ଅନୁଗୋଳ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ପୂର୍ବତନ ଜାତୀୟ ଭଲିବଲ୍ ଖେଳାଳି ଶରତ ଚନ୍ଦ୍ର ପାଇ ଏବଂ ଅନୁଗୋଳ ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ଡକଫର ଗୌରଗୋବିନ୍ଦ ସାମନ୍ତ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

# ସ୍କ୍ୱାଶ କ୍ରୀଡାର ଦ୍ରୋଣାଚାର୍ଯ୍ୟ ଗୌତମ

ସାରାଦେଶରେ କ୍ରୀଡାକ୍ଷେତ୍ର ପ୍ରଶସ୍ତ ରହିଛି । ବିଗତ କିଛି ବର୍ଷ ପୂର୍ବେ ସ୍କ୍ୱାଶ କ୍ରୀଡା ବି କାୟାବିସ୍ତାର କରିଥିଲା । ଏସିଆନ୍ ଗେମ୍ସରୁ ଆରମ୍ଭ କରି ରାଜ୍ୟଗୋଷ୍ଠୀ କ୍ରୀଡା ତଥା କ୍ରୀଡାର ମହାକୁମ୍ଭ ଅଲିମ୍ପିକ୍ସରେ ବି ସ୍ଥାନ ପାଇଛି ସ୍କ୍ୱାଶ । ଯେତେବେଳେ ଦୀପିକା ପାଲିକଲ, ଜ୍ୟୋତ୍ସ୍ନା ଚିନାପ୍ପା, ସୌରଭ ଘୋଷାଲ ଖେଳୁଥିଲେ, ସେତେବେଳେ ଭାରତୀୟ ସ୍କ୍ୱାଶ ସଫଳତାର ଶିଖର ଛୁଇଁ ଥିଲା । ଅଧୁନା ସ୍କ୍ୱାଶ ଯେପରି ତାର ଚମକ ହରାଇ ବସିଛି । ଏସବୁ ଭିତରେ ସ୍କ୍ୱାଶ କ୍ରୀଡା ପୂର୍ବ ଗୌରବ ଫେରିପାଇବାକୁ ସଂଘର୍ଷ କରୁଛି । ଖେଳାଳିରୁ କୋଚ୍ ବନିଥିବା ସ୍କ୍ୱାଶ କ୍ରୀଡାର ଦ୍ରୋଣାଚାର୍ଯ୍ୟ ଭାବେ ଜଣାଶୁଣା ଗୌତମ ଦାସ ଭାରତୀୟ କ୍ରୀଡା ଦୁନିଆରେ ଜଣେ ସଫଳ ବ୍ୟକ୍ତିତ୍ୱ । ନିଜ ସାଧନା, ସଙ୍କଳ୍ପ, ପରିଶ୍ରମ, ଶୃଙ୍ଖଳିତ ଆଭିମୁଖ୍ୟ ପାଇଁ ପ୍ରସିଦ୍ଧି ପାଇଥିବା ଏହି କ୍ରୀଡାବିତ୍ ଏବେ ସ୍କ୍ୱାଶ ଜଗତରେ ଓଡ଼ିଶାକୁ ନେଇ ମେଞ୍ଚାଏ ସ୍ୱପ୍ନ ଦେଖିଛନ୍ତି । ଜନ୍ମଭୂମିକୁ କର୍ମଭୂମି କରିବା ଲାଗି ଆଗେଇ ଆସିଛନ୍ତି ଗୌତମ । ତାଙ୍କର ଗୋଟିଏ ସଙ୍କଳ୍ପ ଓଡ଼ିଶାରେ ଗଢ଼ିବେ ଭାରତର ସବୁଠୁ ବଡ଼ ସ୍କ୍ୱାଶ ଏକାଡେମୀ । **କୋଚ୍ ଗୌତମଙ୍କ ସହ ସମୟର କ୍ରୀଡା ସାମ୍ବାଦିକ ଶକ୍ତି ପ୍ରକାଶ ନନ୍ଦଙ୍କ ସ୍ୱତନ୍ତ୍ର ସାକ୍ଷାତକାର ।**

- ଓଡ଼ିଶାରେ ସବୁଠୁ ବଡ଼ ସ୍କ୍ୱାଶ ଏକାଡେମୀ କରିବାକୁ ଲକ୍ଷ୍ୟ
- ଖେଳାଳି ଗଢୁଛନ୍ତି ଗୌତମ
- ଓଡ଼ିଶାରୁ ଆରମ୍ଭ ହେବ ସ୍କ୍ୱାଶ ଅଭିଯାନ
- ସ୍କ୍ୱାଶରେ ହେବ ଓଡ଼ିଆଙ୍କ ଆଧିପତ୍ୟ
- ପୂର୍ବାଞ୍ଚଳରେ ଓଡ଼ିଶା ହେବ ସ୍କ୍ୱାଶ ବିକାଶର ହବ୍




**ପ୍ରଶ୍ନ:- ଆପଣ ପ୍ରଥମ ଜଣେ ଖେଳାଳି ତା ପରେ କୋଚ୍ ? କେବେଠୁ ଯାତ୍ରା ଆରମ୍ଭ ହୋଇଥିଲା ।**

ଉ:- ମୋତେ ଯେତେ ବେଳେ ୭ ବର୍ଷ ହୋଇଥିଲା ସେବେଠାରୁ ସ୍କ୍ୱାଶ ଖେଳିବା ଆରମ୍ଭ କରିଥିଲି । ଜନ୍ମ କେନ୍ଦ୍ରାପଡ଼ାରେ କିନ୍ତୁ ଓଡ଼ିଶା କ୍ରୀଡା ଜଗତରେ ମୁଁ କମ୍ ପରିଚିତ । କିନ୍ତୁ ବିଦେଶରେ ସ୍କ୍ୱାଶକୁ ନେଇ ପରିଚୟ ପାଇଛି । ୨୬ ବର୍ଷ ପର୍ଯ୍ୟନ୍ତ ମୁଁ ପେସାଦାର ସ୍କ୍ୱାଶ ଖେଳୁଥିଲି । ବ୍ୟାକ ଇଞ୍ଜୁରୀ କାରଣରୁ ସ୍କ୍ୱାଶ ଖେଳରୁ ୨୦୦୫ରେ ଅବ୍ୟାହତି ନେବାକୁ ପଡିଥିଲା । ସ୍କ୍ୱାଶ କ୍ରୀଡା ଖୁବ୍ ବ୍ୟୟ ସାପେକ୍ଷ । ମୁଁ ମଧ୍ୟବିତ ପରିବାରରୁ ଆସିଛି । ତଥାପି ମୋ ବାପା ମୋତେ ସ୍କ୍ୱାଶ ଖେଳିବା ପାଇଁ ଆର୍ଥିକସ୍ତରରେ ଦୃଢ଼ ସମର୍ଥନ ଦେଇଥିଲେ । କୋଚ ହେବା ପାଇଁ ଇଂଲଣ୍ଡରୁ ପ୍ରଶିକ୍ଷକ ଟ୍ରେନିଂ ନେଇଛି । ସାର୍ଟିଫିକେଟ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିଲି । ଅଷ୍ଟ୍ରେଲିଆ, ମାଲେସିଆରୁ ପ୍ରଶିକ୍ଷକ ପାଠ୍ୟକ୍ରମର ଡିଗ୍ରୀ ହାସଲ କରିଥିଲି । ୨୦୦୭ରୁ ପ୍ରଶିକ୍ଷଣ ଧାରା ଆରମ୍ଭ ହୋଇଥିଲା । ଏଯାଏ ଜାରି ରହିଛି । ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ଭାରତୀୟ ଦଳକୁ ପ୍ରଶିକ୍ଷଣ ଦେବାଲାଗି ଅଫର ଆସିଥିଲା । ସେହିଠୁ ବଦଳି ଥିଲା ମୋ ଜୀବନର ଖେଳାଳିରୁ ପ୍ରଶିକ୍ଷକ ଧାରା ।

**ପ୍ରଶ୍ନ:- ଜଣେ ପ୍ରଶିକ୍ଷକ ଭାବେ ଭାରତୀୟ ସ୍କ୍ୱାଶକୁ କିଭଳି ଦେଖିବାକୁ ଚାହାଁନ୍ତି ?**

ଉ:- ଭାରତୀୟ ସ୍କ୍ୱାଶ ବିଶ୍ୱସ୍ତରରେ ନଂ.୧ ହେଉ । ସ୍କ୍ୱାଶ ପାଇଁ ପ୍ରସିଦ୍ଧି ଲାଭ କରିଛି ଇଜିପ୍ଟ । ତେଣୁ ଭାରତକୁ ଇଜିପ୍ଟ ଭଳି ସ୍କ୍ୱାଶରେ ସ୍ୱୟମ୍ ସମ୍ପୂର୍ଣ୍ଣ କରିବାକୁ ହେଲେ ଆଗାମୀ ୫/୭ ବର୍ଷ ମଧ୍ୟରେ ତୃଣମୂଳସ୍ତରକୁ ମଜଭୂତ କରିବାକୁ ହେବ । ଜେନେରେସନ ମଧ୍ୟରେ ଦୂରତାକୁ କମାଇବାକୁ ହେବ । ଦେଶର ଏକାଧିକ ରାଜ୍ୟ ମଧ୍ୟ ସ୍କ୍ୱାଶ ଖେଳାଳିଙ୍କୁ ସମର୍ଥନ କଲେଣି । ମୋର ଗୋଟିଏ ସ୍ୱପ୍ନ ଅନ୍ତର୍ଜାତୀୟ ସ୍କ୍ୱାଶରେ ଭାରତର ଆଧିପତ୍ୟରେ ଓଡ଼ିଆ ଖେଳାଳି ଅଂଶ ହୁଅନ୍ତୁ ।

**ପ୍ରଶ୍ନ:- ସବୁ କ୍ରୀଡାକୁ ରାଜ୍ୟ ସରକାରଙ୍କ ସମର୍ଥନ ରହିଛି । ସ୍କ୍ୱାଶର ଉନ୍ନତୀ ପାଇଁ ରାଜ୍ୟ ସରକାରଙ୍କ ଠାରୁ କଣ ଆଶା କରିବେ ?**

ଉ:- ରାଜ୍ୟ ସରକାର ପ୍ରାୟ ସମସ୍ତ କ୍ରୀଡାକୁ ସହାୟତା ଦେଇଛନ୍ତି । କ୍ରୀଡାର ଅଗ୍ରଗତି ପାଇଁ ସାରା ରାଜ୍ୟ ତଥା କଳିଙ୍ଗ ଷ୍ଟାଡିୟମରେ ଉଚ୍ଚମାନର କ୍ରୀଡା ପ୍ରଶିକ୍ଷଣ କେନ୍ଦ୍ର ରହିଛି । ସ୍କ୍ୱାଶ କ୍ରୀଡାକୁ ରାଜ୍ୟ ସରକାରଙ୍କୁ ସମର୍ଥନ ଲୋଡା । ପୂର୍ଣ୍ଣ ସରକାରୀ ସମର୍ଥନ ମିଳିଲେ ସ୍କ୍ୱାଶର ବିକାଶ ସମ୍ଭବ ହୋଇପାରିବ । ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୪ଟି ସ୍କ୍ୱାଶ କୋଟରେ ବ୍ୟବସ୍ଥା କରନ୍ତୁ । ସରକାରଙ୍କ ସହ ମୁଁ ମିଳିତ ଭାବେ ସ୍କ୍ୱାଶକୁ ଆଗେଇ ନେବାକୁ ପ୍ରସ୍ତୁତ ଅଛି । ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ସହ ଟୁର୍ଣ୍ଣାମେଣ୍ଟ ଆୟୋଜନ ମଧ୍ୟ ଲକ୍ଷ୍ୟ ରହିଛି । ସ୍କ୍ୱାଶର କୋଚ ଖୁବ କମ ଅଛନ୍ତି । କୋଚଙ୍କ ସଂଖ୍ୟା ବଢ଼ିଲେ ଆପେ ଆପେ ଖେଳାଳିଙ୍କ ସଂଖ୍ୟା ବଢ଼ିବ । ରାଜ୍ୟ ସରକାରଙ୍କ ପୂର୍ଣ୍ଣ ସମର୍ଥନ ହିଁ ସ୍କ୍ୱାଶର ଉତ୍ଥାନ ସମ୍ଭବ ହୋଇପାରିବ ।

**ପ୍ରଶ୍ନ: ଓଡ଼ିଶା ସ୍କ୍ୱାଶ ପାଇଁ ଆପଣଙ୍କ ସ୍ୱପ୍ନ ?**

ଉ:- ଓଡ଼ିଶାରେ ସବୁଠୁ ବଡ଼ ସ୍କ୍ୱାଶ ଏକାଡେମୀ କରିବାକୁ ମୋର ସ୍ୱପ୍ନ । ବିଭିନ୍ନ କ୍ରୀଡାରେ ହାଇପରଫରମାନ୍ସ ସେଣ୍ଟର ଭଳି ସ୍କ୍ୱାଶ ସେଣ୍ଟରର ଆବଶ୍ୟକତା ରହିଛି ଓଡ଼ିଶାରେ । ଖାସ କରି କଳିଙ୍ଗ ଷ୍ଟାଡିୟମରେ । ଏଥିପାଇଁ ସରକାରଙ୍କ ପୂର୍ଣ୍ଣ ସହାୟତାର ଆବଶ୍ୟକତା ରହିଛି ।

**ପ୍ରଶ୍ନ:- ସ୍କ୍ୱାଶ ଖେଳ କେତେ ମହଙ୍ଗା ?**

ଉ:- ଗୋଟିଏ ସ୍କ୍ୱାଶ କୋର୍ଟ୍ ତିଆରି କରିବାକୁ ଅତିକମ୍‌ରେ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୁଏ । ସ୍କ୍ୱାଶ ର୍ୟାକେଟର ଦାମ୍ ୪,୫୦୦ରୁ ୧୪ ହଜାର ଟଙ୍କା ପର୍ଯ୍ୟନ୍ତ ଏବଂ ବଲର ଦାମ ୨୫୦ ଟଙ୍କାରୁ ଆରମ୍ଭ । ବ୍ୟାଡ଼ମିଣ୍ଟନ ଓ ଟେନିସରେ ଖେଳାଳି ବ୍ୟବହାର କରୁଥିବା ଜୋତା ମଧ୍ୟ ସ୍କ୍ୱାଶ କୋଟ୍ ପାଇଁ ପ୍ରଯୁଜ୍ୟ । ଜୋତାର ଦାମ ୪,୫୦୦ରୁ ୨୦,୦୦୦ ହଜାର ମଧ୍ୟରେ ।

**ପ୍ରଶ୍ନ:- ପିଲାଙ୍କୁ ସ୍କ୍ୱାଶ ପ୍ରତି କିଭଳି ଆଗ୍ରହ ଜନ୍ମାଇବା ?**

ଉ:- ପିଲାଙ୍କୁ ସ୍କ୍ୱାଶ ପ୍ରତି ମୋଟିଭେଟ୍ କରିବା ପାଇଁ ହେଲେ ଆମକୁ ଖେଳ ଦେଖାଇବାକୁ ପଡିବ । ଯେଭଳି କ୍ରିକେଟ/ହକି/ଫୁଟବଲ ମ୍ୟାଚ ଟିଭିରେ କିମ୍ବା ଷ୍ଟାଡିୟମରେ ଦର୍ଶକ ଦେଖୁଛନ୍ତି, ସେହିଭଳି ସ୍କ୍ୱାଶ ଖେଳର ମ୍ୟାଚ ମଧ୍ୟ ପ୍ରସାରଣ ହେବ ଦରକାର । ସ୍କ୍ୱାଶର ବଡ଼ ପ୍ରତିଯୋଗିତାର ପ୍ରସାରଣ ହେଉ ନାହିଁ । ସ୍କ୍ୱାଶ ର୍ୟାକେଟ୍ ଫେଡେରେସନ ଅଫ୍ ଇଣ୍ଡିଆ ଏବେ ସ୍କ୍ୱାଶ ଖେଳର ସିଧାପ୍ରସାରଣ ୟୁଟ୍ୟୁବ ମାଧ୍ୟମରେ କରାଉଛି । ସୋସିଆଲ ମିଡ଼ିଆରେ ମଧ୍ୟ ସ୍କ୍ୱାଶର କଳାକୌଶଳ ଅପଲୋଡ କରାଯାଉଛି । ପିଲାମାନେ ୟୁଟ୍ୟୁବ ଦେଖି ସ୍କ୍ୱାଶ ପ୍ରାରମ୍ଭିକ ସୋପାନ ଶିଖନ୍ତୁ ।

**ପ୍ରଶ୍ନ:- ସ୍କ୍ୱାଶ କ୍ରୀଡା ପାଇଁ ସ୍ୱତନ୍ତ୍ର କୋଟ୍ ଆବଶ୍ୟକ ? କୋଟ୍ ନଥିଲେ ପିଲା କେଉଁଠି ଅଭ୍ୟାସ କରିବେ ।**

ଉ:- କ୍ରୀଡାମନ୍ତ୍ରୀଙ୍କୁ ସାକ୍ଷାତ କରି ଏଦିଗରେ ଦୃଷ୍ଟି ଆକର୍ଷଣ କରିବି । ଯେଉଁଠୁ ଯେଉଁଠି ସ୍କ୍ୱାଶ କୋଟ୍ ଅଛି ସେଗୁଡିକର ଉନ୍ନତୀକରଣ ପାଇଁ ଚେଷ୍ଟା କରିବି । ଯେପରି ଜଣେ ସାଧାରଣ ବର୍ଗର ପିଲା । କିଛି ଟଙ୍କା ଦେଇ ଖେଳିପାରିବେ । ସରକାରୀ ସହାୟତା ବିନା ସବୁ ଚେଷ୍ଟା ଅସମ୍ଭବ । ବିଗତ ୨ ବର୍ଷ ହେବ ସ୍କ୍ୱାଶର ବିକାଶ ପାଇଁ ବ୍ୟାପକ କ୍ୟାମ୍ପର ଆୟୋଜନ ହୋଇଛି । ଏସବୁ ନିଶୁଳ୍କ । ଆମେ ଖେଳାଳିଙ୍କୁ ର୍ୟାକେଟ, ବଲ ଓ କୋଟ୍ ଯୋଗାଇ ଦେଇ ସ୍କ୍ୱାଶର କଳାକୌଶଳ ଶିଖାଉଛୁ ।

**ପ୍ରଶ୍ନ:- ଆପଣ ଓଡ଼ିଶାର, ଓଡ଼ିଶାରେ ପ୍ରାୟତଃ ସ୍କ୍ୱାଶ ନାହିଁ କହିଲେ ଚଳେ ? କିଭଳି ସ୍କ୍ୱାଶର ଉତ୍ଥାନ ହୋଇପାରିବ ।**

ଉ:- ଓଡ଼ିଶାରେ ସ୍କ୍ୱାଶକୁ ମୁଖ୍ୟ ସ୍ରୋତକୁ ଆଣିବାକୁ ହେଲେ ତୃଣମୂଳସ୍ତରରୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ହେବ । ବଡ଼ ପିଲାଙ୍କୁ ନେଇ ଖେଳାଇବା ସମ୍ଭବ ନୁହେଁ । କାରଣ ସେମାନେ ବଡ଼ ହେବ ସହ ଅନ୍ୟାନ୍ୟ କ୍ରୀଡାରେ ମନୋନିବେଶ କରିସାରିଛନ୍ତି । ମୁଁ ଏବେ ସ୍କୁଲ ଗୁଡିକୁ ଟାର୍ଗେଟ କରୁଛି । ୫ ରୁ ୬ ବର୍ଷର ସ୍କୁଲ ପିଲାଙ୍କୁ ଚୟନ କରି ଆଗାମୀ ୫ ବର୍ଷ ଭିତରେ ପ୍ରଶିକ୍ଷଣ ଦେଇ ସ୍କ୍ୱାଶ ପ୍ରଥମ ଚରଣ ୧୧ ବର୍ଷରୁ କମ୍ ବର୍ଗରେ ଖେଳାଇବା ମୋର ଲକ୍ଷ୍ୟ ରହିଛି । ଛୋଟ ଛୋଟ କ୍ୟାମ୍ପ ଆୟୋଜନ କରୁଛୁ । ବିଭିନ୍ନ ସ୍କୁଲକୁ ଯାଉଛୁ । ସାଇ ଇଣ୍ଟରନ୍ୟାସନାଲ ଭଳି ସ୍କୁଲରେ ସ୍କ୍ୱାଶ କୋଟ୍ ରହିଛି । ଏହା ବେଶ ଉପଯୋଗୀ ସାବ୍ୟସ୍ତ ହେବ । ରାଜ୍ୟ ସଂଘର କର୍ମକର୍ତ୍ତାଙ୍କ ସହ ମିଶି ଆମେ ଅଭିଯାଗ



ଆରମ୍ଭ କରିଛୁ । ଦେଶର ପୂର୍ବାଞ୍ଚଳରେ ସ୍କ୍ୱାଶ କ୍ରୀଡାର ଉତ୍ଥାନ ପାଇଁ ମୋତେ ଜାତୀୟ ଦାୟିତ୍ୱ ମିଳିଛି । ରାଜ୍ୟ ସଂଘର ନିରନ୍ତର ସହଯୋଗ ସ୍ୱରୂପ ପ୍ରଥମ ସ୍କ୍ୱାଶ ପ୍ରତିଯୋଗିତା ଆୟୋଜନ ହୋଇପାରିଛି ।

**ପ୍ରଶ୍ନ:- ଭାରତୀୟ ସ୍କ୍ୱାଶର ଉତ୍ଥାନପତ୍ତନ ଧାରାକୁ ଆପଣ କେମିତି ଦେଖୁଛନ୍ତି ?**

ଉ:- ଦୀପିକା, ଜ୍ୟୋତ୍ସ୍ନା, ସୌରଭ ଦେଶ ପାଇଁ ଢ଼େର ସଫଳତା ଆଣିଛନ୍ତି । ଆମ ଯୁବବର୍ଗ ମଧ୍ୟ ବିଗତ ଦୁଇ ବର୍ଷ ହେବ ଭଲ କରୁଛନ୍ତି । ତାମିଲନାଡୁର ଅଭୟ ସିଂ ଓ ଦିଲ୍ଲୀର ଅନାହତ ସିଂ ସ୍କ୍ୱାଶର ନୂଆ ସମ୍ଭାବନା । ଅନାହତଙ୍କୁ ମାତ୍ର ୨୦ ବର୍ଷ । ସେ ବିଶ୍ୱ ମାନ୍ୟତାର ୨୦ତମ ର୍ୟାଙ୍କରେ ପ୍ରବେଶ କରିସାରିଛନ୍ତି । ପୂର୍ବରୁ ପେସାଗତ ସ୍କ୍ୱାଶରେ ୪/୬ ଜଣ ଭାରତୀୟ ଖେଳୁଥିଲେ । ଅଧୁନା ବିଶ୍ୱସ୍ତରରେ ଭାରତୀୟ ଖେଳାଳିଙ୍କ ସଂଖ୍ୟା ୨୦ରୁ ଅଧିକ ରହିଛି । ଖେଳାଳିଙ୍କ ପ୍ରଦର୍ଶନ ପଛରେ ସରକାର ତଥା କ୍ରୀଡା ବିଭାଗର ସହଯୋଗ ପ୍ରଶଂସନୀୟ ଆଶା ରହିଛି । ଆଗାମୀ ଦିନରେ ସ୍କ୍ୱାଶ ତାର ପୁଣି ତାର ପୂର୍ବଗୌରବ ଫେରିପାଇବ ବୋଲି ମୋର ଆଶା ।

# ପ୍ରଥମ ରାଜ୍ୟ ସ୍କ୍ୱାଶ ମିଟ୍: ସେମି ଲାଇନଅପ୍ ଚୂଡାନ୍ତ

ଭୁବନେଶ୍ୱର, ୯।୫(ସବ୍ୟୁ): ରାଜଧାନୀ ଭୁବନେଶ୍ୱରର ନୂଆପଲ୍ଲୀ ଅଞ୍ଚଳରେ ଥିବା ପୁରୁଣାରାଜ କ୍ରୀଡ଼ା ନିର୍ଦ୍ଦେଶାଳୟ ଅଫିସ ପରିସରରେ ଥିବା ସ୍କ୍ୱାସକୋର୍ଟରେ ପ୍ରଥମ ରାଜ ସ୍କ୍ୱାସ ପ୍ରତିଯୋଗିତା ଜାରିରହିଛି । ଶନିବାର ଦିନ ସକାଳ ୯ଟାରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତାର ପ୍ରଥମ ଦିନରଖେଳ ଅପରାହ୍ନ ପର୍ଯ୍ୟନ୍ତ ଜାରିରହିଥିଲା ।ସେମିଫାଇନାଲ ଲାଇନ ଅଫ ଚୂଡାନ୍ତ ହୋଇଛି । ରବିବାର ପ୍ରତିଯୋଗିତାର ଉଦଯାପନୀ ଦିବସରେ ସେମିଫାଇନାଲ ଓ ଫାଇନାଲ ଖେଳାଯିବ ।ପୁରୁଷ ପ୍ରତିଯୋଗିତାରେ ସେମିଫାଇନାଲକୁ ଉଠିଛନ୍ତି । ଉପେନ୍ଦ୍ର ଭଦେଓ, ମେହୁଲ ରାଠୋର, ଅନ ପଟ୍ଟନାୟକ ଏବଂ ରୋଶନ ମିଶ୍ର । ଭଦେଓ ଶ୍ରେୟାନଙ୍କୁ ୧୧-୩ ଓ ୧୧-୩ରେ ପରାଜିତ କରିଛନ୍ତି । ସେହିପରି ସୂର୍ଯ୍ୟୋବରୁଣଙ୍କୁ ୧୧-୫ ଓ ୧୧-୬ରେ ହରାଇଥିଲେ ମେହୁଲ ।ଅଭିଷେକଶର୍ମାଙ୍କୁ ୧୧-୨ ଓ ୧୧-୫ରେ ରୋଶନ ପରାଜିତ କରିଥିଲା ବେଳେ ଶ୍ରୀୟାଂଶଙ୍କୁ ୧୧-୮ ଓ ୧୧-୮ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଅନ ପଟ୍ଟନାୟକ ପରାଜିତ କରି ସେମିକୁ ଉଠିଛନ୍ତି ।୩୫ ବର୍ଷରୁ ଉର୍ଦ୍ଧ୍ୱ ବୟସ ବର୍ଗରେ ରାଜ ସଂଘର ଉପସଭାପତି ନଫିସ ସୟିଦ ସେମିକୁ ଉଠିଛନ୍ତି । ଲଳିତ ଭାସ୍କରକୁ ୧୧-୫ ଓ ୧୧-୬ରେ ହରାଇ । ଶୁଭେନ୍ଦ୍ର ପୃଷ୍ଟି ୧୧-୪ ଓ ୧୧-୨ରେ କବୀରଙ୍କୁ ପରାଜିତ କରିଥିଲା ବେଳେ ଅନ ପଟ୍ଟନାୟକ ମେହୁଲରାଠୋର ମଧ୍ୟ ଜିତିଛନ୍ତି । ନିଜ ନିଜମାଚ ଓ ସେମିରେ ପ୍ରବେଶ କରିଛନ୍ତି ।

ଶନିବାର ଦିନ ସକାଳେ ଓଡ଼ିଶା ରାଜ ସ୍କ୍ୱାଶ ପ୍ରତିଯୋଗିତା ଉଦଘାଟିତ ହୋଇଥିଲା । ମୁଖ ଅତିଥି ଭାବେ ଓଡ଼ିଶା ଅଲିମ୍ପିକ ସଂଘ ସାଧାରଣ ସମ୍ପାଦକ ଅଭିଜିତ ପାଲ, ସମ୍ମାନିତ ଅତିଥି ଭାବେ ଜଣାଶୁଣା ଫିଜିଓ ମୁକ୍ତି ପ୍ରସାଦ ଦାଶ ଓ କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ର ଉତ୍ସବରେ ଯୋଗ ଦେଇ ପ୍ରତିଯୋଗିତାର ଆରମ୍ଭ କରାଇଥିଲେ । ତାଙ୍କ ଅଭିଭାଷଣରେ ଅଭିଜିତ ପାଲ କହିଥିଲେ ଯେ ଓଡ଼ିଶା ସରକାରଙ୍କ ସହଯୋଗ ମିଳିଲେ ନିଶ୍ଚିତ ଭାବରେ ସ୍କ୍ୱାଶର ପ୍ରସାର ସାରାରାଜ୍ୟରେ ଦ୍ରୁତଗତିରେ ହୋଇପାରିବ । ଅତିଥିମାନେ ଗୋଟିଏ ରାଉଣ୍ଡ ସ୍କ୍ୱାଶ ମଧ୍ୟ ଖେଳିଥିଲେ କୋର୍ଟରେ । ଉଦଘାଟନୀ ଉତ୍ସବରେ ରାଜ ସଂଘର ଉପସଭାପତି ନଫିସସୟିଦ, ବିଶିଷ୍ଟ କୋଚ ଗୌତମ ଦାସ ଏବଂ ସଂଘର ସଦସ ଅସିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସେମିଫାଇନାଲ ପୂର୍ବରୁ ରବିବାର ଦିନ ମହିଳା ପ୍ରତିଯୋଗିତାମାନ ଅନୁଷ୍ଠିତହେବ ।

**ଚର୍ଚ୍ଚାରେ କୁନି ଖେଳାଳି**

ରାଜ୍ୟର ଏହା ପ୍ରଥମ ସ୍କ୍ୱାସ ପ୍ରତିଯୋଗିତା ହୋଇଥିଲାବେଳେ ପ୍ରଥମ ଦିନ ସକାଳୁ ବହୁସଂଖ୍ୟକ ଆଗ୍ରହୀ ଲୋକେ ମ୍ୟାଚ ଖେଳିବାକୁ ଉପସ୍ଥିତ ହୋଇଥିଲେ । ସେମାନଙ୍କ ମଧ୍ୟରେ ସାମିଲ ଥିଲେ ଜଣେ କୁନି ଖେଳାଳି ପରିନିଷ୍ଠା । ସେ ପୂର୍ଣ୍ଣଭାବରେ ପ୍ରସ୍ତୁତହୋଇ ପିତାଙ୍କ ସହ ଆସିଥିଲେ କୋର୍ଟକୁ ।ନାଁ ତାଙ୍କର ପରିନିଷ୍ଠା ଓ ବୟସ ତାଙ୍କର କେବଳ ସାଢେ ୪ବର୍ଷ ।ସେ କୋର୍ଟ ଭିତରକୁ ଯାଇଖେଳିବା ପାଇଁ ଜିଗର କରୁଥିଲେ । ତାଙ୍କ ବୟସ ବର୍ଗର କୌଣସି ପ୍ରତିଯୋଗିତା ନଥିଲେ ମଧ୍ୟ ଆୟୋଜକମାନେ ତାଙ୍କୁ କିଛି ସମୟଛାଡି ଥିଲେ କୋର୍ଟ । ଆଉ ପିଲାଟିର ଆଗ୍ରହ ଓ ନିଷ୍ଠା ଦେଖି ଓଡ଼ିଶା ସ୍କ୍ୱାଶର ଭବିଷତ ଯେ ଖୁବ ଉଜ୍ଜ୍ୱଳମୟ ହେବାକୁ ଯାଉଛି ତାହା ବୁଝି ହେଉଥିଲା ।

## ଓଡିଶା ଲାକ୍ରୋସ୍ ଦଳର ହିମାଚଳ ପ୍ରଦେଶ ଯାତ୍ରା

# ହିମାଚଳ ଯାତ୍ରା କଲା ୨୨ ଜଣିଆ ଓଡ଼ିଶା ଦଳ



ଭୁବନେଶ୍ୱର, ୯।୫(ସବ୍ୟୁ): ହିମାଚଳ ପ୍ରଦେଶର ସୁନ୍ଦର ନଗରଠାରେ ଆୟୋଜିତ ହେବାକୁ ଥିବା ୩ୟ ଫେଡେରେସନ କପ୍ ଲାକ୍ରୋସ୍ ଚାମ୍ପିଅନସିପର ଭାଗ ନେବା ପାଇଁ ଓଡ଼ିଶା ଦଳ ଯାତ୍ରା କରିଛି । ଆସନ୍ତା ମେ' ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶାରୁ ମୋଟ ୨୨ ଜଣିଆ ସଦସ୍ୟ ବିଶିଷ୍ଟ ଏକ ପ୍ରତିନିଧି ଦଳ ହିମାଚଳ ପ୍ରଦେଶ ଅଭିମୁଖେ ବାହାରିଛନ୍ତି । ଏହି ଦଳରେ ୧୯ ଜଣ ବାଳକ ଓ ବାଳିକା ଖେଳାଳି ସାମିଲ ଥିବାବେଳେ କୋଚ୍ ସଂଜୀବ କୁମାର ନାୟକ ଓ ମ୍ୟାନେଜର ଦେବାମୃତ ସାହୁ ଅଫିସିଆଲ୍ ଭାବେ ଦଳରେ ସାମିଲ ଅଛନ୍ତି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଚୟନ ହୋଇଥିବା ଏହି ଖେଳାଳିମାନେ ଗତ କିଛି ଦିନ ହେବ କଠିନ ଅଭ୍ୟାସ ଜାରି ରଖିଥିଲେ । ଚଳିତ ବର୍ଷ ଓଡ଼ିଶା ଦଳ ଏହି ଚାମ୍ପିଅନସିପ ପଦକ ହାସଲ କରିବା ନେଇ ଆଶାବାଦୀ ଅଛି । ଓଡିଶା ରାଜ୍ୟ ସଂଘର ସମ୍ପାଦକ ମୁନୁ ପଟେଲ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod IOS
Download Now:
https://play.google.com/store/app/details/id-com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି